

ଜେମିମାଙ୍କୁ ୧୨ ଲକ୍ଷ ଜରିମାନା

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-213 ◆THURSDAY ◆29 JANUARY 2026 ◆PAGE-12 ◆₹ 7.00

SAMBALPUR

◆ବର୍ଷ-୪୩ ◆ସଂଖ୍ୟା-୨୧୩ ◆ଗୁରୁବାର ◆୨୯ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ବିମାନ ଦୁର୍ଘଟଣା

# ଅଜିତ ପାୱାର ମୃତ

## ମହାରାଷ୍ଟ୍ରରେ ତିନି ଦିନିଆ ଶୋକ, ଅନ୍ତିମ ସଂସ୍କାର ଆଜି

■ ମୁମ୍ବାଇ, ୨୮।୧ (ଏଜେନ୍ସି): ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପିର ଅଧ୍ୟକ୍ଷ ଅଜିତ ପାୱାର ଆଉ ନାହାନ୍ତି। ଆଜି ଏକ ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ପାୱାରଙ୍କ ସମେତ ୫ଜଣଙ୍କର ମୃତ୍ୟୁ ହୋଇଛି। ମହାରାଷ୍ଟ୍ର ରାଜନୀତିରେ ଅଜିତ ଦାଦା ରୂପେ ପରିଚିତ ୬୬ ବର୍ଷୀୟ ପାୱାରଙ୍କ ମୃତ୍ୟୁକୁ ନେଇ ସମଗ୍ର ରାଜ୍ୟ ସ୍ତବ୍ଧ ହୋଇଯାଇଛି। ବିମାନ ଦୁର୍ଘଟଣାର ପ୍ରକୃତ କାରଣ ସଂପର୍କରେ ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ଖରାପ ପାଗ ଯୋଗୁଁ ଏଭଳି ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଆସନ୍ତାକାଲି ତାଙ୍କର ଅନ୍ତିମ ସଂସ୍କାର କରାଯିବାକୁ ଥିବା ବେଳେ ମହାରାଷ୍ଟ୍ରରେ ତିନି ଦିନିଆ ସରକାରୀ ଶୋକ ଘୋଷଣା କରାଯାଇଛି। ଅଜିତଙ୍କ ଅନ୍ତିମ ସଂସ୍କାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଉପସ୍ଥିତ ରହିପାରନ୍ତି ବୋଲି ଜଣାପଡ଼ିଛି।

ଆଜି ସକାଳେ ବିମାନ ଦୁର୍ଘଟଣାରେ ଅଜିତଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସାରା ରାଜ୍ୟ ଶୋକରେ ବୁଡ଼ିଯାଇଥିଲା। ଅଜିତ ଯାଉଥିବା ବିମାନଟି ବାରାମତି ବିମାନଘାଟୀରେ ଦୁର୍ଘଟଣାଗ୍ରସ୍ତ ହୋଇଥି। ବାରାମତିରେ ଏକ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗ ଦେବାଲାଗି ଅଜିତ ପାୱାର ଆଜି ସକାଳେ ଏହି ବିମାନ (ଚାର୍ଟର୍ଡ ଫ୍ଲାଇଟ୍)ରେ ଯାଇଥିଲେ। ସକାଳ ପ୍ରାୟ ୮ଟା ୪୫ ମିନିଟରେ ବିମାନ ଅବତରଣ କରିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କୁହୁଡ଼ି ଯୋଗୁଁ ବିମାନଟି ପ୍ରଥମ ଉଦ୍ୟମ କରି ବିଫଳ ହୋଇଥିଲା। ଅବତରଣ ପାଇଁ ଦ୍ୱିତୀୟ ଥର ଉଦ୍ୟମ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନ ରନୱେ ନିକଟରେ ଖସି ପଡ଼ିବା ସହିତ ପ୍ରଚଣ୍ଡ ବିସ୍ଫୋରଣ ▶ପୃଷ୍ଠା-୭



## ଶୋକ ବ୍ୟକ୍ତକଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୋହନ ଓ ନବୀନ

## ତଦନ୍ତ ଦାବିକଲେ ଖଡ୍‌ଗେ, ମମତା, ସିନ୍ଦେ, ଉଦ୍ଧବ

■ ବାରାମତୀ, ୨୮।୧ (ଏଜେନ୍ସି): ବିମାନ ଦୁର୍ଘଟଣାରେ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ପରେ ଏହାର କାରଣକୁ ନେଇ ରାଜନୈତିକ ମହଲରେ ତର୍ଜମା ଆରମ୍ଭ ହେବା ସହ ତଦନ୍ତ ଲାଗି ଦାବି ଜୋର୍ ଧରିଛି। କୁହୁଡ଼ି ଏବଂ ଦୃଶ୍ୟମାନ କ୍ଷମତା ହ୍ରାସ ପାଇବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସରକାର କହୁଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ର ଆଶଙ୍କା କରିଛନ୍ତି। ଦିଦି କହିଛନ୍ତି ଯେ କେହି ସୁରକ୍ଷିତ ନୁହନ୍ତି। ସୁପ୍ରିମକୋର୍ଟଙ୍କ ଅନୁଧ୍ୟାନରେ ମାମଲାର ସଠିକ ଯାଞ୍ଚ ହେବା ଉଚିତ। ଏହା କୌଣସି ଷଡ଼ଯନ୍ତ୍ର ନା ଅକାରଣରେ ଭୟ ସୃଷ୍ଟି କରାଯାଇଛି ତାହା ସମୟ କହିବ। ମାତ୍ର ପାଇଲଟଙ୍କୁ ଦୋଷ ଦେବା ଏବେ ସହଜ ହୋଇଯାଇଛି। ପୂର୍ବରୁ ଦୁଇଟି ମାମଲାରେ ଏଭଳି ▶ପୃଷ୍ଠା-୭

## ସୁନାରେ ନିଆଁ

### ୧୦ ଗ୍ରାମ୍ ୧.୫୪ ଲକ୍ଷ

■ ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି): ସୁନା ଏବଂ ରୁପା ମୂଲ୍ୟ ଆକାଶ ଛୁଆଁ ହେବାରେ ଲାଗିଛି। ଏହି ଦୁଇ ଧାତୁର ମୂଲ୍ୟ ହୁ ହୁ ହୋଇ ବଢ଼ି ଚାଲିଛି। କ୍ରମାଗତ ତୃତୀୟ ଦିନରେ ସୁନା ଏବଂ ରୁପା ମୂଲ୍ୟ ସର୍ବକାଳୀନ ରେକର୍ଡସ୍ତରରେ ପହଞ୍ଚି ଯାଇଛି। ବୁଧବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ମୂଲ୍ୟ ୫, ୩୭୪ ଟଙ୍କା ଏବଂ ରୁପା କେଜି ୧୩, ୭୦୩ ଟଙ୍କା ବଢ଼ିଛି। ଏଥିସହିତ ସୁନା ମୂଲ୍ୟ ୧, ୬୪, ୬୩୫ ଟଙ୍କାରେ ପହଞ୍ଚି ଯାଇଛି। ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



KALINGA INSTITUTE OF INDUSTRIAL TECHNOLOGY (KIIT)

Deemed to be University

(Established U/S 3 of UGC Act 1956), Bhubaneswar, Odisha, India

A++ Grade Accredited by NAAC | THE World University Rankings 2026: 501+ Cohort Globally, 5th India Rank | QS World University Rankings 2026: 1st in Odisha, 9th in India among pvt. universities | nirf 2025: 17th Among Indian Universities | NBA: Tier 1 Re-accredited by NBA | ABET: ABET (US) Accreditation | IET Accredited Programme: The Institute of Engineering and Technology | Special Consultative Status by the UN-ECOSOC | Partnership with UN Volunteers

KIITEE 2026

APPLY NOW

through KIIT Websites

www.kiitee.ac.in / www.kiit.ac.in

No Examination Fee (Computer-Based Test)

Scan to Apply

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes

[All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication
- Biotechnology

UG Programmes in other Disciplines
- B.Design (Automobile/ Graphic/Product)
- B.Design (Fashion / Textile)
- Integrated M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- B.Sc.(Fintech & Business Analytics)
- B.Sc.(Statistics & Data Analytics)
- BA LLB (Hons) (5 Years)
- BBA LLB (Hons) (5 Years)
- B.Sc LLB (Hons) (5 Years)

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- MBA (2 Years)
- MBA-Rural Management (2 Years)
- MBA -Agribusiness (2 Years)
- Integrated M.Tech & Ph.D
- Ph.D

2025 Placement Highlights

750+ Companies | 6000+ Job Offers | ₹53 LPA Highest Salary Offered | ₹8.50 LPA Average CTC | 1500+ Paid Internships

Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024 | admission@kiit.ac.in | kiitee.ac.in | 8080 735 735

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

# ବିମାନ ଦୁର୍ଘଟଣା ପାଇଁ ଦାୟୀ କିଏ?

ମୁମ୍ବାଇ, ୨୮ ।୧ (ଏଜେନ୍ସି): ମହାରାଷ୍ଟ୍ର ଉପ- ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ନେଇ ବିଭିନ୍ନ ଆକଳନ କରାଯାଉଛି । ତେବେ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ଯେ, କୁହୁଡ଼ି ଓ ଦୃଶ୍ୟମାନତା ହ୍ରାସ କାରଣରୁ ଏହି ଅଘଟଣ ଘଟିଛି । ପାୱାରଙ୍କୁ ନେଇ ଯାଉଥିବା ବିମାନଟି ତଳକୁ ଖସିବା ସମୟରେ ବା ଅବତରଣ କରିବାକୁ ଚେଷ୍ଟା କରୁଥିବା ବେଳେ ବାରାମତୀ ବିମାନବନ୍ଦରରେ ଘନ କୁହୁଡ଼ି ଓ ଦୃଶ୍ୟମାନ ଦୂରତା ବହୁତ କମ୍ ଥିଲା । ପୋଷାକ ଦ୍ୱାରା ଚିହ୍ନଟ କରାଯାଇଛି । ପାୱାର ତାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ, ଜଣେ ପରିଚାରକ ଓ ଦୁଇ ପାଇଲଟଙ୍କ ସହ ଯାତ୍ରା କରୁଥିଲେ । ବେସାମରିକ





## ଘଣ୍ଟା, ପୋଷାକ ଦ୍ୱାରା ମୃତଦେହ ଚିହ୍ନଟ

ଭିଆରଏସ୍ ଭେନଚର୍ସ ଦ୍ୱାରା ପରିଚାଳିତ ବମ୍ବାର୍ଡିୟର ଲ୍ୟାରଜେଟ୍-୪୫ ବିମାନବନ୍ଦର ପରିସର ଭିତରେ ହିଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ବିମାନରେ ବସିଥିବା ସବୁ ୫ ଜଣଙ୍କର ମୃତ୍ୟୁ ହୋଇଥିଲା । ପ୍ରଚଣ୍ଡ ଧକ୍କା ଓ ନିଆଁ କାରଣରୁ ସମ୍ପୂର୍ଣ୍ଣ ଜେଟ୍‌ଟି ନଷ୍ଟ ହୋଇଯାଇଥିଲା । ଅବତରଣ କରିବା ପୂର୍ବରୁ ବିମାନ ଆକାଶରେ ଘୂରି ବୁଲିଥିଲା । ବିମାନ ମୁମ୍ବାଇର ଛତ୍ରପତି ଶିବାଜୀ ଇଣ୍ଟରନ୍ୟାସନାଲ ବିମାନବନ୍ଦରରୁ ସକାଳ ୮.୧୦ରୁ ବାହାରିଥିଲା ଓ ୮.୪୫ରେ ରାଡାରରୁ ଅଦୃଶ୍ୟ ହୋଇଯାଇଥିଲା । ମୁମ୍ବାଇରୁ ବାରାମତୀର ଦୂରତା ୨୫୦ କିମି ଥିଲା ଓ ମାତ୍ର ଏକ ଘଣ୍ଟା ମଧ୍ୟରେ ବିମାନ ଯାତ୍ରା ଥିଲା ।

ଧ୍ୱଂସାବଶେଷରୁ ମୃତଦେହଗୁଡ଼ିକୁ ଚିହ୍ନଟ କରିବା କଷ୍ଟକର ହୋଇ ପଡ଼ିଥିଲା । ଘଣ୍ଟା ଓ ପୋଷାକ ଦ୍ୱାରା ପାୱାରଙ୍କ ମୃତଦେହକୁ ଚିହ୍ନଟ କରାଯାଇଥିଲା । ଅନ୍ୟମାନଙ୍କ ମୃତଦେହ ମଧ୍ୟ ସେମାନେ ପିନ୍ଧିଥିବା ଘଣ୍ଟା ଓ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏହି ବିମାନ ଦୁର୍ଘଟଣା ତଦନ୍ତ ଆରମ୍ଭ କରିଛି । ବିମାନର ଡାଟା ରେକର୍ଡର ଓ କକ୍‌ପିଟ୍ ଭଏସ ରେକର୍ଡର ବିମାନ ଉଡ଼ାଣର ଶେଷ ମୁହୂର୍ତ୍ତ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇପାରିବ । ଏହି ଦୁର୍ଘଟଣା ଓ ଅସମୟରେ ପାୱାରଙ୍କ ମୃତ୍ୟୁ ଭାରତୀୟ ରାଜନୀତିକୁ ଚକିତ କରିବା ସହ ଦୋହଲାଇ ଦେଇଛି । ୬୬ ବର୍ଷୀୟ ପାୱାର ମହାରାଷ୍ଟ୍ରର ସବୁଠାରୁ ପ୍ରତିଭା ତଥା କ୍ଷମତା ସମ୍ପର୍ଣ୍ଣ ନେତାମାନଙ୍କ ମଧ୍ୟରୁ ଜଣେ ଥିଲେ । ସେ ଉପ-ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ଷଷ୍ଠ କାର୍ଯ୍ୟକାଳ ସମ୍ପାଦନ କରୁଥିଲେ ।

ତେବେ ଏହି ଦୁର୍ଘଟଣାକୁ ନେଇ ଅନେକ ପ୍ରଶ୍ନ ଉଠିଲାଣି । ଖରାପ ପାଗରେ ବିମାନ ସେବା ପାଇଁ ବାରାମତୀ ବିମାନବନ୍ଦର ଉପଯୁକ୍ତ କି? ଯଦି କୁହୁଡ଼ି ଯୋଗୁଁ ବିମାନ ଅନେକ ଥର ଉଦ୍ୟମ କରିବା ସତ୍ତ୍ୱେ ଅବତରଣ କରିପାରୁ ନଥିଲା, ତାହାହେଲେ ଏଭଳି ସ୍ଥିତିରେ ଫେରିଯିବା ବଦଳରେ ବିମାନକୁ ଅବତରଣ ପାଇଁ କାହିଁକି ଅନୁମତି ମିଳିଲା? ବିମାନ ତଦନ୍ତ ବ୍ୟୁରୋ (ଏଏଆଇବି) ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି । ତଦନ୍ତ ସଂସ୍ଥାର ଏକ ଦଳ ବାରାମାତୀ ଯାଇଛି । ଆଉ ଏକ ଦଳ ଦିଲ୍ଲୀରେ ବିମାନ ଅପରେଟର, ଭିଆରଏସ୍ ଜେଞ୍ଚର୍ସର କାର୍ଯ୍ୟାଳୟରେ ପହଞ୍ଚି ଖୋଳତାଡ଼ ଚଳାଇଛି ।

## ଦୁର୍ଘଟଣା ପୂର୍ବରୁ କ'ଣ ଘଟିଥିଲା

ମୁମ୍ବାଇ, ୨୮ ।୧(ଏଜେନ୍ସି): ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ସମେତ ତାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ଏଚ୍‌ସି ବିଦୀପ ଜାଧବ, ପାଇଲଟ କ୍ୟାପଟେନ ସୁମିତ କପୁର, କ୍ୟାପ୍‌ଟେନ ସମ୍ଭାବୀ ପାଠକ ଓ ବିମାନ ପରିଚାଳିକା ପିଙ୍କି ମାଲି ମଧ୍ୟ ମୃତ୍ୟୁବରଣ କରିଛନ୍ତି ।। ଦୁର୍ଘଟଣା ହେବାର ଆଶଙ୍କା ଥିବା ସତ୍ତ୍ୱେ ମୁଖ୍ୟ ପାଇଲଟ ସୁମିତ କପୁର ମେଡେ କଲ୍ କରି ନଥିଲେ । କିନ୍ତୁ ତାଙ୍କ ସହ ଥିବା ମହିଳା କ୍ୟାପଟେନ



- ମହିଳା କ୍ୟାପଟେନଙ୍କ ଶେଷ ଶବ୍ଦ ଥିଲା ଓଃ ସିଟ୍.. ଓଃ ସିଟ୍
- ପାଇଲଟ ମେଡେ କଲ୍ କରି ନଥିଲେ

ସମ୍ଭାବୀ ପାଠକ କହିଥିଲେ ଯେ, 'ଓଃ ସିଟ୍... ଓଃ ସିଟ୍' । ବିମାନଟିର ପ୍ରଥମ ଅବତରଣ ପ୍ରୟାସ ବିଫଳ ହୋଇଥିଲା । ସକାଳର କୁହୁଡ଼ି ଓ ଦୃଶ୍ୟମାନତା କମ୍ ଯୋଗୁଁ ବିମାନ ରନୱେ-୧୧ରେ ଅବତରଣ କରିବାକୁ ଦ୍ୱିତୀୟଥର ପାଇଁ ପ୍ରୟାସ କରିଥିଲା । କିନ୍ତୁ ପାଇଲଟ ରନୱେ ଦେଖିପାରି ନଥିଲେ । ଏକାଧିକ ବାର ଅବତରଣ କରିବାକୁ ବିମାନ ପ୍ରୟାସ କରିଥିଲା । କିନ୍ତୁ ଦ୍ୱତୀୟଥର ଅବତରଣ କରିବା ବେଳେ ବିମାନ ଭୂଇଁ ମାଡ଼ ହୋଇଥିଲା । ଏହାପରେ ବିମାନରେ ୪ରୁ ୫ଟି ବିସ୍ଫୋରଣ ହୋଇଥିଲା ବୋଲି ପ୍ରତ୍ୟେକ୍ଷଦର୍ଶୀ କରିଛନ୍ତି । ଭୟଙ୍କର ଭାବେ ନିଆଁ ଜଳିବା କାରଣରୁ ସ୍ଥାନୀୟ ଲୋକ ସାହାଯ୍ୟ କରିପାରି ନଥିଲେ ।

## ବିଳାସପୂର୍ଣ୍ଣ ଲିଅରଜେଟ୍-୪୫

ନୂଆଦିଲ୍ଲୀ, ୨୮ ।୧(ଏଜେନ୍ସି): ଅଜିତ ପାୱାରଙ୍କ ବିମାନ ଭିଆରଏସ୍ ଭେନଚର୍ସ ଦ୍ୱାରା ପରିଚାଳିତ ଏକ ଲିଅରଜେଟ୍-୪୫ ବିମାନ ଥିଲା । ଏହା ଏକ ପ୍ରିମିୟମ ବିଜନେସ ତଥା ବିଳାସପୂର୍ଣ୍ଣ ଜେଟ୍ ଥିଲା । ଏହା ଘଣ୍ଟାପ୍ରତି ୮୬୦ରୁ ୮୭୦ କିମି ବେଗରେ ଯାତ୍ରା କରିବାକୁ ସକ୍ଷମ ଥିଲା । ଏହା ଥରକେ ୩, ୭୦୦ କିମି ଯାତ୍ରା କରିଥାଏ ଓ ଏଥିରେ ୬ରୁ ୮ ଜଣ ଯାତ୍ରୀ ବସିବାର ସୁବିଧା ଥିଲା । ଏହାର ସିଟ୍‌ଗୁଡ଼ିକ ବେଶ୍ ଆରାମ ଦାୟକ । ଛୋଟ ବିମାନବନ୍ଦରୁ ମଧ୍ୟ ଏହା ଉଡ଼ାଣ ଭରିପାରୁଥିଲା । ଛୋଟ ରନ୍‌ୱେରୁ ମଧ୍ୟ ଏହା




ଟେକ୍‌ଅଫ୍ କରିପାରୁଥିଲା । ଛୋଟ ସହରରେ ଯାତ୍ରା କରିବା ପାଇଁ ଏହା ଭଲ ଥିଲା । ଏଥିରେ ଦୁଇଟି ଉଚ୍ଚ କ୍ଷମତା ସମ୍ପନ୍ନ ଇଞ୍ଜିନ ଥିଲା । ଖୁବ୍‌ଶୀଘ୍ର ଟେକଅଫ୍ କରିବା ସହ ଏଥିରେ ଉଚ୍ଚକୋଟୀର ସନ୍ତୁଳନ ରକ୍ଷା ହୋଇ ପାରୁଥିଲା । ଏହା ମୁଖ୍ୟତଃ ବିଜନେସ ତଥା ଭିଆଇପି ଯାତ୍ରା, ମେଡ଼ିକାଲ ଇମର୍ଜେନ୍ସି ପାଇଁ ବ୍ୟବହୃତ ହୋଇଥାଏ । ପୂର୍ବରୁ ୨୦୨୩ରେ ଏକ ଲିଅରଜେଟ୍-୪୫ ବିମାନ ମୁମ୍ବାଇ ବିମାନବନ୍ଦରର ରନୱେ ସମାଲ ଢଙ୍ଗରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ୨୦୨୩ ସେପ୍ଟେମ୍ବର ୧୪ରେ ପ୍ରବଳ ବର୍ଷା ଓ କମ୍ ଦୃଶ୍ୟମାନତା ଦୂରତା କାରଣରୁ ଭିଆରଏସ୍ ଭେନଚର୍ସର ଏକ ଚାର୍ଟର୍ଡ ଲିଅରଜେଟ୍-୪୫ ବିମାନ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ସେତେବେଳେ ଏହି ବିମାନ ବିଶାଖାପାଟଣାରୁ ଉଡ଼ାଣ ଆରମ୍ଭ କରିଥିଲା ଓ ଏଥିରେ ପାଇଲଟ ଓ ସହ-ପାଇଲଟ ସମେତ ୬ଜଣ ବ୍ୟକ୍ତି ଯାତ୍ରା କରୁଥିଲେ ଓ ସେମାନେ ଆହତହୋଇଥିଲେ । ବିମାନଟି ଟ୍ୟାକ୍ସିୱେରୁ ଖସି ଦୁଇଖଣ୍ଡ ହୋଇଥିଲା ଓ ଏଥିରେ ନିଆଁ ଲାଗିଯାଇଥିଲା ।

### ବିମାନ ଦୁର୍ଘଟଣାରେ ଦେଶ ହରାଇଥିବା ବିଶିଷ୍ଟ ବ୍ୟକ୍ତି

- ହୋମୀ ଜାହାଙ୍ଗୀର ଭାବା- ୧୯୬୬
- ସଞ୍ଜୟ ଗାନ୍ଧୀ- ୧୯୮୦
- ମାଧବ ରାଓ ସିନ୍ଧିଆ- ୨୦୦୧
- ଜିଏମ୍‌ସି ବାଲାଯୋଗୀ- ୨୦୦୨
- ସାଇପ୍ରିୟନ ସାଙ୍ଗମା- ୨୦୦୪
- ଓପି ଜିନ୍ଦଲ ଓ ସୁରେନ୍ଦ୍ର ସିଂହ-୨୦୦୫
- ୱାଇଏସ୍ଆର ରେଡ୍ଡୀ- ୨୦୦୯
- ଦୋର୍ଜୀ ଖଣ୍ଡୁ- ୨୦୧୧
- ଜେନେରାଲ ବିପିନ ରାୱତ- ୨୦୨୧
- ବିଜୟ ରୂପାନି- ୨୦୨୫
- ଅଜିତ ପାୱାର- ୨୦୨୬

## ଅଜିତଙ୍କ ପରେ ଅନିଶ୍ଚିତତାରେ ଏନ୍‌ସିପିର ଭବିଷ୍ୟତ

ମୁମ୍ବାଇ, ୨୮ ।୧(ଏଜେନ୍ସି): ଅଜିତ ପାୱାରଙ୍କ ଅଚାନକ ମୃତ୍ୟୁ ମହାରାଷ୍ଟ୍ର ରାଜନୀତିରେ ହଠାତ୍ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି । ଜଣେ ଜନନେତା, କ୍ଷମତାର କେନ୍ଦ୍ର ଓ ଜଣେ ରଣନୀତିଜ୍ଞଙ୍କ ଅନୁପସ୍ଥିତି ଶାସକ ମହାୟୁତିକୁ ଅସ୍ଥିର କରିବ । ଏଥିସହ ବିଭାଜିତ ହୋଇଥିବା ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଭବିଷ୍ୟତକୁ ଆଶଙ୍କାରେ ପକାଇଛି ଏହି ଘଟଣା । ଅଜିତଙ୍କ ଅନୁପସ୍ଥିତି ଏନ୍‌ସିପି ଶିବିରରେ ନେତୃତ୍ୱ ଓ ଉତ୍ତରାଧିକାରୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଚଳିତ ପିଢ଼ି ପାଇଁ ଅଜିତଙ୍କ ବିନା ମହାରାଷ୍ଟ୍ର ରାଜନୈତିକ ପରିସ୍ଥିତି କଳ୍ପନା କରିବା କଷ୍ଟକର ମନେ ହେଉଛି । ଲଗାତର ଭାବେ ମହାରାଷ୍ଟ୍ରର ସବୁଠାରୁ ଦୀର୍ଘ ସମୟଧରି ଉପ-ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଅଜିତ କ୍ଷମତା ବିକଳ୍ପ ଶକ୍ତି କେନ୍ଦ୍ର ମଧ୍ୟରୁ ଅନ୍ୟତମ ଥିଲେ । ଅସମୟରେ ତାଙ୍କ ମୃତ୍ୟୁ ମହାରାଷ୍ଟ୍ର ରାଜନୀତି, ଖାସ କରି ଏନ୍‌ସିପିର ଦୁଇଗୋଷ୍ଠୀକୁ ଅନିଶ୍ଚିତତାକୁ ଠେଲି ଦେଇଛି ।

ନିଜର ଅସାଧାରଣ ନମନୀୟତ ପାଇଁ ଅଜିତ ବିଭିନ୍ନ ପ୍ରକାର ସ୍ଥିତିରେ ନିଜକୁ ଖାପ୍ ଖୁଆଇବା ସହ ନିଜର ଉପସ୍ଥିତି ଜାହିର କରିପାରୁଥିଲେ । ତାଙ୍କ ଦେହାନ୍ତ ଏବେ ମହାୟୁତି ସରକାର ଉପରେ ନକାରାତ୍ମକ ପ୍ରଭାବ ପକାଇବ । ଉଲ୍ଲେଖଯୋଗ୍ୟ ଯେ, ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମହାୟୁତି ସରକାରରେ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଓ ଅଜିତଙ୍କ ଏନ୍‌ସିପି ମେଣ୍ଟରେ ସାମିଲ ଥିଲା । ସରକାରରେ ଏବେ ଏନ୍‌ସିପିର ୪୧ ଜଣ ବିଧାୟକ ସାମିଲ ଅଛନ୍ତି । ଏନ୍‌ସିପି ରାଜ୍ୟ ସରକାରରେ ଏକ ନିର୍ଣ୍ଣାୟକ ତଥା ଦୃଢ଼ ଭୂମିକା ଗ୍ରହଣ କରିଛି । ୨୦୨୩ରେ ଅଜିତ ଦାଦା ଶରତ ପାୱାରଙ୍କ ଏନ୍‌ସିପିରୁ ଅଲଗା ହୋଇଥିଲେ ଓ ମୂଳ ଦଳକୁ ଭାଙ୍ଗିଦେଇଥିଲେ । ସେତେବେଳେ ସେ ବିଜେପି-ସେନା ମହାୟୁତି ମେଣ୍ଟରେ ଯୋଗ ଦେଇଥିଲେ । କିନ୍ତୁ ଏହା ପୂର୍ବରୁ ୨୦୧୯ରେ ଅଜିତ ବିଜେପିରେ ସାମିଲ ହୋଇଥିଲେ ଏବଂ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । କିନ୍ତୁ ଶରଦ ପାୱାର ଡାକିବା ପରେ ସେ ଏନ୍‌ସିପିକୁ ଫେରିଥିଲେ । ତେବେ ୪ ବର୍ଷ ପରେ ସେ ପୁଣି ଦଳକୁ ବିଭାଜିତ କରିଥିଲେ ।

ଅଜିତଙ୍କ ମୃତ୍ୟୁ ଏବେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏନ୍‌ସିପିରୁ ଏବେ କିଏ ଉପ- ମୁଖ୍ୟମନ୍ତ୍ରୀ ହେବେ? ଏନ୍‌ସିପିର ଦୁଇଟି ଗୋଷ୍ଠୀ ପୁଣି ମିଶିବେ ଓ ଏକାଠି ହେବେ କି? ଅଜିତଙ୍କ ଏନ୍‌ସିପି କାହା ସହିତ ନ ମିଶି ଏକା ରହିବ କି? ଅଜିତଙ୍କ ଅନୁପସ୍ଥିତିରେ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ଏନ୍‌ସିପିର ଭାର ସମ୍ଭାଳିବେ କି? ଏଭଳି କେତୋଟି ପ୍ରଶ୍ନ ଉତ୍ତର ଏବେ ମିଳନାହିଁ । ଅଜିତଙ୍କ ଦୁଇ ପୁଅ ପାର୍ଥ ଓ ଜୟ ପାୱାର ମଧ୍ୟ ଅଛନ୍ତି । ପାର୍ଥ କିଛି ସମୟ ପାଇଁ ରାଜନୀତିରେ ପାଦ ଦେଇଥିଲେ ଓ ମହାରାଷ୍ଟ୍ରର ମାଭାଲ ନିର୍ବାଚନମଣ୍ଡଳୀରୁ ଲୋକସଭା ନିର୍ବାଚନ ଲଢ଼ି ବଡ଼ ବ୍ୟବଧାନରେ ପରାସ୍ତ ହୋଇଥିଲେ । ତେବେ ଜୟ ରାଜନୀତିରୁ ନିଜକୁ ଦୂରେଇ ରଖିଛନ୍ତି ଓ ସେ ସାର୍ବଜନୀନ ହେବାକୁ ପସନ୍ଦ କରି ନଥାନ୍ତି । ଅଜିତଙ୍କ ପତ୍ନୀ ୬୨ ବର୍ଷୀୟ ସୁନେତ୍ରା ପାୱାର ରାଜ୍ୟସଭା ସାଂସଦ ଅଛନ୍ତି । ସେ ବାରାମତୀ ଟେକ୍ସଟାଇଲ୍ସ କମ୍ପାନୀର ଅଧ୍ୟକ୍ଷ ଭାରତୀୟ ପରିବେଶ ଫୋରମର ଅଧ୍ୟକ୍ଷ ଅଛନ୍ତି ।

## ନୂଆ ୟୁଜିସି ନିୟମ: ଶୁଣାଣି ପାଇଁ ସୁପ୍ରିମ୍‌କୋର୍ଟ ପ୍ରସ୍ତୁତ



ନୂଆଦିଲ୍ଲୀ, ୨୮ ।୧(ଏଜେନ୍ସି): ନୂଆ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିୟମ ବିରୋଧରେ ସାରା ଦେଶରେ ପ୍ରତିବାଦ ଦେଖିବାକୁ ମିଳିଛି । ସାଧାରଣ ବର୍ଗର ଛାତ୍ର ଓ ଉଚ୍ଚଜାତିରେ ଲୋକମାନେ ଏକାଠି ହୋଇ ପ୍ରତିବାଦ ଜାରି ରଖିଛନ୍ତି । ବୁଧବାର ସୁପ୍ରିମକୋର୍ଟ ନୂଆ ନିୟମ ବିରୋଧରେ ଦାଏର କରାଯାଇଥିବା ଆବେଦନଗୁଡିର ଶୁଣାଣି କରିବା ପାଇଁ ହୋଇଥିବା ଦାବିଗୁଡ଼ିକୁ ଗ୍ରହଣ କରିଛନ୍ତି । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଓକିଲମାନଙ୍କ ଯୁକ୍ତି ଶୁଣିଥିଲେ । ସିଜେଆଇ କହିଥିଲେ ଯେ, କ'ଣ ଘଟୁଛି ଆମେ ସେ ବିଷୟରେ ଭଲଭାବେ ଅବଗତ । ତ୍ରୁଟିଗୁଡ଼ିକ ସମାଧାନ କରିବା ନିଶ୍ଚିତ କରନ୍ତୁ । ଆମେ ସେ ସବୁକୁ ତାଲିକା ଭୁକ୍ତ କରିବୁ । ଉତ୍ତର ପ୍ରଦେଶ ଓ ବିହାରରେ ପ୍ରତିବାଦ ବ୍ୟାପକ ହୋଇଥିଲା । ଉତ୍ତର ପ୍ରଦେଶର ପିଲଭିତ୍‌ରେ, ଉଚ୍ଚ ଜାତିର ପୁରୁଷମାନେ ଲଣ୍ଡା ହୋଇଥିଲେ । ସେହିପରି ବିହାରରେ ପ୍ରଧାନମନ୍ତ୍ରୀ ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ପୋଷ୍ଟରରେ ବିକ୍ଷୋଭକାରୀମାନେ କଳା ବୋଳିଥିଲେ ।

## ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତିଙ୍କ ପତ୍ନୀଙ୍କୁ ୨୦ ମାସ ଜେଲ୍

ସିଓଲ, ୨୮ ।୧(ଏଜେନ୍ସି): ଦକ୍ଷିଣ କୋରିଆର ପୂର୍ବତନ ରାଷ୍ଟ୍ରପତି ୟୁନ ସୁକ ୟୋଲଙ୍କ ପତ୍ନୀ ତଥା ପ୍ରଥମ ମହିଳା କିମ୍ କିୟୋନଙ୍କୁ ଦୁର୍ନୀତି ମାମଲାରେ ୨୦ ମାସ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି । ୩ଟି ମାମଲାରେ ଏକା ସାଙ୍ଗରେ ବିଚାର ଚାଲିଥିଲା । ସିଓଲର ଏକ ଜିଲ୍ଲା କୋର୍ଟ ତାଙ୍କୁ ବିବାଦୀୟ



ଧାର୍ମିକ ସଂଗଠନ ୟୁନିଫିକେଶନ ଚର୍ଚ୍ଚଠାରୁ ଦାମୀ ଉପହାର ନେବା ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏଥିରେ ଏକ ଚାନେଲ ହ୍ୟାଣ୍ଡବ୍ୟାଗ ଓ ଏକ ଗ୍ରାଫ୍- ବ୍ରାଣ୍ଡେଡ ହୀରା ହାର ଅନ୍ତର୍ଭୁକ୍ତ । କୋର୍ଟ ରାୟ ଦେଇ ଉଲ୍ଲେଖ କରିଛନ୍ତି ଯେ, କିମ୍ ତାଙ୍କ ବ୍ୟକ୍ତିଗତ ଲାଭ ପାଇଁ ତାଙ୍କ ପଦବୀର ଅପବ୍ୟବହାର କରିଥିଲେ ଓ ସେ ଏକ ଦାମୀ ତଥା ବିଳାଷପୂର୍ଣ୍ଣ ଉପହାର ଗ୍ରହଣ କରିବାକୁ ବେଶ୍ ଇଚ୍ଛୁକ ଥିଲେ । ଅବଶ୍ୟ ପ୍ରମାଣ ଅଭାବରୁ ତାଙ୍କୁ ଷ୍ଟକ ମାର୍କେଟ ହେରଫେର ଏବଂ ଏକ ମୁକ୍ତ ଜନମତ ସର୍ଭେ ପରିଚଳାନ ଅଭିଯୋଗରୁ ମୁକ୍ତ କରାଯାଇଛି । କିମଙ୍କ ସ୍ୱାମୀ ତଥା ପୂର୍ବତନ ରାଷ୍ଟ୍ରପତି ୟୁନ୍ ସୁକ୍ ଏବେ ଜେଲ୍‌ରେ ଅଛନ୍ତି । ଉଲ୍ଲେଖଥାଉ କି, ୟୁନିଫିକେଶନ ଚର୍ଚ୍ଚ ପୂର୍ବରୁ ବିବାଦରେ ଜଡ଼ିତ ଥିଲା ଏବଂ ପୂର୍ବତନ ରାଷ୍ଟ୍ରପତି ସିଞ୍ଜୋ ଆବେଙ୍କ ହତ୍ୟାକାଣ୍ଡରେ ମଧ୍ୟ ଏହି ଚର୍ଚ୍ଚର ନାମ ଜଡ଼ିତ ଥିଲା । ଦକ୍ଷିଣ କୋରିଆ ଇତିହାସରେ ପ୍ରଥମଥର ପାଇଁ ଜଣେ ପୂର୍ବତନ ରାଷ୍ଟ୍ରପତି ଓ ତାଙ୍କ ପତ୍ନୀ ଏକାଠି ଜେଲ୍‌ରେ ରହିଛନ୍ତି ।

## ସଂସଦର ବଜେଟ ଅଧିବେଶନ ଆରମ୍ଭ

### ବିଶ୍ୱରେ ସେତୁର ଭୂମିକା ନିର୍ବାହ କରୁଛି ଭାରତ: ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି): ସଂସଦର ବଜେଟ ଅଧିବେଶନ ବୁଧବାରଠାରୁ ଆରମ୍ଭ ହୋଇଛି । ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକସଭା ଏବଂ ରାଜ୍ୟସଭାର ଯୁଗ୍ମ ବୈଠକକୁ ସମ୍ବୋଧନ କରିଛନ୍ତି । ସେ ସରକାରଙ୍କ କାର୍ଯ୍ୟର ପ୍ରଶଂସା କରିଛନ୍ତି । ବିଶ୍ୱରେ ଲାଗି ରହିଥିବା ଅସ୍ଥିରତାକୁ ନେଇ ଭାରତ ସେତୁର ଭୂମିକା ନିର୍ବାହ କରୁଥିବା କହିଛନ୍ତି । ରାଷ୍ଟ୍ରପତି ଭିବି- ଜି ରାମ ଜି ବିଲ୍ ପ୍ରସଙ୍ଗ ଉଠାଇବାରୁ ବିରୋଧୀ ହଙ୍ଗାମା କରିଛନ୍ତି । ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି ।

୪୫ ମିନିଟର ସମ୍ବୋଧନରେ ରାଷ୍ଟ୍ରପତି କହିଛନ୍ତି ଯେ, ଦେଶର ଆର୍ଥିକ ପ୍ରଗତି ଏବଂ ସାମାଜିକ ନ୍ୟାୟ ପାଇଁ ସରକାର ପ୍ରତିବଦ୍ଧ । ଦୁର୍ନୀତିର ମୁକାବିଲା କରିବାରେ ସରକାର ସଫଳ ହୋଇଛନ୍ତି । ୧୦ ବର୍ଷରେ ୪ କୋଟି ଗରିବଙ୍କୁ ଘର ମିଳିଛି । ଚାଉଳ ଉତ୍ପାଦନରେ ଭାରତ ସମସ୍ତଙ୍କୁ ପଛରେ ପକାଇ ଦେଇଛି । ଆଜି ବିଶ୍ୱ କଠିନ ସମୟ ଦେଇ ଗତି କରୁଛି । ଦୀର୍ଘ ଦିନରୁ ଜାରି ସମୀକରଣ ବଦଳି ଯାଇଛି । କଠିନ ପରିସ୍ଥିତିରେ ଭାରତ ଦ୍ରୁତଗତିରେ ବିକାଶ କରୁଛି । ଏହା ପଛରେ ଦୂରଦୃଷ୍ଟି ସମ୍ପନ୍ନ ବିଦେଶୀ ନୀତି ରହିଛି । ଦେଶଗୁଡ଼ିକ ଭାରତ ଉପରେ ବିଶ୍ୱାସ କରୁଛନ୍ତି । ଭାରତ ମାନବୀୟ ଦୃଷ୍ଟିକୋଣକୁ ପ୍ରାଧାନ୍ୟ ଦେଉଛି । ଗ୍ଲୋବାଲ ସାଉଥର ସ୍ୱରକୁ ଭାରତ ଜୋରଦାର କରିଛି । ପୁରୁଣା ସମ୍ବନ୍ଧକୁ ମଜବୁତ କରି ନୂଆ ସମ୍ପର୍କ ଗଢ଼ାଯାଇଛି । ବିଶ୍ୱ ରାଜନୀତିର କେନ୍ଦ୍ରରେ ମାନବିକତା ରହିବା ଉଚିତ ବୋଲି ରାଷ୍ଟ୍ରପତି କହିଛନ୍ତି ।

**ଜି ରାମ ଜିକୁ ନେଇ ବିରୋଧୀଙ୍କ ହଙ୍ଗାମା**

ଅନ୍ୟପଟେ ରାଷ୍ଟ୍ରପତି ନିଜ ସମ୍ବୋଧନରେ ଭିବି- ଜି ରାମ ଜି ଆଇନ କଥା ଉଠାଇବାରୁ ବିରୋଧୀ ହଙ୍ଗାମା କରିଥିଲେ । ସେମାନେ ଏହାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ । ମାତ୍ର ଏନ୍‌ଡିଏ ସାଂସଦ ସମର୍ଥନରେ ସ୍ଲୋଗାନ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ଅମିତ ଶାହା ଟେବୁଲ ବାଡ଼େଇ ଥିଲେ । ସୂଚନାଯୋଗ୍ୟ ଯେ ଏହି ବଜେଟ ଅଧିବେଶନ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପର୍ଯ୍ୟାୟରେ ଏହା ଫେବୃଆରୀ ୧୩ ଏବଂ ପରେ ମାର୍ଚ୍ଚ ୯ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଗୃହକାର୍ଯ୍ୟ ଜାରି ରହିବ । ଏହି ସମୟରେ ୩୦ଟି ବୈଠକ ଅନୁଷ୍ଠିତ ହେବ । ୧ ତାରିଖ ରବିବାର ବଜେଟ ଉପସ୍ଥାପନ କରାଯିବ ।

## ମାଘ ମେଳା ଛାଡ଼ିଲେ ଅବିମୁକ୍ତେଶ୍ୱରାନନ୍ଦ



ପ୍ରୟାଗରାଜ, ୨୮ ।୧(ଏଜେନ୍ସି): ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ଓ ମାଘ ମେଳା ପ୍ରଶାସନ ମଧ୍ୟରେ ଚାଲିଥିବା ମତପାର୍ଥକ୍ୟ ଏବେ ନୂଆ ମୋଡ଼ ନେଇଛି । ଅବିମୁକ୍ତେଶ୍ୱରାନନ୍ଦ ବୁଧବାର ପ୍ରୟାଗରାଜରେ ଚାଲିଥିବା ମାଘ ମେଳା ଛାଡ଼ି ଚାଲିଯାଇଛନ୍ତି । ବିନା ସ୍ନାନ କରି ଦୁଃଖରେ ଫେରିଯାଉଛି ବୋଲି ସେ କହିଛନ୍ତି । ପ୍ରୟାଗରାଜ ସର୍ବଦା ବିଶ୍ୱାସ ଓ ଶାନ୍ତିର ଭୂମି ରହିଆସିଛି । ମୋ ଦୁଃଖର ଭରଣା କରିବାକୁ କେଉଁ ନେତା ଓ କିମ୍ବା ଦଳ ଆସିବେ ତାହା ଜାଣିନାହିଁ ବୋଲି ସେ କହିଛନ୍ତି । ଭକ୍ତମାନଙ୍କ ସହ ଏଠାକୁ ଆସିଥିଲି, କିନ୍ତୁ ଏଠାରେ ଯାହା ଘଟିଗଲା ତାହା କେବେ ଆଶା କରିନଥିଲି । ଯେଉଁମାନେ ସନାତନ ପ୍ରତୀକକୁ ଅପମାନିତ କରିଛନ୍ତି, ସେମାନଙ୍କୁ ସେମାନଙ୍କୁ ସ୍ଥାନ ଦେଖାଇବାକୁ ପଡ଼ିବ । ସେ କହିଛନ୍ତି ଯେ, ଗତକାଲି ମାଘ ମେଳା ପ୍ରଶାସନ ପକ୍ଷରୁ ଏକ ଚିଠି ଓ ପ୍ରସ୍ତାବ ଦିଆଯାଇଥିଲା । ପାଲିଙ୍କି ସହିତ ମୋତେ ସମ୍ମାନର ସହିତ ସଂଗମକୁ ନିଆଯାଇ ସ୍ନାନ କରାଇବାର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା । ମୋ ଉପରେ ଫୁଲ ବର୍ଷା କରାଯିବ । କିନ୍ତୁ ମୁଁ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲି । ଯେତେବେଳେ ହୃଦୟରେ ଦୁଃଖ ଓ କ୍ରୋଧ ଥାଏ, ସେତେବେଳେ ପବିତ୍ର ଜଳ ମଧ୍ୟ ଶାନ୍ତି ଦେଇ ନଥାଏ । ଉଲ୍ଲେଖଥାଉ କି, ଏବେ ଏହି ମାମଲା ଆହ୍ଲାବାଦ୍ ହାଇକୋର୍ଟରେ ପହଞ୍ଚିଛି । ଓକିଲ ଗୌରବ ଦ୍ୱିବେଦୀ ଏହି ମାମଲାର ସିବିଆଇ ତଦନ୍ତ ଦାବି କରି ମୁଖ୍ୟ ବିଚାରପତିଙ୍କୁ ଏକ ପିଟିସନ ପଠାଇଛନ୍ତି । ମାଘ ମେଳା ଫେବୃଆରୀ ୧୫ ପର୍ଯ୍ୟନ୍ତ ଚାଲିବ । ଆହୁରି ଦୁଇଟି ସ୍ନାନ ବାକି ଅଛି । ଫେବୃଆରୀ ୧ରେ ମାଘି ପୂର୍ଣ୍ଣିମା ଓ ଫେବୃଆରୀ ୧୫ରେ ମହାଶିବରାତ୍ରିରେ ସ୍ନାନ ହେବ । ବିବାଦ ଯୋଗୁଁ ଶଙ୍କରାଚାର୍ଯ୍ୟ ୧୮ ଦିନ ପୂର୍ବରୁ ମାଘ ମେଳା ଛାଡ଼ି ଦେଇଛନ୍ତି । ମୌନୀ ଅମାବାଶ୍ୟାରେ ଶଙ୍କରାଚାର୍ଯ୍ୟଙ୍କର ପ୍ରଶାସନ ସହିତ ବିବାଦ ହୋଇଥିଲା । ସେ ବସନ୍ତ ପଞ୍ଚମୀରେ ମଧ୍ୟ ସ୍ନାନ କରି ନଥିଲେ । ଏବେ ବାକିଥିବା ଦୁଇଟି ସ୍ନାନରେ ମଧ୍ୟ ସେ ଅଂଶଗ୍ରହଣ କରିବେ ନାହିଁ ବୋଲି ଜଣାପଡ଼ିଛି ।

## ୟୁକ୍ରେନରେ ରୁଷିଆ ଆକ୍ରମଣ, ୧୨ ମୃତ

କିଭ୍, ୨୮ ।୧(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ୪ ବର୍ଷ ପୂରଣ କରିବାକୁ ଯାଉଥିଲେ ମଧ୍ୟ ଏହା ଥମିବାର ନାଁ ନେଉନାହିଁ । ଦୁଇ ଦେଶ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ପାଇଁ ଓ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଆଲୋଚନା ଚାଲିଥିବା ବେଳେ ରୁଷିଆ ପୁଣି ଥରେ ୟୁକ୍ରେନ ଉପରେ ଆକ୍ରମଣ କରିଛି । ମଙ୍ଗଳବାର ରାତିରେ ହୋଇଥିବା ଏହି ଆକ୍ରମଣରେ ୧୨ଜଣ ମୃତ୍ୟୁବରଣ କରିଛନ୍ତି । ରୁଷିଆ ଆକାଶ ମାର୍ଗରୁ ଏକ ଯାତ୍ରୀବାହୀ ଟ୍ରେନ୍ ଓ ଶକ୍ତି ଭିତ୍ତିଭୂମିକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲା ବୋଲି ୟୁକ୍ରେନର ଅଧିକରୀମାନେ ସୂଚନା ଦେଇଛନ୍ତି । ଉତ୍ତର-ପୂର୍ବ ଖାରକିଭ୍ ଅଞ୍ଚଳରେ ପ୍ରାୟ ୨୦୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟ୍ରେନ୍‌ର ବଗିକୁ ଏକ ଡ୍ରୋନ ଧକ୍କା ଦେଇଥିଲା । ଫଳରେ ଅତିକମ୍‌ରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ ବୋଲି ୟୁକ୍ରେନ ପ୍ରଧାନମନ୍ତ୍ରୀ ୟୁଲିଆ ସ୍ୱିରିଡେନକୋ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି । ଏହି ଆକ୍ରମଣକୁ ସେ କଡ଼ା ଭାଷାରେ ନିନ୍ଦା କରିଛନ୍ତି । ସେହିପରି ଦକ୍ଷିଣ ଓଡେସା ସହରରେ ୫୦ରୁ ଅଧିକ ରୁଷିଆ ଡ୍ରୋନ୍ ମାଡ଼ରେ ୩ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୩୦ରୁ ଅଧିକ ଲୋକ ଆହତ ହୋଇଥିଲେ । ରପ୍ତାନୀ ପାଇଁ ୟୁକ୍ରେନ କୃଷ୍ଣ ସାଗର ଉପରେ ନିର୍ଭର କରୁଥିବା ବେଳେ ରୁଷୀୟ ସେନା ଏହା ଉପରେ ନିୟମିତ ଆକ୍ରମଣ ଜାରି ରଖିଛି । ଏହି ଆକ୍ରମଣ ଶାନ୍ତି ପ୍ରୟାସକୁ ଦୁର୍ବଳ କରିଛି ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କି କହିଛନ୍ତି । ଏହି ଆକ୍ରମଣରେ ଲକ୍ଷଲକ୍ଷ ଲୋକଙ୍କୁ ବିଦ୍ୟୁତ ସରବରାହରୁ ବଞ୍ଚିତ ହେବାକୁ ପଡ଼ିଛି ବୋଲି କୁହାଯାଇଛି ।

## ୧୦ ମିନିଟର ଆତଙ୍କ : ଜୟପୁରରେ ରନ୍‌ୱେ ଛୁଇଁ ପୁଣି ଉଡ଼ିଲା ବିମାନ



ଜୟପୁର, ୨୮ ।୧(ଏଜେନ୍ସି): ଦିଲ୍ଲୀରୁ ଜୟପୁର ପହଞ୍ଚିଥିବା ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧୯ ଅବତରଣ ବିଫଳ ହେବା ପରେ ଆତଙ୍କ ଖେଳିଯାଇଥିଲା । ବୁଧବାର ଜୟପୁର ବିମାନବନ୍ଦର ରନୱେକୁ ଛୁଇଁ ବିମାନ ପୁଣି ଉଡ଼ିଥିଲା । ମିଳିଥିବା ସୂଚନା ଅନୁଯାୟୀ, ରାଜସ୍ଥାନ କଂଗ୍ରେସ ପ୍ରଭାରୀ ସୁଖଜିନ୍ଦର ସିଂହ ରାନ୍ଧୱା ଏହି ବିମାନରେ ଯାତ୍ରା କରୁଥିଲେ । ରାନ୍ଧୱା ପଞ୍ଜାପର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ଥିଲେ ଓ ସେ ଏବେ ଗୁରଦାସପୁରର କଂଗ୍ରେସ ସାଂଦସ ଅଛନ୍ତି । ବିମାନଟି ଫେରିଯିବା ପରେ ୧୦ ମିନିଟ୍ ପରେ ଦ୍ୱିତୀୟ ପ୍ରୟାସରେ ସୁରକ୍ଷିତ ଭାବେ ଅବତରଣ କରିଥିଲା । ଫଳରେ ଏକ ବଡ଼ ଧରଣର ଦୁର୍ଘଟଣାରୁ ବିମାନଟି ବର୍ତ୍ତିଯାଇଥିଲା । ବିମାନଟି ବୁଧବାର ଅପରାହ୍ଣ ୧.୦୫ରେ ଅବତରଣ କରିବାରଥିଲା । ରନୱେ ଛୁଇଁବା ମାତ୍ରେ ହିଁ ବିମାନଟି ପୁଣି ଉପରକୁ ଉଠିଥିଲା । ଅବତରଣ କରିବା ବେଳେ ବିମାନ ଆପ୍ରୋଚ ଠିକ୍ ନଥିଲା ଅର୍ଥାତ ଅସ୍ଥିର ଥିଲା । ଫଳରେ ପାଇଲଟ ସୁରକ୍ଷାକୁ ପ୍ରାଥମିକତା ଦେଇ ବିମାନକୁ ଆକାଶର ଘୂର୍ଣ୍ଣନ କରିବାକୁ ନିଷ୍ପତ୍ତି ନେଇଥିଲେ । ଶେଷରେ ୧୦ ମିନିଟ ପରେ ବିମାନ ଅବତରଣ କରିଥିଲା । ଏହି ୧୦ ମିନିଟ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଥିଲା ଓ ଯାତ୍ରୀମାନେ ଚିତ୍କାର କରିବା ଆରମ୍ଭ କରିଦେଇଥିଲେ । ବିମାନରେ ୧୩୫ ଜଣ ଯାତ୍ରୀ ଥିଲେ ।

**ବିମାନରେ ଥିଲେ କଂଗ୍ରେସର ପ୍ରଦେଶ ପ୍ରଭାରୀ ସୁଖଜିନ୍ଦର ରାନ୍ଧୱା**

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 43 • ISSUE-213 • THURSDAY • 29 JANUARY 2026 • PAGE-12 • ₹ 7.00

ବର୍ଷ-୪୩ • ସଂଖ୍ୟା-୨୧୩ • ଗୁରୁବାର • ୨୯ ଜାନୁଆରୀ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦


## ରାଜ୍ୟସଭା ରାଜନୀତି ଗୋଳିଆ

# ନବୀନଙ୍କ ହାତରେ ୪ର୍ଥ ଆସନ ଚାବି

■ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଗଲେ ସମର୍ଥନ ଦେବ କଂଗ୍ରେସ
■ ଫେବୃଆରୀରେ ନବୀନଙ୍କୁ ଭେଟିବାକୁ ଭକ୍ତ ମାଗିଲେ ସମୟ
■ ୪ର୍ଥ ଆସନ ପାଇଁ ବିଜେପି ଲୋଡ଼ିପାରେ ବିଜେଡିର ସମର୍ଥନ
■ ରାଜସ୍ୱ ମନ୍ତ୍ରୀ କହିଲେ ସମୟ ଆସିଲେ ସବୁ କଥା ସ୍ପଷ୍ଟ ହେବ

■ ଭୁବନେଶ୍ୱର,୨୮।୧(ସମିସ): ଆସନ୍ତା ଏପ୍ରିଲରେ ଖାଲି ହେଉଥିବା ଓଡ଼ିଶାର ୪ ରାଜ୍ୟସଭା ଆସନ ପାଇଁ ଏବେ ଠାରୁ ଜୋର ଧରିଲାଣି ରାଜନୀତି। ଦୁଇଟି ଆସନ ବିଜେପି ସପକ୍ଷରେ ଓ ଗୋଟିଏ ଆସନ ବିଜେଡିକୁ ଯିବା ପ୍ରାୟତଃ ନିଶ୍ଚିତ ଥିବାବେଳେ ଏବେ ସମସ୍ତଙ୍କ ଆଖି ୪ର୍ଥ ଆସନ ଉପରେ ରହିଛି। ଯଦିଓ ନିର୍ବାଚନ ପାଇଁ ଏଯାବତ୍ ବିଜ୍ଞପ୍ତି ପ୍ରକାଶ ପାଇନାହିଁ; ତଥାପି ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କର ବୟାନବାଜି ପ୍ରତିଦିନ ନୂଆ ନୂଆ ସମୀକରଣ ସୃଷ୍ଟି କରୁଛି। ଏପରିସ୍ଥଳେ ପିସିସି ସଭାପତି ଭକ୍ତଚରଣ ଦାସ ଚତୁର୍ଥ ଆସନ ପାଇଁ ବିଜେଡି-କଂଗ୍ରେସ ମିଳିତ ପ୍ରାର୍ଥିତ୍ୱ ଉପରେ ଗୁରୁତ୍ୱ ଦେଇଛନ୍ତି । ରାଜ୍ୟର ଜଣେ ବିଶିଷ୍ଟ ତଥା ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ଯଦି ପ୍ରାର୍ଥୀ କରାଯାଏ, ତାହେଲେ କଂଗ୍ରେସ ତାଙ୍କୁ ସମର୍ଥନ କରିବ ବୋଲି ଭକ୍ତ ଉଲ୍ଲେଖ କରି ଫେବୃଆରୀ ପ୍ରଥମ ସପ୍ତାହରେ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବାକୁ ସେ ସମୟ ମାଗିଥିବା କହିଛନ୍ତି। ଭକ୍ତଙ୍କ ଉଦ୍ୟମ ଯଦି ସଫଳ ହୁଏ, ତାହେଲେ ରାଜ୍ୟ ରାଜନୀତିରେ ଏକ ରୋଚକ ଚିତ୍ର ଦେଖିବାକୁ ମିଳିବ। ଅପରପକ୍ଷେ ଚତୁର୍ଥ ଆସନରେ ପ୍ରାର୍ଥୀ ଦେବା ପାଇଁ ବିଜେପି ମଧ୍ୟ ନବୀନଙ୍କୁ ସମର୍ଥନ ମାଗିବାକୁ ବିଚାର କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଦଳର ଜାତୀୟ ନେତୃତ୍ୱ ଏ ସଂକ୍ରାନ୍ତରେ ବିଜେଡି ସୁପ୍ରିମୋଙ୍କ ସହ ଆଲୋଚନା କରିପାରନ୍ତି ବୋଲି ଦଳର ଜଣେ ବଡ଼ ନେତା ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି । ମୋଟାମୋଟି ଭାବେ ଚତୁର୍ଥ ଆସନର ଚାବି ନବୀନଙ୍କ ହାତରେ ଥିବାବେଳେ ଏହାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଓ ଆଲୋଚନା ଦାନା ବାନ୍ଧିଛି ।

ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଆମେ ବିରୋଧୀ ଦଳ। ବିଜେଡି ମଧ୍ୟ ବିରୋଧୀ ଦଳ। ଦୁଇ ଦଳ ମିଶିଲେ ଜଣେ ପ୍ରାର୍ଥୀ ଜିତି ପାରିବେ। ତଥାପି ଆମ ପ୍ରାର୍ଥୀକୁ ବିଜେଡି ଓ ବିଜେଡିର ପ୍ରାର୍ଥୀକୁ ଆମେ ସମର୍ଥନ କରିବାର କୌଣସି ଯୌକ୍ତିକତା ନାହିଁ। ବିଜେପିକୁ ଆମେ ବିରୋଧ କରୁଛୁ। ଦେଶରେ ବିଜେପି ସବୁ କ୍ଷେତ୍ରରେ ବିଫଳ ହୋଇଛି। ରାଜ୍ୟରେ ବି ଏହା ବିଫଳ ହୋଇଛି, ଲୋକେ ହଇରାଣ ହେଉଛନ୍ତି। ଏଭଳି ସ୍ଥିତିରେ ରାଜ୍ୟର ଜଣେ ନିଷ୍କଳଙ୍କ ପ୍ରତିଭାବାନ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଗଲେ କଂଗ୍ରେସ ସମର୍ଥନ ଦେବ। ସିଏ ଲେଖକ ହୋଇପାରନ୍ତି, କବି ହୋଇପାରନ୍ତି, ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସହିତ ଜଡ଼ିତ ହୋଇଥିବା କୌଣସି ବ୍ୟକ୍ତି ବିଶେଷ ହୋଇପାରନ୍ତି ବା ଦୀର୍ଘ ଦିନ ଧରି ନିଜ ଜୀବନକୁ ଲୋକଙ୍କ ସେବାରେ ଅର୍ପିତ କରିଥିବା ବ୍ୟକ୍ତି ହୋଇପାରନ୍ତି । ଓଡ଼ିଶାର ମାନ ସମ୍ମାନ, ସୁରକ୍ଷା ଓ ଗର୍ବଗୌରବକୁ ଦେଖି ଯଦି କୌଣସି ପ୍ରକାର ନିଷ୍ପତ୍ତି ହୁଏ, ତା'ହେଲେ ଆମେ ଚିନ୍ତା କରିବା ଉଚିତ। ଏବିଷୟରେ ଆଲୋଚନା କରିବା ପାଇଁ ଫେବୃଆରୀ ପ୍ରଥମ ସପ୍ତାହରେ ମୁଁ ନବୀନଙ୍କୁ ସମୟ ମାଗିଛି ବୋଲି ସେ କହିଛନ୍ତି ।

ଅପରପକ୍ଷେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଯିଏ ନିର୍ବାଚନ ଲଢ଼େ, ସିଏ ସମସ୍ତଙ୍କୁ ଭୋଟ ମାଗେ। ରାଜ୍ୟସଭା ନିର୍ବାଚନରେ ଯିଏ ଯିଏ ଆମକୁ ସହଯୋଗ କରିବ, ଆମେ ତାଙ୍କୁ ସମର୍ଥନ ମାଗିବୁ। ବିଜେଡିକୁ ସମର୍ଥନ ମାଗିବେ କି ନାହିଁ, ସେ ନେଇ ସମୟ ଆସିଲେ ଜଣାପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ ରାଜନୀତିରେ ପ୍ରତିଟି ମୁହୂର୍ତ୍ତ ଅନିଶ୍ଚିତ। କେତେବେଳେ କଣ ହେବ କିଛି କହିହେବନି। ରାଜ୍ୟରେ ପ୍ରତିଟି ରାଜନୈତିକ ଗତିବିଧି ଉପରେ ନଜର ରଖାଯାଇଛି। ୨୦୨୬ରେ ବହୁତ କିଛି ଘଟିବାକୁ ଯାଉଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଚତୁର୍ଥ ଆସନ ପାଇଁ କାହା ପାଖରେ ଆବଶ୍ୟକ ମ୍ୟାଜିକ ନମ୍ବର ନାହିଁ। ଏପରିସ୍ଥଳେ ବିଜେପି-ବିଜେପି, ବିଜେଡି-କଂଗ୍ରେସ ମିଳିତ ପ୍ରାର୍ଥୀତ୍ୱକୁ ନେଇ ରାଜନୈତିକ ବିଶେଷଜ୍ଞମାନେ ଅଙ୍କକଷାରେ ବ୍ୟସ୍ତ ଅଛନ୍ତି। ସେହିପରି କେତେକ ବିଶେଷଜ୍ଞ ଆସନ୍ତା ନିର୍ବାଚନରେ ପ୍ରବଳ କ୍ରସଭୋଟିଂ/ ଘୋଡ଼ାବେପାରକୁ ନେଇ ଏବେଠାରୁ ଆଶଙ୍କା ପ୍ରକାଶ କରିଛନ୍ତି ।

# ବ୍ଲକ ଅଧ୍ୟକ୍ଷାଙ୍କୁ ଦୁର୍ବ୍ୟବହାର; ଖଣ୍ଡପଡ଼ା ବିଧାୟକଙ୍କ ନାଁରେ ମାମଲା

■ ନୟାଗଡ଼,୨୮।୧(ସମିସ): ଜିଲ୍ଲା ପରିଷଦ ବୈଠକ ଅବସରରେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷାଙ୍କୁ ଦୁର୍ବ୍ୟବହାର ଘଟଣାରେ ପୁଲିସ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନାମରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ନୟାଗଡ଼ ଜିଲ୍ଲା ପରିଷଦର ଏକାଦଶ ଅଧିବେଶନ ଚାଲିଥିବା ବେଳେ ଖଣ୍ଡପଡ଼ା ବ୍ଲକର ଉନ୍ନୟନ କାର୍ଯ୍ୟକୁ ଅଣଦେଖା, ବିଡିଓଙ୍କ ମନମୁଖି କାର୍ଯ୍ୟକୁ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବ୍ଲକ ଅଧ୍ୟକ୍ଷା ଉପମା ବେହେରା। ହଠାତ୍ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ସେନ୍ସ ଠିକ ନ ଥିବା କହିଥିଲେ। ତୁମେ ବସ କହି ବିଧାୟକ ଧମକ ଦେଇଥିଲେ। ଏହାକୁ ନେଇ ବ୍ଲକ ଅଧ୍ୟକ୍ଷା ଓ ବିଧାୟକଙ୍କ ମଧ୍ୟରେ ବାକବିତଣ୍ଡା ମଧ୍ୟ ହୋଇଥିଲା। ଜିଲ୍ଲାପାଳ ଘଟଣାରେ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ବୁଧବାର ବ୍ଲକ ଅଧ୍ୟକ୍ଷା ଉପମା ବେହେରା ନୟାଗଡ଼ ଟାଉନଥାନାକୁ ଆସି ବିଧାୟକଙ୍କ ନାମରେ ଏତଲା ଦେଇଛନ୍ତି। ସେ ଜଣେ ଅନୁସୂଚିତ ଜାତି ବର୍ଗର ମହିଳା ହୋଇଥିବାରୁ ବିଧାୟକ ଏଭଳି ଅନେକ ବୈଠକରେ ଦୁର୍ବ୍ୟବହାର କରୁଥିବା ଅଧ୍ୟକ୍ଷା କହିଛନ୍ତି। ଜିଲ୍ଲାସ୍ତରୀୟ ବୈଠକରେ ଜିଲ୍ଲାପାଳ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଜିଲ୍ଲାର ସମସ୍ତ ବିଧାୟକ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବ୍ଲକର ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଉପସ୍ଥିତ ଥିବା ବେଳେ ବିଧାୟକ ଜଣେ ମହିଳାଙ୍କୁ କେଉଁଭଳି ସମ୍ମାନ ଦେଇଛନ୍ତି ବୋଲି ଅଧ୍ୟକ୍ଷା ପ୍ରଶ୍ନ କରିଛନ୍ତି।

## ଚାଷୀ ସଙ୍ଗଠନର 'ବନ୍ଦ' ଡକରା

# ବଜାର ଶୂନଶାନ, ଗାଡ଼ି ଚଳାଚଳ ବନ୍ଦ



■ ଭୁବନେଶ୍ୱର,୨୮।୧(ସମିସ): ଚାଷୀଙ୍କ ପାଇଁ ଆଜି ଅଧାଦିନ ବନ୍ଦ ରହିଛି ଓଡ଼ିଶା। ବନ୍ଦ ଡକରା ଯୋଗୁଁ ବିଭିନ୍ନ ସ୍ଥାନରେ ଅଧା ଦିନ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି ଓ ଦୋକାନ ବଜାର ବି ବନ୍ଦ ରହିଛି । ନବ ନିର୍ମାଣ ସଂଗଠନର ଡକରାରେ ବୁଧବାର ସକାଳୁ ରାଜ୍ୟର ଅଧିକାଂଶ ପ୍ରମୁଖ ସ୍ଥାନରେ ସଂଗଠନର କର୍ମକର୍ତ୍ତାମାନେ ଦୋକାନ ବଜାର ବନ୍ଦ କରାଇବା ସହ ରାଜରାସ୍ତାରେ ଟାୟାର ଜାଳି ପିକେଟିଂ କରି ବନ୍ଦ ପାଳନ କରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ସକାଳୁ ସକାଳୁ ଏମିତି ଦେଖିବାକୁ ମିଳିଥିବା ବେଳେ ବନ୍ଦ ସମ୍ପୂର୍ଣ୍ଣ ପ୍ରଭାବୀ ରହିଛି ବୋଲି ସଂଗଠନ ଦାବି କରିଛି। ସାଧାରଣତଃ ବନ୍ଦ ଡାକରାକୁ ବିଭିନ୍ନ ସମୟରେ ସାଧାରଣ ଲୋକ ବିରୋଧ କରୁଥିବାବେଳେ ଆଜିର ବନ୍ଦ ଡାକରା ଲୋକଙ୍କ ମନରେ କୌଣସି ପ୍ରତିକ୍ରିୟା ସୃଷ୍ଟି ନ କରିବା ରାଜ୍ୟ ସରକାରଙ୍କ ବିରୋଧରେ ତୃଣମୂଳସ୍ତରରେ ସୃଷ୍ଟ ଅସନ୍ତୋଷର ପ୍ରତିଫଳନ ବୋଲି ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି ।

ଟୋକନ୍ ପ୍ରଦାନରେ ଚାଷୀଙ୍କୁ ହରକତ କରାଯିବା, ମଣ୍ଡିରେ ବେଆଇନ କଟନିଛଟନି ଓ ଚାଷୀଙ୍କ ବଦଳରେ ବେପାରୀଙ୍କଠାରୁ ଧାନ କିଣିବା, ପ୍ରଦୂଷଣ ନାମରେ ଲକ୍ଷ ଲକ୍ଷ ଲୋକଙ୍କ ଉପରେ ଜୋରିମାନା, ସ୍ମାର୍ଟ ମିଟର ନାଁରେ ଗ୍ରାହକ ଶୋଷଣ ଆଦି ବିରୋଧରେ ଆଜି ବନ୍ଦ ଡାକରା ଦେଇଥିଲା ନବ ନିର୍ମାଣ ସଂଗଠନ। ଏହି ବନ୍ଦ ଡାକରାକୁ ବିଭିନ୍ନ ରାଜନୈତିକ ଦଳ ସମର୍ଥନ ଘୋଷଣା କରିଥିଲେ ହେଁ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରି ନ ଥିଲେ, ତଥାପି ବନ୍ଦର ପ୍ରଭାବ ଉପାନ୍ତରୁ ଉପକୂଳ, ଉତ୍ତରରୁ ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ ଅନୁଭୂତ ହୋଇଛି। ମୟୂରଭଞ୍ଜର ବେତନଟୀ, ଜଗତସିଂହପୁରର ବାଲିକୁଦା, ଯାଜପୁରର ଚଣ୍ଡିଖୋଲ, ଖୋର୍ଦ୍ଧାର ଜଟଣୀ ଓ ବାଘମାରୀ, ପୁରୀର ଗୋପ, ନୟାଗଡ଼, ଗଜପତି, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ସୋନପୁର, ବଲାଙ୍ଗୀର, ମାଲକାନାଗିରି ଆଦି ଅଞ୍ଚଳରେ ବନ୍ଦର ପ୍ରଭାବ ଜୋରାଦାର ଅନୁଭୂତ ହୋଇଛି। ସରକାର ଯଦି ଏଭଳି ଘଟଣାରେ ହସ୍ତକ୍ଷେପ ନ କରନ୍ତି ତେବେ ଆଗାମୀ ଦିନରେ ପ୍ରତିବାଦକୁ ତୀବ୍ର କରାଯିବ ବୋଲି ସଂଗଠନ ପକ୍ଷରୁ ଦାବି କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ସଂଗଠନର ଯୁବଛାତ୍ର ସଂଗଠନ ବିଶାଳ ମଟର ସାଇକଲ ଶୋଭାଯାତ୍ରାରେ ସହର ପରିକ୍ରମା କରିଛନ୍ତି। ଭୁବନେଶ୍ୱରରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ ମନ୍ୱର ଅଲ୍ଲୀଙ୍କ ସମେତ ନବନିର୍ମାଣର କର୍ମକର୍ତ୍ତାମାନଙ୍କୁ ପୁଲିସ୍ ଗିରଫ କରି ପରେ ଛାଡ଼ି ଦେଇଛି।

ଗଣମାଧ୍ୟମ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖି ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ, ଚାଷୀ ଓ ଚାଷ ସମସ୍ୟାର ସମାଧାନ ପାଇଁ ନେତା ଓ ଅମଲାମାନେ ଆଗ୍ରହୀ ନୁହନ୍ତି। ଏଥିପାଇଁ ମିଲରମାନେ କ୍ୱିଣ୍ଟାଲ ପିଛା ୭/୯ କେଜି କାଟି ନେଉଛନ୍ତି। ଯୋଗାଣ ଅଧିକାରୀ, ଉପଜିଲ୍ଲାପାଳ, ନୋଡାଲ ଅଫିସର କେହି କିଛି ବି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। କେବଳ ଭାଷଣରେ ମଣ୍ଡି ଠିକ୍ ଚାଲୁଛି । ଚାଷୀମାନଙ୍କୁ ସରକାର ତାଚ୍ଛଲ୍ୟ କରୁଛନ୍ତି, ନୌଟଙ୍କି କରୁଥିବା ଆକ୍ଷେପ କରୁଛନ୍ତି। ଅନ୍ୟପକ୍ଷରେ ସାଧାରଣ ବ୍ୟକ୍ତି ଠାରୁ ପ୍ରଦୂଷଣ ନାଁରେ ଜୋରିମାନା ଆଦାୟ କରାଯାଉଛି। ସ୍ମାର୍ଟ ମିଟର ନାଁରେ ସରକାର ଜୁଲୁମ ଚଳାଇଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ ଚାଷୀଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରୁଛନ୍ତି ବୋଲି ଅକ୍ଷୟ ଅଭିଯୋଗ କରିଛନ୍ତି। ସଂଗଠନର ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି ଯେ ସରକାରରେ ମନ୍ତ୍ରୀଙ୍କ ମଧ୍ୟରେ ତାଳମେଳ ନାହିଁ। ସମବାୟ ମନ୍ତ୍ରୀ ଦେଢ଼ କିଲୋ କାଟ କହିଲା ବେଳେ ଯୋଗାଣ ମନ୍ତ୍ରୀ କାଟ୍ ନିଲ୍ କହୁଛନ୍ତି। ସେହିପରି କୃଷି ମନ୍ତ୍ରୀ କେଭି ସିଂଦେଓ ଏବେ ବି ନିଜକୁ ରାଜା ଓ ଚାଷୀଙ୍କୁ ନିଜର ପ୍ରଜା ମଣୁଛନ୍ତି ବୋଲି ସେ କହିଥିଲେ। ସେହିପରି ବନ୍ଦ ଡକରାକୁ ନୈତିକ ସମର୍ଥନ ଜଣାଇଥିବା ରାଜନୈତିକ ଦଳ ସୂଚନା ଅଧିକାର କର୍ମୀ, ସାମାଜିକ ସଂଗଠନକୁ ସଙ୍ଗଠନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

# ମହିଳାଙ୍କୁ ଅପହରଣ ଓ ଦୁଷ୍କର୍ମ, ସ୍ୱାମୀଙ୍କୁ ହତ୍ୟା ଧମକ

## ୧୦ରୁ ଊର୍ଦ୍ଧ୍ୱ ଅଡିଓ କ୍ଲିପ ଭାଇରାଲ; ବିଜେପି ନେତା ରାଘବ ମଲ୍ଲିକଙ୍କ ନାଁରେ ମାମଲା

■ ନୟାଗଡ଼,୨୮।୧(ସମିସ): ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରେମଜାଲରେ ଫସାଇ ଅପହରଣ କରିବା ଏବଂ ଲୁଚାଇ ରଖି ଦୁଷ୍କର୍ମ କରିବା ଏପରିକି ମହିଳାଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ ଦେବା ଓ ହତ୍ୟା ପାଇଁ ଷଡ଼ଯନ୍ତ୍ର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ବିଜେପି ନେତା ରାଘବ ମଲ୍ଲିକଙ୍କ ନାମରେ ମାମଲା ରୁଜୁ କରିଛି।



**ମୁଁ ଜାଣିନି, ବୁଝିକି କହୁଛି: ରାଘବ**

ମହିଳାଙ୍କ ସ୍ୱାମୀ ଭୁବନେଶ୍ୱରରେ ରହି କାମ କରନ୍ତି। ଏହାର ସୁଯୋଗ ନେଇ ବିଜେପି ନେତା ତଥା ଗତ ବିଧାନସଭା ନିର୍ବାଚନରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ହୋଇଥିବା ରାଘବ ମଲ୍ଲିକ ମହିଳାଙ୍କୁ ପ୍ରଲୋଭିତ କରିଛନ୍ତି। ତାଙ୍କୁ ହୋମଗାର୍ଡ ଚାକିରି କରାଇଦେବାକୁ କହି ବାରମ୍ବାର ଫୋନରେ କଥା ହୁଅନ୍ତି। ଏପରିକି ତାଙ୍କୁ ବାରମ୍ବାର ହ୍ୱାଟସ୍‌ଆପ୍ ଜରିଆରେ ମେସେଜ କରନ୍ତି। ଗତ ଡିସେମ୍ବର ୧୫ ତାରିଖରେ ରାଘବ ମହିଳାଙ୍କୁ ଅପହରଣ କରି ନେଇଥିଲେ। କୌଣସି ସ୍ଥାନରେ କିଛିଦିନ ରଖିବା ପରେ ଘରେ ଛାଡ଼ି ଦେଇଥିଲେ। ଗତ ୩୧ ତାରିଖ ମହିଳା ଓ ତାଙ୍କ ପୁଅ ନିକଟସ୍ଥ ଉଲିସାହି ଛକକୁ ଯାଇଥିବା ବେଳେ ରାଘବ ଉଭୟଙ୍କୁ ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଛୋଟଝିଅ ଘରେ ରହିଥିବା ବେଳେ ସ୍ତ୍ରୀ ଓ ପୁଅର କୌଣସି ସନ୍ଧାନ ମିଳୁ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ, ବିଜେପି ନେତା ରାଘବ ମଲ୍ଲିକ ମହିଳାଙ୍କ ସ୍ୱାମୀଙ୍କୁ ଫୋନ୍ ଯୋଗେ ହତ୍ୟା କରିବା ପାଇଁ ଧମକ ଦେଇଥିବା ଅନେକ ଅଡିଓ କ୍ଲିପ୍ ଏବେ ଭାଇରାଲ ହେବାରେ ଲାଗିଛି। ଏହାସହ ରାଘବ ମହିଳାଙ୍କୁ ହ୍ୱାଟସ୍‌ଆପ୍‌ରେ ପଠାଇଥିବା ଅନେକ ମେସେଜ ମଧ୍ୟ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ପ୍ରେମଭରା ଏହି ମେସେଜକୁଗୁଡ଼ିକ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏନେଇ ବିଜେପି ନେତା ରାଘବଙ୍କ ସହ ଯୋଗାଯୋଗ କରିବାରେ କହିଲେ, ମୁଁ ଘଟଣା ବାବଦରେ କିଛି ଜାଣିନାହିଁ, ବୁଝିକି କହୁଛି ବୋଲି କହି ଫୋନ୍ କାଟି ଦେଇଛନ୍ତି। ନୟାଗଡ଼ ଅତିରିକ୍ତ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ମତାମତ ନେବାରେ କହିଲେ, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ତଦନ୍ତ ପରେ ପ୍ରକୃତ କଥା ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

## ଧାନକିଣା ଗୋଲକଧନ୍ଦା

# 'ଟୋକନ୍' ପରେ 'ଟାର୍ଗେଟ' ଟେନ୍‌ସନ୍

## ପାକ୍ସ ସମ୍ପାଦକ-ମିଲରଙ୍କ ସଲାସୁତୁରା; ମଣ୍ଡିରେ ପଡ଼ିଛି ଶହଶହ କ୍ୱିଣ୍ଟାଲ ଧାନ

■ ବଲାଙ୍ଗିର,୨୮।୧(ସମିସ): ବଲାଙ୍ଗିର ଜିଲ୍ଲାରେ ଧାନକିଣାକୁ ନେଇ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ମଣ୍ଡିମାନଙ୍କରେ ଚାଷୀଙ୍କ ଧାନ ଗଦା ହୋଇଛି, ଅନ୍ୟପଟେ କିଛି ମଣ୍ଡି ଟାର୍ଗେଟ ନ ଥିବାରୁ ଧାନକିଣା ବନ୍ଦ ଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ କିନ୍ତୁ ବିଭାଗ ସୂଚନା ଭିନ୍ନ କଥା କହୁଛି। ଜିଲ୍ଲାକୁ ମିଳିଥିବା ଟାର୍ଗେଟର ପ୍ରାୟ ୮୦ ପ୍ରତିଶତ ଧାନକିଣା ସରିଥିବା ଜଣାପଡ଼ିଛି। ଯଦି ସତରେ ମଣ୍ଡିରେ ଅସଲି ଚାଷୀଙ୍କ ଧାନକିଣା ଯାଇଛି ତେବେ ମଣ୍ଡିରେ ଗଦା ହୋଇଥିବା ଧାନ କାହାର? ଯଦି ଅସଲି ଚାଷୀଙ୍କ ଧାନ କିଣା ଯାଇପାରିନାହିଁ ତେବେ ଟାର୍ଗେଟ କାହା ଧାନରେ ପୂରଣ ହୋଇଛି ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ।

ଶୁଣିବାକୁ ମିଳିଛି ବଲାଙ୍ଗିର ଜିଲ୍ଲାର କିଛି ମିଲ୍‌ରେ ନୟାଗଡ଼ ଅଞ୍ଚଳର ଧାନ ପ୍ରବେଶ କରିଛି। ଯାହାକି ଧାନକିଣା ଟାର୍ଗେଟକୁ ପୂରଣ କରୁଥିବା ଅଭିଯୋଗ ହୋଇଛି। ମଣ୍ଡିରେ ଠିକ ଭାବେ ଧାନକିଣା ଯାଉନଥିବାରୁ ଚାଷୀମାନେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ପ୍ରଥମେ ବିଳମ୍ବରେ ଧାନକିଣା, ପରେ ଟୋକନ ଟେନ୍‌ସନ୍ ଭିତରେ ଏବେ ଟାର୍ଗେଟକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ଜିଲ୍ଲାର ପ୍ରାୟ ସମସ୍ତ ମଣ୍ଡିରେ ଶହ ଶହ ବସ୍ତା ଧାନ ଗଦା ହୋଇରହିଛି। ଅନ୍ୟପଟେ କିଛି ମଣ୍ଡିର ଟାର୍ଗେଟ ପୂରଣ ହୋଇଥିବା କହି ଧାନକିଣା ବନ୍ଦ ରହିଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ଜିଲ୍ଲା ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କ କହିବା ଅନୁସାରେ ବର୍ତ୍ତମାନ ସୁଦ୍ଧା ୪୨ ଲକ୍ଷ ୧୦ ହଜାର କ୍ୱିଣ୍ଟାଲ ଧାନକିଣା ଟାର୍ଗେଟ ବିଭାଗ ହାତରେ ରହିଛି। ସେଥିରୁ ପ୍ରାୟ ୩୪ ଲକ୍ଷ କ୍ୱିଣ୍ଟାଲ ଧାନକିଣା ସରିଯାଇଥିବା ସେ ନିଜେ କହିଛନ୍ତି। ଅର୍ଥାତ ପ୍ରାୟ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ପରିମାଣର ଧାନକିଣା ସରିଛି। ଯଦି ଏହା ସତ ତେବେ ମଣ୍ଡିରେ ଧାନ ଗଚ୍ଛିତ ରହିଲା କେମିତି। ଯଦି ହାତରେ ଆହୁରି ଟାର୍ଗେଟ ରହିଛି ତେବେ ତାକୁ ବନ୍ଦ ଥିବା ମଣ୍ଡିକୁ ଦେଇ ଧାନକିଣା ସ୍ୱାଭାବିକ କରୁନାହାନ୍ତି କାହିଁକି? ଏହିଭଳି ପ୍ରଶ୍ନବାଚୀରେ ଏବେ ବଲାଙ୍ଗିର ଜିଲ୍ଲା ଧାନକିଣା ବ୍ୟବସ୍ଥା ରହିଥିବା ବେଳେ ଜିଲ୍ଲାରେ ମିଲର ଓ ମଣ୍ଡି ଅଧିକାରୀ ମିଶି ବଡ଼ ଧରଣର କାରସାଦି କରିଥିବା ମଧ୍ୟ ଅଭିଯୋଗ ହୋଇଛି। ପ୍ରାୟତଃ ସବୁ ମଣ୍ଡିରେ ଶହଶହ କ୍ୱିଣ୍ଟାଲ ଧାନ ଗଚ୍ଛିତ ରହିଛି, ଅଥଚ କାହା ଧାନରେ ଗୋଦାମ ପୂରଣ ହୋଇଛି ତାହା ତଦନ୍ତ ସାପେକ୍ଷ। ଏହା ସହିତ ବଲାଙ୍ଗିର ଜିଲ୍ଲାକୁ ନୟାଗଡ଼ ଅଞ୍ଚଳର ଧାନ ପ୍ରବେଶ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଏହା ମଧ୍ୟ କେତେ ଦୂର ସତ ତାହା ପ୍ରଶାସନ ଅନୁସନ୍ଧାନ କରି ଅସାଧୁ ମିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବଲାଙ୍ଗିର ଜିଲ୍ଲାରେ ଏତେ ଅବ୍ୟବସ୍ଥାକୁ ନେଇ ଚାଷୀମାନେ ଅଭିଯୋଗ କରୁଥିବାବେଳେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ସ୍କ୍ୱାଡ୍ ପକ୍ଷରୁ ନା କେଉଁଠି ଚଢ଼ଉ କରାଯାଇଥିଲା ନା କାହାର ଗୋଦାମ ଯାଞ୍ଚ କରାଯାଇଥିଲା। ପୂର୍ବବର୍ଷ ମାନଙ୍କରେ ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ଧାନ ଗଚ୍ଛିତ ରଖିବା, ଧାନ ଚାଲାଣ କରିବା ସମୟରେ ଚଢ଼ଉ କରି ଧାନ ଗାଡ଼ି ଜବତ ହୋଇଥାଏ କିନ୍ତୁ ଚଳିତ ବର୍ଷ ଏଭଳି କିଛି ବି ଦୃଶ୍ୟ ବର୍ତ୍ତମାନ ସୁଦ୍ଧା ଦେଖିବାକୁ ମିଳିନାହିଁ। ଯାହାକି ଧାନ କିଣାରେ ଚାଲିଥିବା ଗୋଲକଧନ୍ଦାକୁ ପ୍ରଶାସନର ନୀରବ ସମର୍ଥନ ବୋଲି ନବ ନିର୍ମାଣ କୃଷକ ସଙ୍ଗଠ ଜିଲ୍ଲା ସଂଯୋଜକ ହିମାଂଶୁ ଶେଖର ସାହୁ କହିଛନ୍ତି। ଏଥିପ୍ରତି ଜିଲ୍ଲାପାଳ ନିଜେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।




# ବିଶିଷ୍ଟ ଲୋକନାଟ୍ୟ କଳାକାର ତ୍ରିଲୋଚନ ପାଣ୍ଡେଙ୍କ ପରଲୋକ



ବଲାଙ୍ଗିର,୨୮ ।୧(ସମିସ) : ବଲାଙ୍ଗିର ଜିଲ୍ଲା ଦଶପୁର ପଞ୍ଚାୟତ ଅଧୀନ ମେଣ୍ଢିପାଲି ଗ୍ରାମର ବିଶିଷ୍ଟ ଲୋକନାଟ୍ୟ କଳାକାର ତ୍ରିଲୋଚନ ପାଣ୍ଡେଙ୍କ ମଙ୍ଗଳବାର ସକାଳେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ବୟସ ହେଉଥିଲା। ଶ୍ରୀ ପାଣ୍ଡେ ମଙ୍ଗଳବାର ସକାଳେ ପ୍ରାତଃ ଭ୍ରମଣରେ ଯାଇଥିବା ସମୟରେ ନଳକୂପ ନିକଟରେ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ବଲାଙ୍ଗିର ମୁଖ୍ୟ ଡାକ୍ତରଖାନାକୁ ନେବା ସମୟରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ସେ ରାମଲୀଳା ଲୋକନାଟ୍ୟକୁ ତାଙ୍କ ଅଞ୍ଚଳରେ ବଞ୍ଚେଇ ରଖିଥିଲେ। ଏହା ବ୍ୟତୀତ ସେ ମେଣ୍ଢିପାଲି ଗ୍ରାମର ପୂର୍ବତନ ୱାର୍ଡ ମେମ୍ବର, ୟୁପି ସ୍କୁଲର ପୂର୍ବତନ ସଭାପତି, ଦଶପୁର ହାଇସ୍କୁଲର ପୂର୍ବତନ ସଂପାଦକ ତଥା ସଭାପତି , ସମବାୟ ସମିତିର ପୂର୍ବତନ ସଭାପତି, ଦଶପୁର ପଞ୍ଚାୟତ ଯାଦବ ସମାଜର ସଭାପତି ଭାବରେ ସଫଳତାର ସହ କାର୍ଯ୍ୟ କରି ଅଞ୍ଚଳ ର ଅନେକ ଅନୁଷ୍ଠାନ ସହିତ ଜଡିତ ରହିଥିଲେ।

# ଆତଙ୍କ ଖେଳାଇଛି ହନୁମାଙ୍କଡ଼; ଛକିଛି ବନ ବିଭାଗ



ଲୋଇସିଂହା,୨୮ ।୧(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଧୀନ ପନେସରା ଗ୍ରାମରେ ହନୁମାଙ୍କଡ଼ ଆତଙ୍କରେ ଭୟଭୀତ ଗ୍ରାମବାସୀ। ଗାଁରେ ଥିବା ହନୁମାଙ୍କଡ଼ ପଲ ମଧ୍ୟରୁ ନିର୍ଦ୍ଦିଷ୍ଟ ଗୋଟିଏ ହନୁ ମାଙ୍କଡ଼ କିଛି ଦିନ ହେଲା ଗାଁରେ ଆତଙ୍କ ଖେଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହନୁଟି ଲୋକଙ୍କୁ ଦେଖିଲା ମାତ୍ରେ ଆକ୍ରମଣ କରୁଛି।

ଏନେଇ ଗ୍ରାମବାସୀ ବନବିଭାଗକୁ ଖବର ଦେବାପରେ ବନବିଭାଗ ମଧ୍ୟ ଉକ୍ତ ହନୁମାଙ୍କଡ଼କୁ କାବୁ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ବନ ବିଭାଗର ଏକ ଟିମ୍ ଯନ୍ତା ରଖି ଧରିବା ପାଁ ଉଦ୍ୟମ ଚଳାଇଥିବାବେଳେ ତାକୁ କାବୁ କରିବା ପରେ ଉକ୍ତ ହନୁର ମାନସିକ ସ୍ଥିତି ଯାଞ୍ଚ କରାଯିବ । ପରେ ତାକୁ କେଉଁଠି ରଖାଯିବ ନା ଜଙ୍ଗଲରେ ଛାଡ଼ି ଦିଆଯିବ ସେନେଇ ନିଷ୍ପତ୍ତି ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ନବରତ୍ନ ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ



ଖପ୍ରାଖୋଲ,୨୮ ।୧(ସମିସ): ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ବ୍ଲକ୍ ତେଲେନପାଲି ଗ୍ରାମର ନବରତ୍ନ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶୁଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବରେ ଖପ୍ରାଖୋଲ ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତ ରାୟ, ସମ୍ମାନିତ ଅତିଥି ଭାବରେ ଖପ୍ରାଖୋଲ ଗୋଷ୍ଠୀଶିକ୍ଷାଧିକାରୀ ଅଭିନବ ମିଶ୍ର, କୋଶଳୀ କବି ଅର୍ଜୁନ କୁମାର ସାହୁ, ତେଲେନପାଲି ପଞ୍ଚାୟତର ସରପଞ୍ଚ ଶକୁନ୍ତଳା ବେହେରା, ପୂର୍ବତନ ଜିଲ୍ଲାପରିଷଦ ତଥା ସମାଜସେବୀ ବିପ୍ର ବିଶି , ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳ ବେହେରା, ଘୁନସର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତା, ନବକିଶୋର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳଶିକ୍ଷକ ପ୍ରମୋଦ ବାଗ, ସଂସ୍କୃତ ଶିକ୍ଷକ ଚୂଡ଼ାମଣି ପଟେଲ, କୁମୁଦଚନ୍ଦ୍ର ଠାକୁର, ପରମାନନ୍ଦ ମେହେର, ଶଶିକାନ୍ତ ବାଗ, ରାଜେନ୍ଦ୍ର ବେହେରା, ପିଅନ ଯୁଗୁନୁ ମାଝୀ, ଦେବାର୍ଚ୍ଚନ ମାଝୀ, ଯାଦବ ଶଗଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ସ୍କୁଲ କରାଟେ ପ୍ରତିଯୋଗିତା ପାଇଁ ପ୍ରାଚୀଙ୍କ ପୁନେ ଗସ୍ତ



ବଲାଙ୍ଗିର,୨୮ ।୧(ସମିସ): ଆସନ୍ତା ୩୧ ରୁ ଫେବୃୟାରୀ ୨ ପର୍ଯ୍ୟନ୍ତ ମହାରାଷ୍ଟ୍ରର ପୁନେ ଠାରେ ଜାତୀୟସ୍ତରୀୟ ସ୍କୁଲ କରାଟେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ବଲାଙ୍ଗିର ରେଲୱେଷ୍ଟେସନ ଛକ ସ୍ଥିତ ଅସୀମ କରାଟେ ଏକାଡେମୀର ଛାତ୍ରୀ ପ୍ରାଚୀ ବେହେରା (୧୭) କୁମିତେ ବିଭାଗରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ବୋଲି ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନର ସାଧାରଣ ସମ୍ପାଦକ ତଥା କରାଟେ କୋଚ ଅସୀମ କୁମାର ଭୋଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ଜିଲ୍ଲା କ୍ରୀଡ଼ାଧିକାରୀ ପରାଶର ବାଗ ପ୍ରାଚୀ ବେହେରାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଗଡ଼ିଲାନି ବସ, ଦୋକାନ ବଜାର ବନ୍ଦ





ବଲାଙ୍ଗିର,୨୮ ।୧(ସମିସ)

ରାଜ୍ୟରେ ଧାନକିଣା ଅବ୍ୟବସ୍ଥା, ଟୋକନ ସମସ୍ୟା, ହକ ପାଇଁ ଲଢେଇ କରୁଥିବା ଚାଷୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ, ପଲ୍ୟୁସନ ଓ ସ୍ମାର୍ଟ ମିଟର ନାମରେ ଲୋକଙ୍କୁ ଶୋଷଣ କରିବା ପ୍ରତିବାଦ ରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ଆନ୍ଦୋଳନକୁ ବଲାଙ୍ଗିର ଜିଲ୍ଲାରେ ବନ୍ଦ କରିବାରେ ସଫଳ ହୋଇଥିବାବେଳେ ଜିଲ୍ଲା କୋର୍ଟକୁ ବନ୍ଦ କରିବା ସମୟରେ ସେମାନଙ୍କୁ ବାରଣ କରାଯାଇଥିଲା। ପୁଲିସର ହସ୍ତକ୍ଷେପ ପରେ କୋର୍ଟ ସ୍ୱାଭାବିକ ଭାବେ ଚାଲିଥିବା ଦେଖିବାକୁ ମିଳିଥିଲା। ସକାଳ ୬ ରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯାଇଲା। ଏହା କେବଳ ଟ୍ରେଲର ମାତ୍ର ଯଦି ଚାଷୀଙ୍କ ହକ୍ ପୂରଣ କରା ନ ଯାଏ ଓ ସମସ୍ୟାର ସମାଧାନ କରା ନ ଯାଏ ତେବେ ଏହି ଆନ୍ଦୋଳନ ଆହୁରି ତେଜିବ ଯେଉଁଥିପାଇଁ ସରକାର ନିଜେ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି ମିଳିତ କୃଷକ ମଞ୍ଚ ଆବାହାକ ଆକାଶ ମିଶ୍ର। ସେହିପରି ନବ ନିର୍ମାଣ କୃଷକ ସଙ୍ଗଠନ ସର୍ବଦା ଚାଷୀଙ୍କ ସ୍ୱାର୍ଥ୍ୟ ପାଇଁ ଲଢେଇ କରିଆସୁଛି ରାଜ୍ୟରେ ଶାସନ ଗାଦିରେ ଯିଏ ବସିଥିଲେ ବି ଚାଷୀଙ୍କ ପାଇଁ ସଂଗଠନ ଲଢେଇ କରିଆସିଛି। ସରକାର ବିରୋଧରେ ବୁଧବାର ବନ୍ଦ ଡାକରା ଦିଆଯାଇଥିଲା। ଏହା ଆଗକୁ କେଉଁ ଦିଗରେ ଗତି କରିବ ତାହା କେହି କହିପାରିବେ ନାହିଁ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ଜିଲ୍ଲା ସଂଯୋଜକ ହିମାଁଶୁ ଶେଖର ସାହୁ ଚେତାବନୀ ଦେଇଛନ୍ତି।

## ■ ନବନିର୍ମାନ କୃଷକ ସଂଗଠନ ଡାକରାରେ ମିଳିତ କୃଷକ ମଞ୍ଚ ପକ୍ଷରୁ ବନ୍ଦ

ବିଜେପିକୁ ଛାଡ଼ି ପ୍ରାୟ ସମସ୍ତ ରାଜନୈତିକ ଓ ଚାଷୀ ସଙ୍ଗଠନ ସମର୍ଥନ ଜଣାଇଥିଲେ। ଏହିକ୍ରମରେ ଗୁରୁବାର ନବ ନିର୍ମାଣ କୃଷକ ସଙ୍ଗଠନ ସମର୍ଥନରେ ବଲାଙ୍ଗିରରେ ମିଳିତ କୃଷକ ମଞ୍ଚ ପକ୍ଷରୁ ବନ୍ଦ ଆନ୍ଦୋଳନ କରାଯାଇଥିଲା। ଏଥିରେ ବଲାଙ୍ଗିର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୋକାନ ବଜାର ବନ୍ଦ ହୋଇଥିବା ବେଳେ ଗାଡିମାଟର ଯାତାୟାତ ମଧ୍ୟ ବନ୍ଦ ରହିଥିଲା। ମିଳିତ କୃଷକ ମଞ୍ଚ ପକ୍ଷରୁ ଆବାହକ ଆକାଶ ମିଶ୍ର, ଚଗଲା ପରିଚ୍ଛା, ଅରୁଣ ମିଶ୍ର, ହିମାଁଶୁ ଶେଖର ସାହୁ, କସ୍ତୁବ ସାହୁଙ୍କ ନେତୃତ୍ୱରେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଗାଡ଼ି ଚଳାଚଳକୁ ବନ୍ଦ କରାଯାଇଥିଲା। ସହର ରେ ଥିବା ବ୍ୟାଙ୍କ, ବୀମା, ସ୍କୁଲ , କଲେଜ, ଦୋକାନ ବଜାରକୁ ଚାଷୀ ସଙ୍ଗଠନର କର୍ମକର୍ତ୍ତା ପିକେଟିଂ କରି ବନ୍ଦ କରିଥିଲେ। ବଡ ବଡ ସପିଂ ମଲ ଏହି ବନ୍ଦ କୁ ବିରୋଧ କରି ଦୋକାନ ଖୋଲିଥିବାରୁ ଏହାକୁ ପ୍ରତିବାଦ କରି ଚାଷୀ ସଙ୍ଗଠନ ସେମାନଙ୍କୁ ମନା କରିଥିଲେ। ଫଳରେ କାଁ ଭାଁ କିଛି ସ୍ଥାନରେ ଯୁକ୍ତିତର୍କ, କଥା କଟାକଟି ହୋଇଥିଲା। ଆନ୍ଦୋଳନକାରୀ ମାନେ ଡାକଘର ସହ ଅନ୍ୟ ସରକାରୀ ପ୍ରତିଷ୍ଠାନକୁ କୃଷକ ସଂଗଠନର ଓଡ଼ିଶା ବନ୍ଦ ଡାକରାକୁ ବିଭିନ୍ନ ସଂଗଠନ ସମର୍ଥନ ଦେଇଛି। ଏହି ଅବସରରେ ପଶ୍ଚିମ ଓଡ଼ିଶା ବଲାଙ୍ଗିର ଜିଲ୍ଲାର, ଖପ୍ରାଖୋଲ, ଲାଠୋର, ଧଣ୍ଡାମୁଣ୍ଡା ଏବଂ ଗ୍ରାମାଞ୍ଚଳର ସ୍କୁଲ କଲେଜ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିବା ବେଳେ ଯାନ ବାହାନ ଚଳାଚଳ ବନ୍ଦ ରହିଥିଲା। ଏହି ବନ୍ଦ ଡାକରାରେ ଚାଷୀ ନେତା କ୍ଷମାନିଧି ଭୋଇଙ୍କ ନେତୃତ୍ୱରେ ବିଭିନ୍ନ ସଂଗଠନ ଚାଷୀ ମୁଲିଆ ସଂଘ, ଗନ୍ଧମର୍ଦ୍ଦନ ସୁରକ୍ଷା ଏକ୍ସନ କମିଟି, ଆଦିବାସୀ ସଂଘ ତଥା ବିଜେଡି ସହ ଦଳ ମତ ନିର୍ବିଶେଷ ସାଧାରଣ ଜନତା ସମ୍ପୂର୍ଣ ବନ୍ଦ ପାଳନକୁ ସମର୍ଥନ ଦେଇଛନ୍ତି।



### ● ବନ୍ଦକୁ କଂଗ୍ରେସର ସମର୍ଥନ

ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଟାଉନ କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ଓ ଜିଲ୍ଲା କୃଷକ ସଂଘ ସଭାପତି ସାନନ୍ଦ ମିଶ୍ରଙ୍କ ସଂଯୋଜନାରେ ନବନିର୍ମାଣ କୃଷକ ସଂଗଠନ ଏବଂ ମିଳିତ କୃଷକ ସଂଘ ତରଫରୁ ଓଡ଼ିଶା ମହାବନ୍ଦରେ ବଲାଙ୍ଗିର ଟାଉନ କଂଗ୍ରେସ କମିଟି ଓ ଜିଲ୍ଲା କୃଷକ ସଂଘ ବଲାଙ୍ଗିର ର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ। ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ଜିଲ୍ଲା କୃଷକ ସଂଘର କର୍ମକର୍ତ୍ତାମାନେ ମଟର ସାଇକେଲ ରାଲିରେ ବାହାରି ନଗର ପରିକ୍ରମା କରିଥିଲେ।

**ଖପ୍ରାଖୋଲ:** କୃଷିମନ୍ତ୍ରୀ ତଥା ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କୁ ବହିଷ୍କାର ଦାବିରେ ଆଜି ନବନିର୍ମାଣ

### ● ଲୋଇସିଂହାରେ ସମର୍ଥନ

ଲୋଇସିଂହା : ବଲାଙ୍ଗିର ଜିଲ୍ଲା ଲୋଇସିଂହାରେ ମଧ୍ୟ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ବନ୍ଦକୁ ସମର୍ଥନ ମିଳିଥିବା ଦେଖିବାକୁ ମିଳିଛି। ବୁଧବାର ସକାଳୁ ନବ ନିର୍ମାନ କୃଷକ ସଙ୍ଗଠନ ପକ୍ଷରୁ ଜିଲ୍ଲା ସଂଯୋଜକ ହିମାଁଶୁ ଶେଖର ସାହୁ, କୃଷ୍ଣ ଚନ୍ଦ୍ର ନାଏକ, ରାମ ନାରାୟଣ ବ୍ରହ୍ମା, ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ, କଂଗ୍ରେସ ପକ୍ଷରୁ ଦିଲୀପ କୁମାର ବେହେରା, ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ପୂର୍ବରୁ ବନ୍ଦ ନେଇ ସଙ୍ଗଠନ ପକ୍ଷରୁ ଅନୁରୋଧ କରାଯାଇଥିବା ବେଳେ ସକାଳୁ ହିଁ ଦୋକାନ ବଜାର ବନ୍ଦ ଥିବା ଦେଖିବାକୁ ମିଳିଥିଲା।

**ଦେଓଗାଁ :** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅଧୀନ ଦେଓଗାଁ ମୁଖ୍ୟାଳୟରେ ବୁଧବାର ନବନିର୍ମାଣ କୃଷକ ସଂଗଠନର ଆହ୍ୱାନକ୍ରମେ ଓଡ଼ିଶା ବନ୍ଦ ପାଳନ ସଫଳ ହୋଇଛି। ଏହି ବନ୍ଦପାଳନକୁ କଂଗ୍ରେସ ସହଯୋଗ କରିଥିବାରୁ ଦେଓଗାଁରେ ଜିଲ୍ଲା କଂଗ୍ରେସର ଉପ-ସଭାପତି ଜନ୍ମେଜୟ ସାହୁଙ୍କ ନେତୃତ୍ୱରେ କଂଗ୍ରେସର କର୍ମୀ ପିକେଟିଂ କରି ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଦୋକାନ ବଜାରଗୁଡ଼ିକୁ ବନ୍ଦ କରିଥିଲେ। ଦେଓଗାଁ ମୁଖ୍ୟାଳୟସମେତ ବଙ୍ଗଳାଛକ ଜରାସିଂହା, ବନ୍ଧପଡା ଆଦି ଅଞ୍ଚଳରେ ଲୋକେ ସମର୍ଥନ ଜଣାଇଥିଲେ। ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ କଂଗ୍ରେସର ନେତୃବୃନ୍ଦ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଫଳତା ଉପରେ ଗର୍ଜିଥିଲେ। ବନ୍ଦପାଳନରେ କଂଗ୍ରେସ ଯୁବନେତା ବିଶ୍ୱଜିତ ପାତ୍ର, ଜରାସିଂହା ସମିତିସଭ୍ୟ ଅମିତ ତ୍ରିପାଠୀ, ବ୍ଲକ କଂଗ୍ରେସ କିଷାନସେଲ ସଭାପତି ପ୍ରଦ୍ୟୁମ୍ନ ସାହୁ, ବିଶାଳ ଦାସ, ସୁବଳ ରଣା, ମଦନ ସାହୁ, ଆର୍ତ୍ତ ଘିଭେଲା ତଥା ଅନ୍ୟମାନେ ସହଯୋଗ କରିଥିଲେ।



### ● ଟିଟିଲାଗଡ଼ରେ ଦୋକାନ ବଜାର ବନ୍ଦ

ଟିଟିଲାଗଡ: ଚାଷୀ ସମସ୍ୟା ସହିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଜି ଓଡ଼ିଶା ବନ୍ଦ ଡାକରା - ନବ ନିର୍ମାଣ କୃଷକ ସଙ୍ଗଠନକୁ ସମର୍ଥନ ଜଣାଇଲା କଂଗ୍ରେସ। ଅସାରା ଓଡ଼ିଶାରେ ବନ୍ଦ ଡାକରା ଦିଆଯାଇଛି, ଏହି ପରିପ୍ରେକ୍ଷୀରେ ଟିଟିଲାଗଡ଼ ସହରରେ ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ସହରର ମୁଖ୍ୟ ରାସ୍ତା କଡ଼ରେ ଥିବା ସମସ୍ତ ଦୋକାନ, ପେଟ୍ରୋଲ ପମ୍ପ ବନ୍ଦ ରହିଥିବା ବେଳେ ରିଲାଏନସ ମାର୍ଟ ଓ ଥାନା ସମ୍ମୁଖରେ କିଛି ଦୋକାନୀ ପରିବା ଓ ଫଳମୂଳ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ତେବେ ଏବେ ସମସ୍ତ ସଙ୍ଗଠନ ଓ କଂଗ୍ରେସ କର୍ମୀ ପିକେଟିଂ କରି ବନ୍ଦକରି ଦେଇଛନ୍ତି। ଏହି ବନ୍ଦ ଡାକରାକୁ ସମର୍ଥନ ଦେଇ କଂଗ୍ରେସ ନେତା ବିରେନ୍ଦ୍ର ବାଗ, ବ୍ଲକ ସଭାପତି ମଗନ ଲାଲ୍ ନାଗ, ସାଧାରଣ ସମ୍ପାଦକ ଡିଶିଶି ଶିବ ପରିଡ଼ା, ଜିଲ୍ଲା ସଭାପତି ଏସ ସି ସେଲ ଡମ୍ବରୁ ଧର ଛତ୍ରିଆ, ଜିଲ୍ଲା ଉପ ସଭାପତି ଦେବାନନ୍ଦ ସାହୁ, ସାତ ନମ୍ବର ଜୋନ କଂଗ୍ରେସ କୋର୍ଡି ନେଟର କିଶନ ନାଗ, ଆଦିବାସୀ ସମାଜର ନିତ୍ୟାନନ୍ଦ ମାଝୀ, ମାଇନୋ ରେଟେରି ତାଜୁଦ୍ଦିନ ଖାଁ, ଜୋନ କର୍ଡିନେଟର ଦୁର୍ଯ୍ୟୋଧନ ସୁନା, ଯାଦବ ନେତା ସୁବାସ ଛତର, ଡିସିସି ସମ୍ପାଦକ ଜୟ ସିଂ ତାଣ୍ଡି, ଡି ସି ସି ସେକ୍ରେଟାରୀ ମାଇନୋରିଟି ଏମ ଡି ସାହିଲ ଓ ଅନ୍ୟ ସଦସ୍ୟ ସାମିଲ ହୋଇଥିଲେ।

# ରାସ୍ତାରେ ଭାସୁଛି ନଳକୂଅ ପାଣି


ଦେଓଗାଁ,୨୮ ।୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଉଡ଼ାର ପଞ୍ଚାୟତ ଅଧୀନ ଉଡାର ଗାଁର ଉପରପଡ଼ା ମୁଖ୍ୟରାସ୍ତା ନଳକୂଅ ନିକଟରେ ନିର୍ମାଣ ହୋଇଥିବା ସୋ-ପିଟ୍ କାମରେ ଆସୁ ନ ଥିବାରୁ ଦୂଷିତପାଣି ରାସ୍ତାରେ ବାହାରି କାଦୁଅ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ନଳକୂଅ ପାଣି ବାରମ୍ବାର ରାସ୍ତା ଉପରେ ପଡ଼ିବାରୁ କାଦୁଅ ହୋଇ ମଶାମାଛି ବୃଦ୍ଧିପାଉଥିବାରୁ ଆଖପାଖ ଲୋକେ ବସବାସ କରିବା କଷ୍ଟକର ହୋଇପଡ଼ିଥିବାନେଇ ପଡ଼ାର ପ୍ରମୋଦ କୁମାର ବହିଦାର, ବିରଜ ନାଏକ, ଟିକେଚନ୍ଦ ସାହୁ, ଶେଷଦେବ ମାଝୀ, କଳଦାର ପଧାନ, ବୈଶାଖୁ ପଧାନ, ରାଜୀବ ପଧାନ, ସରସ୍ୱତୀ ଭଣ୍ଡା, ମହାଦେଇ ପଧାନ, ପ୍ରେମଶିଳା ପଧାନ ତଥା ଅନ୍ୟମାନେ ଅଭିଯୋଗ କରିଛନ୍ତି। ପଡ଼ାବାସୀଙ୍କ ଅଭିଯୋଗ ଅନୁସାରେ ଗାଁରେ ରହିଥିବା ନଳକୂଅ ମଧ୍ୟରୁ ବୈଶାଖୁ ପଧାନଙ୍କ ଘର ସାମ୍ନାରେ ରହିଥିବା ନଳକୂଅରେ ବର୍ଷସାରା ପାଣି ବାହାରେ ଓ ଖାଇବା ପାଇଁ ଉପଯୋଗୀ ହେଉଥିବାରୁ ଏହି ନଳକୂଅ ଉପରେ ପଡାର ପ୍ରାୟ ସମସ୍ତେ ନିର୍ଭରଶୀଳ ଅଟନ୍ତି। ଏଣୁ ଲୋକଙ୍କ ଦାବି ଅନୁସାରେ ବର୍ଷେତଳେ ପଞ୍ଚାୟତ ତରଫରୁ ଏକ ସୋ-ପିଟ ନିର୍ମାଣ କରାଯାଇଥିଲା। ହେଲେ ଉକ୍ତ ସୋ-ପିଟ ଠିକରୂପେ ନିର୍ମାଣ ହୋଇ ନ ଥିବାରୁ ବର୍ଷେ ନ ପୂରୁଣୁ ପାଣି ବାହାରି ରାସ୍ତାଉପରେ ମାଡ଼ିଯାଉଛି। ଏଣୁ ଗାଁ ପରିବେଶ ଦୂଷିତ ହୋଇପଡ଼ିଛି। ଏଣୁ ଏ ଦିଗରେ ବ୍ଲକ୍ ପ୍ରଶାସନ ଦୃଷ୍ଟିଦେବାକୁ ପଡ଼ାବାସୀ ଦାବି କରିଛନ୍ତି।



# ୩୧ରେ ସିଏମ୍ ଟ୍ରଫି ପାଇଁ ଖେଳାଳି ଚୟନ

ବଲାଙ୍ଗିର,୨୮ ।୧(ସମିସ): ସିଏମ୍ ଟ୍ରଫି ଫୁଟବଲ ନିମନ୍ତେ ଉଭୟ ବାଳକ ଓ ବାଳିକା ବର୍ଗ ପାଇଁ ଆସନ୍ତା ୩୧ ତାରିଖ ଦିନ ସକାଳ ୯ଟାରେ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମ ଠାରେ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ଏଥିରେ ଯେଉଁ ଖେଳାଳିମାନେ ପୂର୍ବରୁ ପଞ୍ଜିକରଣ କରିଛନ୍ତି ସେମାନେ କେବଳ ଭାଗ ନେଇ ପାରିବେ। ଖେଳାଳିମାନେ ତାଙ୍କର ଜନ୍ମ ପ୍ରମାଣପତ୍ର, ଆଧାରକାର୍ଡ ଏବଂ ପାସପୋର୍ଟ ଫଟୋ ସଙ୍ଗରେ ଧରି ଆସିବେ।

ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା କ୍ରୀଡା ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦଙ୍କୁ ମୋବାଇଲ ନଂ.୯୯୩୭୪୮୬୧୯୯ ରେ ଯୋଗାଯୋଗ କରିବାକୁ କ୍ରୀଡ଼ା ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି।




**ସର୍ବଭାରତୀୟ ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ**

# ଫୁଲବାଣି ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ କୁଚିଣ୍ଡା ଫାଇନାଲରେ

ବଲାଙ୍ଗିର,୨୮ ।୧(ସମିସ)




ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରଥମସେମି ଫାଇନାଲ କୁଚିଣ୍ଡା ବିଏଫ୍‌ସି ବନାମ ଫୁଲବାଣି ସ୍ପୋର୍ଟ୍ସ ହଷ୍ଟେଲ ଖେଳ ୧-୧ ଗୋଲରେ ଡ୍ର ରହିଥିଲା। ଟ୍ରାଇବ୍ରେକର ୩-୧ ଗୋଲରେ କୁଚିଣ୍ଡା ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ବଲାଙ୍ଗିର ବିଧାୟକ ତଥା ଟୁର୍ଣ୍ଣାମେଣ୍ଟ କମିଟି ସଭାପତି କଳିକେଶ ନାରାୟଣ ସିଂଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲ, ଯୁବ ନେତା ମନ୍ମଥ ନାରାୟଣ ସିଂ ଦେଓ, କ୍ରୀଡାବିତ୍ ତଥା ଯୁବନେତା ଅଜୟ ଦାସ, କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗଦେଇ ଥିଲେ। ଖେଳକୁ ସଞ୍ଜନ କୁଦେଇ, ଦୋଳ ଗୋବିନ୍ଦ ମୁଣ୍ଡା, ଦେବାଶିଷ ବାଗ, ସଞ୍ଜୀବ ମହାରଣା ପରିଚାଳନା କରିଥିଲେ। ଗୋଲକିପର ଅମିତ କୁଜୁରଙ୍କୁ ୨ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଅତିଥିମାନଙ୍କ ମଧ୍ୟରେ ଡ.ଶ୍ରୀକର ମିଶ୍ର, କ୍ରୀଡା ସଂସଦର ସାଧାରଣ ସଂପାଦକ ହରି ନାରାୟଣ ପୁଜାରୀ, ବିଧୁଭୂଷଣ ତ୍ରିପାଠୀ, ଉପ-ସଭାପତି ଶମ୍ଭୁ ପ୍ରସାଦ ନାଗ, ସଂପାଦକ ସାଗର ସଂଗମ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିବା ବେଳେ ଜିଲ୍ଲା କ୍ରୀଡ଼ା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା ମଞ୍ଚ ସଞ୍ଚାଳନ କରିଥିଲେ।

କଂଗ୍ରେସ ଓ ବିଜେଡିର ସମର୍ଥନ

# ନବ ନିର୍ମାଣ କୃଷକ ସଂଘର ବନ୍ଦ ପାଳନ







**ଧର୍ମଗଡ଼, ୨୮ ।୧(ସମିସ)**

ନବ ନିର୍ମାଣ କୃଷକ ସଂଘ ପକ୍ଷରୁ ବୁଧବାର ରାଜ୍ୟବ୍ୟାପୀ ବନ୍ଦ ଡାକରା ଦିଆଯାଇଛି।ଏହାର ପ୍ରଭାବ ସାରା ରାଜ୍ୟରେ ଦେଖିବାକୁ ମିଳିଛି। ଏହିପରିପେକ୍ଷିରେ କଳାହାଣ୍ଡି ଜିଲ୍ଲାରେ ତାର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି। ଧର୍ମଗଡ଼ ଉପଖଣ୍ଡ ବିଭିନ୍ନ ବ୍ଲକ ସରକାରୀ ବେସରକାରୀ, ଶିକ୍ଷାନୁଷ୍ଠାନ ସମେତ ଦୋକାନ ବଜାର ଓ ବ୍ୟାଙ୍କ ସେବା ଭଳି କାର୍ଯ୍ୟାଳୟ ଠପ ହୋଇପଡ଼ିଛି। ଯାନବାହାନ ଚଳାଚଳ ବନ୍ଦ ପଡ଼ିଥିବା ବେଳେ ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ନଜର ରହିଛି। ଧର୍ମଗଡ଼ ସହର ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ସକାଳ ୬ଘଣ୍ଟା ସମୟରେ ନବ ନିର୍ମାଣ କୃଷକ ସଂଘର ସଦସ୍ୟ ଓ ବିଭିନ୍ନ ଦଳୀୟ କର୍ମକର୍ତ୍ତା ସହର ବିଭିନ୍ନ ସ୍ଥାନରେ ନାରବାଜି ଦେବା ସହ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଧର୍ମଗଡ଼ ସହରରେ ସରକାରୀ ବେସରକାରୀ ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।ବନ୍ଦ ଡାକରାକୁ ବ୍ଲକ କଂଗ୍ରେସ, ବିଜେଡି ସମେତ ଓବିସି ମୋର୍ଚ୍ଚା, ସିପିଏମ ସହ ବିଭିନ୍ନ ସଂଗଠନ ସମର୍ଥନ ଦେଇଥିଲେ। ନବ ନିର୍ମାଣ କୃଷକ ସଂଘ କୁ ସମର୍ଥନ ଦେଇ ବିଜେଡି ବ୍ଲକ ସଭାପତି ଡାକେ ଲହଜଳ, ସାଧାରଣ ସମ୍ପାଦକ ଲିପୁ ମହାନ୍ତି, ସମ୍ପାଦକ ଲବଣି ରାଉତ, ରତନ ନାଏକ, କୃପା ଚଣ୍ଡି, ଦୟମାଝୀ, କଂଗ୍ରେସ ବ୍ଲକ ସଭାପତି ପ୍ରେମ ଲାଲ ସାଗର, ଜିଲ୍ଲା ଉପସଭାପତି ଫକୀର ଚରଣ ନାଏକ, ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାପତି ଧରଣୀ ଧର ଧଙ୍ଗଡ଼ା ମାଝୀ, ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ଗୋଲୁ ନାଏକ, ସୁରେଶ ମୁଣ୍ଡ, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଡମ୍ବରୁ ଧର ଲହଜଳ, ସିପିଆଇ ନେତା ଜଗଦୀଶ ଦୁର୍ଗା, ଆଦିବାସୀ ନେତା ଶ୍ୟାମ ସୁନ୍ଦର ମାଝୀ ପ୍ରମୁଖ ବନ୍ଦ ଡାକରା ସମର୍ଥନ ଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷି ଥିଲେ।

## ଜୟପାଟଣା

**ଜୟପାଟଣା:** ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆଜି ୮ ଘଣ୍ଟିଆ ବନ୍ଦ ଡାକରା ଦେଇଥିବା ବେଳେ ଜୟପାଟଣାରେ ବନ୍ଦର ପ୍ରଭାବ ପଡ଼ିବା ସହ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ଗାଡି ଚଳାଚଳ ବନ୍ଦ ରହିଥିଲା। ବନ୍ଦକୁ କଂଗ୍ରେସ ଦଳ ମଧ୍ୟ ସମର୍ଥନ ଜଣାଇଥିବା ବେଳେ ପିସିସି ସଭାପତି ଭକ୍ତ ଚରଣ ଦାସ ଙ୍କ ନେତୃତ୍ୱରେ କଂଗ୍ରେସ ପକ୍ଷରୁ ବନ୍ଦକୁ ଜୋରଦାର କରାଯାଇଛି। ଜୟପାଟଣା ବ୍ଲକ କଂଗ୍ରେସ କମିଟିର ସଭାପତି ସୁଶୀଲ କୁମାର ନାଏକ ମଧ୍ୟ ଜୟପାଟଣାରେ ବନ୍ଦକୁ ସଫଳ କରିଛନ୍ତି। ରାଜ୍ୟରେ ଧାନମଣ୍ଡି ଧାନ ବିକ୍ରିରେ ଅବ୍ୟବସ୍ଥା, ଟୋକନ ଯାତନା, ମଣ୍ଡିରେ କଟନି ଛଟନି, ୧୫୦କ୍ୱିଣ୍ଟାଲ ବିକ୍ରି ପରେ ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ଦିଆ ନ ଯିବା, ପ୍ରଦୂଷଣ ନାମରେ ଟଙ୍କା ଅସୁଲ ଭଳି ଅନେକ ଅବ୍ୟବସ୍ଥାକୁ ପ୍ରତିବାଦ କରି ବନ୍ଦ ଡାକରା ଦିଆଯାଇଥିଲା। ଜୟପାଟଣାରେ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ପୂର୍ବତନ ସଂଯୋଜକ ତରୁଣ କୁମାର ନାଏକ, ନେତ୍ରମଣୀ ନାଗ, ପୁରୁଷୋତ୍ତମ ମାଝୀ, ନୂତନ ଶବର, ନିତ୍ୟା ମାଝୀ, ପରମାନନ୍ଦ ନାଏକ ପ୍ରମୁଖ ବନ୍ଦକୁ ସଫଳ କରିଥିଲେ।

## ଗୋଲାମୁଣ୍ଡା

**ଗୋଲାମୁଣ୍ଡା:** ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂହ ଦେଓ ଚାଷୀ କୂଳଙ୍କୁ କଟାକ୍ଷ ମନ୍ତବ୍ୟ ଦେଇ ଉପହାସ କରିଥିବା ପ୍ରତିବାଦରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦେଇଥିଲା। ଗୋଲାମୁଣ୍ଡା ବ୍ଲକରେ ମଧ୍ୟ ବନ୍ଦ ଡାକରା ଦିଆଯାଇଥିଲା। ଏହି ଡାକରାରେ ଅନେକ କଂଗ୍ରେସ କର୍ମୀ ସାମିଲ ହୋଇ ବେସରକାରୀ କାର୍ଯ୍ୟାଳୟ ବନ୍ଦ କରିବା ସହ ବିଜୁ ଏକ୍ସପ୍ରେସ ଫୋର୍ ୱେ ରାସ୍ତା ଅବରୋଧ କରିଥିଲେ। ଯାହା ଫଳରେ ହଜାର ହଜାର ଯାନବାହାନ ଅଟକି ରହି ରାସ୍ତା ଜାମ ହୋଇଥିବାରୁ ଯାତାୟାତରେ ଅସ୍ୱାଭାବିକ ଦେଖା ଦେଇଥିଲା। ହେଲେ ଦୋକାନ ବଜାର ଖୋଲା ରହିଥିବା ଦେଖିବାକୁ ମିଳିଛି। ସକାଳ ୬ ଘଣ୍ଟାରୁ ଦିନ ୨ ଘଣ୍ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥିଲା। ଗୋଲାମୁଣ୍ଡା କଂଗ୍ରେସ ପକ୍ଷରୁ ତୁଲେଶ୍ୱର ନାଏକ, ନୌକେଶର ପଟେଲ, ସାଉଳ ମଙ୍ଗରାଜ, ଦେବରାଜ ଭାଟି, ସାନ ମାଝି, ପ୍ରମୁଖ ସାମିଲ ହୋଇଥିଲେ।

## ଅରାଜକତାର ମଞ୍ଜି ବୁଣୁଛି ବିଜେପି

**ଭବାନୀପାଣା:** ଚାଷୀ କାର୍ଡ ଖେଳି ରାଜ୍ୟରେ ବିଜେପି ସରକାର ଭୋଟ ହାତେଇଲେ।ପରବର୍ତ୍ତୀ ସମୟରେ ଚାଷୀ ଯେଉଁ ସଙ୍କଟକୁ ସାମ୍ନା କରିଆସୁଛି ତାହାର ସମାଧାନ କଥା ଭୁଲିଗଲେ। ଚାଷୀ କେବେ ବି ପୂର୍ବରୁ କୌଣସି ମନ୍ତ୍ରୀ କିମ୍ବା ରାଜନୈତିକ ବ୍ୟକ୍ତିଙ୍କ ଦ୍ୱାରା ଲଜ୍ଜିତ, ଅପମାନିତ ଏବଂ ନିରାଶ ହେବାର ନଜିର ନାହିଁ। ଏବେ କିନ୍ତୁ ରାଜ୍ୟରେ ବିଜେପି ସରକାରକାଳରେ ତାହା ସବୁ ସମ୍ଭବ ହୋଇପାରୁଛି। ବିଦ୍ୟୁତ୍ ବିଲ ଛାଡ ହେଉ କି ପରିବେଶ ନାଁରେ ପଲ୍ୟୁସନ୍ ସାର୍ଟିଫିକେଟ ସାଧାରଣଲୋକ ଖୁବ୍ ହିନସ୍ତା ହେବା ସାର ହେଉଛି। ଧାନ ମଣ୍ଡିମାନଙ୍କରେ ଅବ୍ୟବସ୍ଥା, ଏଫଏକ୍ୟୁ ନାମରେ ୫କେଜିରୁ ୧୦କେଜି ପର୍ଯ୍ୟନ୍ତ କଟନୀ ଛଟନୀ, ବିକ୍ରି ହୋଇଥିବା ଧାନର ଟଙ୍କା ଠିକ୍ ସମୟରେ ଚାଷୀଙ୍କୁ ନ ମିଳିବା, ୧୫୦କୁଇଣ୍ଟାଲର ଅଧିକ ଧାନ ପାଇଁ ଇନପୁଟ୍ ସହାୟତା ୮୦୦ଟଙ୍କା ନ ଦିଆଯିବା, ପ୍ରଦୂଷଣ ନାମରେ ୩୫ଲକ୍ଷ ଲୋକଙ୍କ ଠାରୁ ୧୩୦୦କୋଟି ଟଙ୍କା ଆଦାୟ କରିବା ପାଇଁ ସାଧାରଣ ବ୍ୟକ୍ତିଙ୍କ ଠାରୁ ହଜାର ହଜାର ଟଙ୍କାର ଜରିମାନା ନେବା, ବକେୟା ଟଙ୍କା ଆଦାୟ ଆଳରେ ଟାଟା ପାୱାରର ବିଦ୍ୟୁତ୍ ଉପଭୋକ୍ତାଙ୍କ ପ୍ରତି ଜୁଲୁମ, ସ୍ମାର୍ଟ ମିଟର ନାମରେ ଲୋକଙ୍କୁ ଶୋଷଣ କରିବା, ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଚାଷୀଙ୍କୁ ନୌଟଙ୍କି ଓ ଦଲାଲ କହିବା ଏବଂ ପ୍ରତିବାଦ କଲେ ଗୁଣ୍ଡା ଓ ପୁଲିସ୍ ଲଗାଇ ମାଡ ମାରିବା ବିରୋଧରେ ନବନିର୍ମାଣ କୃଷକ ସଂଗଠନ ଆଜି ସକାଳ ୬ଟା ରୁ ଦିନ ୨ଟା ପର୍ଯ୍ୟନ୍ତ ଓଡ଼ିଶା ବନ୍ଦ ଡାକରା ଦେଇଥିଲା। କଳାହାଣ୍ଡି ଜିଲ୍ଲାରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ନବନିର୍ମାଣ କୃଷକ ସଂଗଠନର କଳାହାଣ୍ଡି ଜିଲ୍ଲା ସଂଯୋଜକ ଲିଙ୍ଗରାଜ ପ୍ରଧାନଙ୍କ ନେତୃତ୍ୱରେ ଓ ବିଭିନ୍ନ ସଂଗଠନ ତଥା ରାଜନୈତିକ ଦଳର ସହଯୋଗରେ ଭବାନିପାଟଣାସ୍ଥିତ ଘୋଡାଘାଟ ବ୍ରିଜ୍ ରାସ୍ତା ଅବରୋଧ କରି ଚକା ଯାମ କରିଥିଲେ। ବସ୍, ଅଟୋ, ଚାରିଚକିଆ ବାହାନ ଚଳାଚଳ, ଦୋକାନ ବଜାର ସ୍ୱପ୍ରବୃତ ଭାବରେ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପିକେଟିଂ କରି କିଛି ସ୍କୁଲ, ବ୍ୟାଙ୍କ, ଅଫିସ୍ ବନ୍ଦ କରିଥିଲେ। ଏଥିରେ ନବନିର୍ମାଣ ସଂଗଠନର ହେରାମ୍ବ ସେନାପତି, ହିତେଶ ନାଏକ, ବୃନ୍ଦା ନାଏକ, ଗମୟ ରଞ୍ଜନ ନାଏକ, ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନର ସଭାପତି ସୁରେଶ ସଂଗ୍ରାମ, ଲକ୍ଷ୍ମୀନାରାୟଣ ପଣ୍ଡା, ନିରୋଦ କୁମାର ରାଉତ, କବିତା ରାଉତ, ମଧୁଲାଲ ନାଏକ ଓ ପ୍ରଫୁଲ୍ଲ କର, ଜନ ଜାଗରଣ ମଞ୍ଚର ଅଗଷ୍ଟ ନାଏକ ଓ ସୁରେଶ ମାଝୀ, କଂଗ୍ରେସ ଦଳର ଜିଲ୍ଲା ସଭାପତି ଜଳନ୍ଧର ନାଏକ, ସରୋଜ ବାଗ, ମହମ୍ମଦ ସାହେବ, ସନ୍ତୋଷ ପ୍ରଧାନ, ଇନ୍ଦ୍ରଜିତ୍ ମହାକୁଡ଼, ସିଦ୍ଧାର୍ଥ ନାୟକ, ମନ୍ଦାକିନୀ ବାଣୁଆ, ସୁଧାଂଶୁ ବିଶି, ଲକ୍ଷ୍ମିପ୍ରିୟା ନାୟକ, ସୌଭାଗ୍ୟ ମଲ୍ଲୀକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଞ୍ଜୟ ସୁନାନୀ ସହିତ ବିଭିନ୍ନ ଗାଁର ୧୦୦ରୁ ଉର୍ଦ୍ଧ୍ୱ ଚାଷୀ, ମହିଳା, ବୁଦ୍ଧିଜିବୀ ସାମିଲ ହୋଇ ବନ୍ଦକୁ ସଫଳ କରିଥିଲେ।

ବକଟପୁର ମାଁ ହିରାନୀଲାଙ୍କ ଝାମୁଯାତ୍ରା ସମ୍ପନ୍ନ

# ନିଆଁରେ ଚାଲିଲେ କାଳିସୀ

**ଲାଞ୍ଜିଗଡ଼, ୨୮ ।୧ (ସମିସ):** ମାଘ ମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତ ସ୍ଥିତ ବକଟପୁର ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ହୀରାନୀଳାଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ପୂଜକମାନେ ମାଘମାସ ଦ୍ୱିତୀୟା ଦିନ ୭ଟି ନୂଆ ଚାଙ୍ଗୁଡ଼ିରେ



ନଦୀରୁ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ଧାନ, ମକା, ମୁଗ, ବିରି, କୋଳଥ ଇତ୍ୟାଦି ବିହନ ଗଜା ହେବା ପାଇଁ ଚାଗୁଡିରେ ଥିବା ବାଲିରେ ପକାଇଥାନ୍ତି ଓ ଝାମେରା କଣ୍ଟାରେ ଦୋଳି ତିଆରି କରିଥାନ୍ତି। ଗଜା ହୋଇଥିବା ବିହନ ଓ କଣ୍ଟା ଦୋଳିକୁ ନବମୀ ପର୍ଯ୍ୟନ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥାଏ। ଏହି ଦିନ ମା' ହୀରାନୀଳ କଞ୍ଚା ମାଠିଆରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଦଶମୀ ଦିନ ମାଆଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଗାଁରେ ଜନୈକ ବ୍ୟକ୍ତି ଶ୍ରୀନିବାସ ନାଏକଙ୍କ ଦେହରେ ଦେବୀଙ୍କ ଆବିର୍ଭାବ ହେଇଥିଲା। ଏହାପରେ ଦେବୀଙ୍କ କାଳିସୀ ମୁଖ୍ୟ ପୀଠସ୍ଥଳୀ ମା'ହୀରାନୀଳା ପାହାଡକୁ ଶହ ଶହ ଶ୍ରଦ୍ଧାଳୁ ଯାଇ ନିଜ ମାନସିକ ଅନୁସାରେ ମା'ଙ୍କ ଆସ୍ଥାନରେ ଝଣ୍ଡା ବାନ୍ଧିଥିଲେ। ଏହା କଲେ ମାନସିକ ପୂରଣ ବୋଲି ବିଶ୍ୱାସ କରନ୍ତି। ଏହା ପରେ ସେଠାରୁ ଏକ ଶୋଭାଯାତ୍ରାରେ ଗ୍ରାମରେ ଥିବା ବାଲିଘଟ ଫେରି ଆସିଥିଲେ। ପ୍ରଥମେ ଗାଁ ଗୋନ୍ତିଆ ବିକ୍ରମାଦିତ୍ୟ ବାରିକଙ୍କ ଘରକୁ ଯାଇ ପାଦ ପୂଜା ପରେ ସେଠାରୁ ଝାମୁଯାତ୍ରା ପଡ଼ିଆକୁ ଫେରି ଆସିଥିଲେ। ଫେରିବା ପରେ ପ୍ରଥମେ ଡହଡ଼ହ ତତଲା ନିଆଁରେ ଦେବୀଙ୍କ କାଳିସୀ ଚାଲିବା ସହ ନିଜ ଶକ୍ତିର ପରିଚୟ ଦେଇଥିଲେ ଓ ମୂନିଆ ଝାମେରା କଣ୍ଟାରେ ତିଆରି ଦୋଳିରେ ବସି ଭକ୍ତମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହାପରେ ମାନସିକ କରିଥିବା ଭକ୍ତ ମାନେ ମାନସିକ ଅନୁଯାୟୀ ପୋଢ, ଛେଳି ଓ ବହୁ ସଂଖ୍ୟକ କୁକୁଡ଼ା ପାରା ବଳି ଦିଆଯାଉଥିଲା। ଏଥିରେ ମାଁ ହୀରାନୀଳ ମୁଖ୍ୟ ବାହୁକ ଦେବାନନ୍ଦ ସାହୁ, ସରଦ ଗଣ୍ଡା, ବାହୁକ ନକୁଳ ବେହେରା, ପ୍ରଦିପ ବେହେରା, ଶକ୍ତି ସାଗର ବାରିକ, ପ୍ରସାନ୍ତ ପାତ୍ର, ପରମାନନ୍ଦ ବେହେରା, ମନୁ ବେହେରାଙ୍କ ସମେତ ଯାତ୍ରାରେ ଗ୍ରାମବାସୀ ବିଭିନ୍ନ ଦାଇତ୍ୱ ତୁଲାଇ ଥିଲେ। ଗାଁ ଗୌଟିଆ ବିକ୍ରମାଦିତ୍ୟ ବାରିକ, ଦେବୀଙ୍କ ପାରମ୍ପରିକ ସେବକ ଭାବେ ଦେବୀଙ୍କ ସହ ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ଏସିଏଫ୍ ତଥା ବିଶ୍ୱନାଥପୁର ଭାରପ୍ରାପ୍ତ ରେଞ୍ଜର ନରୋତ୍ତମ ମାଝୀ, ପଖୋରୀବନ୍ଧ ସରପଞ୍ଚ ସସ୍ମିତା ମାଝୀ ପ୍ରମୁଖ ଯୋଗଦେଇ ମାଁଙ୍କ ଆଶିର୍ବାଦ ନେଇଥିଲେ। ମାଁ ହିରାନୀଳା କମିଟି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ କମିଟି ଉପସଭାପତି କର୍ଣ୍ଣ ମାଝୀ, କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ବାଣୁଆ, ପବିତ୍ର ବିଭାର, ସାଧାରଣ ସମ୍ପାଦକ ବିକ୍ରମାଦିତ୍ୟ ବାରିକ, ସହ ସମ୍ପାଦକ ସଂକୀର୍ତ୍ତନ ବେହେରା, କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ବାରିକ, ସହ କୋଷାଧ୍ୟକ୍ଷ ମୁକେଶ ବେହେରା, ପରାମର୍ଶଦାତା ସନାତନ ବିଶି, କୁଳମଣି ବାଣୁଆ, ଆବାହକ ପିତାମ୍ବର ବିଶି, ସଦସ୍ୟ ଶଙ୍କର ପ୍ରଧାନୀ, ଉଗ୍ରସେନ ବାଗ, ମୁକେଶ ସାହୁ, ବୈରାଗୀ ବିଭାର, ହର ବେହେରା, ଫକିର ହରପାଳ, ଲଛମନ ବେହେରା, ଲୋଚନ ବେହେରା, ସୁଶାନ୍ତ ମାଝୀ, ଭଗବାନ ରାଉତ ସମେତ ପଞ୍ଚାୟତବାସୀ ସହଯୋଗ କରିଥିଲେ। ଏଥିରେ ଜିଲ୍ଲା ତଥା ପଡୋଶୀ ଜିଲ୍ଲାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ବିଶ୍ୱନାଥପୁର ଠାରେ ମଧ୍ୟ ମାଁ ହୀରାନୀଳାଙ୍କ ଝାମୁଯାତ୍ରା ସମ୍ପନ୍ନ ହୋଇଯାଇଛି।

# ତଳାଗାଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କୋକସରା, ୨୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ତଳାଗାଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଳାମ୍ବର ଦାସ ବାର୍ଷିକ ବିବରଣୀ ପଠନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସିଆରସିସି ସୁମନ୍ତ ପ୍ରସାଦ ଠାକୁର ସଭାପତିତ୍ୱ କରିଥିଲେ।କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। କୋକସରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀ ମୁଖ୍ୟବକ୍ତା, ଶିକ୍ଷକ ଲକ୍ଷ୍ମୀଧର ସେନାପତି, କାଉଡୋଲା ୟୁପି ସ୍କୁଲର ପ୍ରଧାନଶିକ୍ଷକ ସ୍ୱର୍ଣ୍ଣ ପ୍ରଭା ପଣ୍ଡା, ପ୍ରଧାନଶିକ୍ଷକ ଜୟଶଙ୍କର ପାଠୀ, ଶିକ୍ଷକ ଚନ୍ଦ୍ରମଣୀ ବେମାଲ, ସ୍ଥାନୀୟ ସରପଞ୍ଚ ଜମୁନା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଚନ୍ଦ୍ର ଶେଖର ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ଯଶୋଧାରା ବାଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବକୁ ପରିଚାଳନା କରିଥିଲେ। ସ୍କୁଲ ପରିଚାଳନା କମିଟିର ସଦସ୍ୟ ଲାଲ୍ ସିଂ ବାଗ, ଦେବିଶିଂ ନାଏକ, ଲକ୍ଷ୍ମୀ ପୁଝାରୀ, ଲକ୍ଷ୍ମୀ ବିଶି ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

■ ବେଆଇନ ଇଟାଭାଟି ପାଇଁ ପରିବେଶ ବିପର୍ଯ୍ୟସ୍ତ

# ଜମି ମାଫିଆଙ୍କ ଦୌରାତ୍ମ୍ୟକୁ ଗ୍ରାମବାସୀଙ୍କ ବିରୋଧ

**କୋମନା, ୨୮ ।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପେଣ୍ଡ୍ରାବନ ପଞ୍ଚାୟତର ଚାନ୍ଦୋପଲା ଗ୍ରାମରେ ଚାଲିଥିବା ବେଆଇନ ଇଟାଭାଟିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ୧୦ ବର୍ଷ ହେବ ଚାଲିଥିବା ବେଆଇନ କାରବାର ଯୋଗୁଁ ଗ୍ରାମର ପରିବେଶ ପ୍ରଦୂଷିତ ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ଇଟାଭାଟିରୁ ନିର୍ଗତ ଧୂଆଁ ଓ ପାଉଁଶ ଯୋଗୁଁ ବାୟୁ ପ୍ରଦୂଷଣ ଚରମ ସୀମାରେ



ପହଞ୍ଚିଛି। ଏହା ବ୍ୟତୀତ, ଇଟା ତିଆରି ପାଇଁ ଜେସିବି ସାହାଯ୍ୟରେ ସରକାରୀ ନଦୀପଠା ଓ ଶ୍ମଶାନ ଜମିରୁ ବ୍ୟାପକ ଭାବେ ମାଟି ଖୋଳାଯାଉଛି। ଫଳରେ ମୃତ୍ତିକା କ୍ଷୟ ହେବା ସହ ଗ୍ରାମର ପାସ୍ତୁର ଜମି ଓ ମୂଲ୍ୟବାନ ଗଛଲତା ନଷ୍ଟ ହେଉଛି। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ଯେତେବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରୁଛନ୍ତି, ସେମାନଙ୍କୁ ମିଥ୍ୟା କେସ୍‌ରେ ଛନ୍ଦି ଦେବାକୁ କିମ୍ବା ଜୀବନରୁ ମାରିଦେବାକୁ ଧମକ ଦିଆଯାଉଛି। ଟ୍ରାକ୍ଟରଗୁଡ଼ିକ ଅତ୍ୟନ୍ତ ଦ୍ରୁତ ଗତିରେ ଗ୍ରାମ ମଝିରେ ଚଳାଚଳ କରୁଥିବାରୁ ଛୋଟ ପିଲାଙ୍କ ପାଇଁ ଦୁର୍ଘଟଣାର ଭୟ ସୃଷ୍ଟି ହୋଇଛି। ଅଭିଯୋଗ ହୋଇଛି ଯେ, ମାଫିଆମାନେ ସ୍ଥାନୀୟ ପ୍ରଶାସନକୁ ହାତ କରି ଏହି କାରବାର ଜାରି ରଖିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଚାନ୍ଦୋପଲା ଗ୍ରାମର ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ କୋମନା ତହସିଲଦାର ଏବଂ ନୂଆପଡ଼ା ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରର ନକଲ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମଧ୍ୟ ପ୍ରେରଣ କରାଯାଇଛି। ଗ୍ରାମବାସୀଙ୍କ ଦାବି ତୁରନ୍ତ ବେଆଇନ ଇଟାଭାଟି ବନ୍ଦ କରାଯାଉ, ସରକାରୀ ଜମିରୁ ମାଟି ଖନନ ବନ୍ଦ ହେଉ। ପ୍ରଶାସନ ତୁରନ୍ତ ପଦକ୍ଷେପ ନନିଏ, ତେବେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଗଣତନ୍ତ୍ର ଦିବସ




**ଭବାନୀପଟଣା, ୨୮ ।୧(ସମିସ):** ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପଟଣାରେ ଗଣତନ୍ତ୍ର ଦିବସ ଦେଶଭକ୍ତି ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭୀମସେନ ପଣ୍ଡା, ଅଧକ୍ଷ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଭବାନୀପଟଣାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହା ପରେ ଜାତୀୟସଙ୍ଗୀତ ଓ ଝଣ୍ଡା ଗୀତର ସମୂହଗାନ ହୋଇଥିଲା।ଏହି ଅବସରରେ ବାଲ ବାଟିକାରୁ ଆରମ୍ଭ କରି ମାଧ୍ୟମିକ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଦେଶଭକ୍ତିମୂଳକ ଗୀତ, ନୃତ୍ୟ, ଯୋଗ ପ୍ରଦର୍ଶନ ଓ ପ୍ରେରଣାଦାୟକ ଭାଷଣ ମାଧ୍ୟମରେ ସମାରୋହକୁ ଆକର୍ଷଣୀୟ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଭୀମସେନ ପଣ୍ଡା ଉଦ୍‌ବୋଧନରେ ଭାରତୀୟ ସମ୍ବିଧାନର ମୂଲ୍ୟବୋଧ, ଜାତୀୟ ଏକତା ଓ ଦାୟିତ୍ୱଶୀଳ ନାଗରିକତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ନୂଆପଡ଼ାରେ ଜିଲ୍ଲା ଉନ୍ନୟନ ସମିତି ବୈଠକ

# ସମସ୍ତ ସରକାରୀ କାର୍ଯ୍ୟାଳୟ ପେପରଲେସ୍ ହେବ

**ନୂଆପଡ଼ା, ୨୮ ।୧(ସମିସ)**

ନୂଆପଡ଼ା ଜିଲ୍ଲାର ସାମଗ୍ରିକ ଉନ୍ନୟନକୁ ତ୍ୱରାନ୍ୱିତ କରିବା ଓ ଅନ୍ତଃବିଭାଗ ସମନ୍ୱୟ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ସ୍ଥାନୀୟ ସଭାବନା ସଭାଗୃହରେ ଜିଲ୍ଲା ଉନ୍ନୟନ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସାମଗ୍ରିକ ବିକାଶ ଶୀଘ୍ର ଏବଂ ନିଶ୍ଚିତ କରିବା ପାଇଁ ପ୍ରତି ମାସ ବୈଠକ ଆୟୋଜିତ ହେଉଥିବା ଜିଲ୍ଲାପାଳ କହିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁବାସ ଚନ୍ଦ୍ର ରଇତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରଫୁଲ୍ଲ କୁଜୁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ଜିଲ୍ଲା ପରିଷଦ ଏ .ପି. ଡି. କ୍ଷମାନିଧି ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

ବୈଠକର ଆରମ୍ଭରେ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରି ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟଶଳୟରେ ପେପରଲେସ୍ କାର୍ଯ୍ୟପ୍ରଣାଳୀ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓସ୍ୱାସ ମାଧ୍ୟମରେ ଅନଲାଇନ ଫାଇଲ ଓ ସମସ୍ତ ଚିଠିପତ୍ର ଆଦାନ ପ୍ରଦାନ



ଆରମ୍ଭ କରିବାକୁ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଥିବା ସମସ୍ୟାର ତ୍ୱରିତ ସମାଧାନ ଏବଂ ଅଧିକ ଉନ୍ନତି ଆଣିବାକୁ ସେ ଡିଇଜିଏମ୍ ବିରେନ୍ଦ୍ର ସିଂ ଦଣ୍ଡସେନାଙ୍କୁ କହିଥିଲେ। ଉପନିର୍ଦ୍ଦେଶକ, ପରିସଂଖ୍ୟାନ ଡିଲେଶ୍ୱର ଧରୁଆ ବିଗତ ମାସର ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବିଗତ ମାସରେ ଉନ୍ନୟନ କାର୍ଯ୍ୟରେ ଥିବା ବାଧା, ବିସଂଗତି ଓ ସେଗୁଡ଼ିକର ସମାଧାନ ଏବଂ ପ୍ରତ୍ୟେକ ବିଭାଗର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ପର୍ଯ୍ୟଟନ ବିଭାଗ ଦ୍?ାରା ତୀଖାଲି ଡ୍ୟାମ, ଗୋଧସ ଜଳପ୍ରପାତର ଉନ୍ନତି କରଣ, ଜିଲ୍ଲା ସଂସ୍କୃତି ଭବନ, ଟାଉନ୍ ହଲ ନିର୍ମାଣ ଉପରେ ଆଲୋଚନା ହୋଇଥିଲ। ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ରାଜପଥ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜଣାପଡ଼ିଥିଲା ଯେ ଜିଲ୍ଲାରେ ୧୯୬ ଜଣ ଚାକିରୀ ଆଶାୟୀ ପ୍ରଶାସନିକ, ବ୍ୟାଙ୍କିଂ, ଏସ୍‌ଏସ୍‌ସି ଓ ଅନ୍ୟାନ୍ୟ ନିଯୁକ୍ତି ପରୀକ୍ଷା ପାଇଁ ପ୍ରଶିକ୍ଷଣ ନେବା ନିମିତ୍ତ ଆବେଦନ କରିଛନ୍ତି। ସ୍କ୍ରିନିଂ କରି ଯୋଗ୍ୟ ଆଶାୟୀଙ୍କୁ ଚୟନ ପୂର୍ବକ ଶୀଘ୍ର ତାଲିମ ଆରମ୍ଭ କରିବାକୁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।ଜଳସେଚନ, ପଞ୍ଚାୟତି ରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ରାସ୍ତା ଓ ଗୃହନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପ୍ରାଣୀ ସମ୍ପଦ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଖଣି ଓ ପର୍ଯ୍ୟଟନ, ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ସମସ୍ତ ବିଭାଗର କାର୍ଯ୍ୟ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। "ତହସିଲଦାରମାନଙ୍କ ଦ୍ୱାରା ବିଭିନ୍ନ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପ୍ରାଣୀ ଚିକିତ୍ସାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର, ଖେଳ ପଡ଼ିଆକୁ ଜମି ପଟ୍ଟା ଯୋଗାଇବା ସହ ନୂତନ କୋଠା ନିର୍ମାଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା।ବୈଠକ ଶେଷରେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ସର୍ଗୀକୃତ ମନୋଭାବରେ କାର୍ଯ୍ୟ କରି ଜିଲ୍ଲାକୁ ସବୁଜ, ସୁନ୍ଦର ଏବଂ ପ୍ଲାଷ୍ଟିକ ମୁକ୍ତ କରି ପ୍ରଗତିର ପଥରେ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ସ୍ତରରେ ପ୍ରାପ୍ତ ହୋଇଥିବା' ଶ୍ରେଷ୍ଠ ନିର୍ବାଚନ ଜିଲ୍ଲା ' ପୁରସ୍କାରକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସମର୍ପଣ କରି ଦେଇଥିଲେ।

ଚିକିଲି ଚନ୍ଦ୍ରଭାନୁ ହାଇସ୍କୁଲର ସମାରୋହ

# 'ହାରିବା ପଛେ କେବେ ହାର ମାନିବା ନାହିଁ'


**କୋକସରା, ୨୮ ।୧(ସମିସ):** କୋକସରା ବ୍ଲକ ଚିକିଲି ଚନ୍ଦ୍ରଭାନୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୨ ତମ ଚନ୍ଦ୍ରଭାନୁ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର




ପ୍ରଧାନଶିକ୍ଷକ ମଳୟ କୁମାର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନେଗୀଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଯୁବରାଜ ଜାଲ ମୁଖ୍ୟ ବକ୍ତା, ସ୍କୁଲ ପରିଚାଳନା କମିଟିର ଅଧକ୍ଷ ହୃଷିକେଶ ନାଏକ, ଡ଼ଙ୍ଗରୀଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଲୋକନାଥ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ ଯେ' ବାରମ୍ବାର ହାରିବା ପଛେ କେବେ ହାର ମାନିବା ନାହିଁ, କାହିଁକି ନିରନ୍ତର ପ୍ରୟାସ ଫଳରେ ସଫଳତା ସୁନିଶ୍ଚୟ ହାସଲ ହୋଇଥାଏ ବୋଲି କହିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଡୋଳେଶ୍ୱର କୁମାର ଓ ଶିକ୍ଷୟିତ୍ରୀ ଗାୟତ୍ରୀ ଷଡ଼ଙ୍ଗୀ ମଞ୍ଚ ସଂଯୋଜନା କରିଥିବାବେଳେ ଶିକ୍ଷୟତ୍ରୀ ଚନ୍ଦ୍ରିକା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ବିଦ୍ୟା ଶବର, ଭେଙ୍କେଟେଶ୍ୱର ଗୋପାଳ, ଭବାନୀ ଶଙ୍କର ଶବର, ସାରଦା ସାହୁ, ପଦ୍ମନ ସାହୁ, ଜ୍ୟୋତି ପ୍ରକାଶ ମହାନନ୍ଦ, ସରିତା ସାହୁ, କର୍ମଚାରୀ ପଦ୍ମନାଭ ଛତ୍ରୀଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ତୁମ ପାଖରେ ଆତ୍ମବିଶ୍ୱାସ ଅଛି, ତେବେ ଜୀବନରେ ସଫଳତା ନିଶ୍ଚୟ ମିଳିବ।

- ମାର୍କ ଟ୍ୱେନ୍

## ବହ୍ୱାଡ଼ମ୍ବରେ ଲଘୁକ୍ରିୟା

ପ୍ରାୟ ଦୁଇଦଶନ୍ଧିର କସରତ ପରେ ଭାରତ-ୟୁରୋପୀୟ ସଂଘ(ଇୟୁ) ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ ହୋଇଛି। ୨୦୦୪ରେ ଭାରତ-ୟୁଇ ରଣନୈତିକ ସହଯୋଗିତା ସମ୍ପର୍କରେ ଘୋଷଣା ହୋଇ ୨୦୦୭ରେ ବିଧିବଦ୍ଧ ଆଲୋଚନା ଆରମ୍ଭ ହୋଇଥିଲେ ମଧ୍ୟ ସେହିଦିନଠାରୁ ପ୍ରାୟ ସ୍ଥାଣୁ ଥିବା ଏହି ରାଜିନାମା ସମ୍ପର୍କିତ କଥାବାର୍ତ୍ତା ଗତ ଅଗଷ୍ଟ ମାସରେ ଭାରତ ଉପରେ ଆମେରିକାର ୫୦% ଆମଦାନୀ ଶୁଳ୍କ ଲାଗୁ ଘୋଷଣା ପରେ ହଠାତ୍ ତ୍ୱରାନ୍ୱିତ ହୋଇଥିଲା। ଏହାକୁ ଆହୁରି ବେଗ ଦେଲା ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗରେ ଆମେରିକାକୁ (ଇୟୁ)ର ବିରୋଧ ଏବଂ ପ୍ରତିକ୍ରିୟା ସ୍ୱରୂପ (ଇୟୁ) ଉପରେ ଟ୍ରମ୍ପଙ୍କ ଅତିରିକ୍ତ ଆମଦାନୀ ଶୁଳ୍କ ଘୋଷଣା ଘଟଣା। ଏହା ନିଃସନ୍ଦେହ ଯେ ଆମେରିକାର ଉଭୟ ଭାରତ ଓ (ଇୟୁ) ବିରୋଧୀ ଆଭିମୁଖ୍ୟ ଦୁଇ ପକ୍ଷଙ୍କୁ ନିକଟତର କରିଛି। ତେଣୁ ପ୍ରାୟତଃ ଆମେରିକାର ଶୁଳ୍କ ନୀତି ପୃଷ୍ଠଭୂମିରେ ସମ୍ପାଦିତ ଭାରତ-(ଇୟୁ) ମୁକ୍ତବାଣିଜ୍ୟ ରାଜିନାମାକୁ ନିରେଖି ଦେଖିଲେ ଭାରତ ତୁଳନାରେ (ଇୟୁ) ଅଧିକ ଲାଭବାନ ହେବା ସ୍ପଷ୍ଟ। ତେଣୁ ଏଥିରେ ଭାରତୀୟ ଭାବରେ ଅଧିକ ଉତ୍ସାହିତ ହେବାର ସେଭଳି କୌଣସି ସ୍ପଷ୍ଟ କାରଣ ଦେଖାଯାଉନାହିଁ।



ଏହି ଚୁକ୍ତିନାମା ଫଳରେ ଉଭୟ ପକ୍ଷର କଞ୍ଚାମାଲ୍ ଓ ମାନବ ସମ୍ବଳ କ୍ଷେତ୍ରରେ ଚୀନ୍ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ୫୦% ଆମଦାନୀ ଶୁଳ୍କ ଲାଗୁ ପରେ ଆମେରିକା ବଜାରରେ ଭାରତର ରପ୍ତାନୀ ଶିଳ୍ପ ହରାଇଥିବା ଅଂଶ କେତେକାଂଶରେ ଏହି ରାଜିନାମା ଫଳରେ (ଇୟୁ) ବଜାରରୁ ଭରଣା କରିପାରିବ। ସେହିପରି ଆମେରିକା ସହିତ ତିକ୍ତତା ପରେ ଭାରତ ଓ (ଇୟୁ)ର ଘରୋଇ ଅର୍ଥନୀତି, ବୈଷୟିକ ଜ୍ଞାନକୌଶଳ, ପ୍ରତିରକ୍ଷା କ୍ଷେତ୍ରରେ ଥିବା ଦୂରତା ହ୍ରାସ ପାଇ ଉଭୟ ପକ୍ଷ ଲାଭବାନ ହେବେ। ପୁଣି ସ୍ୱାଧୀନତା ପ୍ରାପ୍ତି ପରେ ପ୍ରଥମ ଥର ପାଇଁ ଭାରତ ସହିତ (ଇୟୁ) ମଧ୍ୟରେ ଏକ ନୂଆ ଭୂ-ରାଜନୈତିକ ଓ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ହେବାର ମୂଳଦୁଆ ପଡ଼ିଛି।

ଏସବୁ ସତ୍ତ୍ୱେ ଆମେ କ୍ଷଣକ ପାଇଁ ମଧ୍ୟ ଭୁଲିଯିବା ଉଚିତ ନୁହେଁ ଯେ ଏହା କେବଳ କାଗଜପତ୍ରସ୍ତରୀୟ ଦ୍ୱିପାକ୍ଷିକ ସମ୍ମତିମାତ୍ର। ଏ ପର୍ଯ୍ୟନ୍ତ ଦୁଇପକ୍ଷ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇନାହିଁ ଏବଂ ରୂପାୟନର ସଫଳତା ଆହୁରି ଅନେକ କାରକ ଉପରେ ନିର୍ଭର କରୁଛି। ପ୍ରଥମତଃ, (ଇୟୁ)ର ୨୭ଟି ସଦସ୍ୟ ରାଷ୍ଟ୍ରଙ୍କ ସଂସଦରେ ଅନୁମୋଦନ ଲାଭ ନ କରିବା ପର୍ଯ୍ୟନ୍ତ ରାଜିନାମାର କୌଣସି ମୂଲ୍ୟ ହିଁ ନାହିଁ। ଯଦିବା ସମସ୍ତ ସଦସ୍ୟ ରାଷ୍ଟ୍ର ଏହାକୁ ଅନୁମୋଦନ କରିଦିଅନ୍ତି ତଥାପି ଭାରତର ରପ୍ତାନୀ ବାଣିଜ୍ୟ ସେତେ କିଛି ଅଧିକ ଲାଭବାନ ହେବ ନାହିଁ। ସମ୍ପ୍ରତି ମୁକ୍ତବାଣିଜ୍ୟ ରାଜିନାମା ବିନା ହିଁ ଏବେ (ଇୟୁ)କୁ ରପ୍ତାନୀ ହେଉଥିବା ଭାରତର ୮୦% ସାମଗ୍ରୀ ଉପରେ ୧% ଆମଦାନୀ ଶୁଳ୍କ ଲାଗୁ ହେଉଛି। ରାଜିନାମାର ପ୍ରସ୍ତାବ ଅନୁଯାୟୀ (ଇୟୁ) ଭାରତରୁ ରପ୍ତାନୀ ହେଉଥିବା ୯୯.୫ ସାମଗ୍ରୀକୁ ଶୁଳ୍କମୁକ୍ତ କରିବ। ଅପରପକ୍ଷରେ (ଇୟୁ)ରୁ ଆମଦାନୀ ହେଉଥିବା ୯୭.୫ ସାମଗ୍ରୀକୁ ଭାରତର ଶୁଳ୍କ ଶୂନ ପ୍ରତିଶତକୁ ହ୍ରାସ ପାଇବ। ଏବେ (ଇୟୁ)ରୁ ଆମଦାନୀ ସାମଗ୍ରୀ ଉପରେ ଭାରତର ହାରାହାରି ଆମଦାନୀ ଶୁଳ୍କ ୧୦-୧୨% ଥିବା ବେଳେ ଭାରତରୁ ରପ୍ତାନୀ ସାମଗ୍ରୀ ଉପରେ (ଇୟୁ)ର ଆମଦାନୀ ଶୁଳ୍କ ହାରାହାରି ୩-୪%। ତେଣୁ ମୁକ୍ତ ବାଣିଜ୍ୟ ରାଜିନାମାରେ (ଇୟୁ) ସହିତ ଭାରତର ବାଣିଜ୍ୟ ନିଅଣ୍ଟ ସଙ୍କଟ ସୃଷ୍ଟି ହେବା ନିଶ୍ଚିତ।

ଏହାଛଡ଼ା ଭାରତର ରପ୍ତାନୀ ବାଣିଜ୍ୟ ଆଗରେ ଆହୁରି ଅନେକ ପ୍ରତିବନ୍ଧକ ରହିଛି। ଗତ ୧ ତାରିଖରୁ (ଇୟୁ) ଲାଗୁ କରିଥିବା କାର୍ବନ ଟ୍ୟାକ୍ସ(ସିବିଏଏମ୍)ର ସର୍ବାଧିକ ଶିକାର ହେବ ଭାରତର ସିମେଣ୍ଟ, ଇସ୍ପାତ୍, ଆଲୁମିନିୟମ, ବିଶୋଧିତ ତୈଳ, କାଚ, କାଗଜ, ରସାୟନ, ସାର ଆଦି ଶିଳ୍ପଜାତ ସାମଗ୍ରୀ। ସିସିଏଏମ୍ ଯୋଗୁଁ (ଇୟୁ)କୁ ଭାରତର ଇସ୍ପାତ୍ ଓ ଲୌହ ରପ୍ତାନୀ ଗତବର୍ଷ ଉଦ୍‌ବେଗଜନକ ଭାବେ ହ୍ରାସ ପାଇଛି। ଏହାଛଡ଼ା 'ୟୁରୋପିଆନ୍ ୟୁନିୟନ୍ ଡିଫରେଷ୍ଟେସନ୍ ରେଗୁଲେସନ୍(ଇୟୁଡିଆର)' ନୀତି ଅନୁଯାୟୀ ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରି ଯେଉଁ ଶିଳ୍ପ ପ୍ରତିଷ୍ଠା ହୋଇଥିବ ତାହାର ଉତ୍ପାଦର ୟୁରୋପୀୟ ବଜାରରେ ବିକ୍ରିବଟା ଉପରେ କଟକଣା ଜାରି କରାଯାଇଛି। ଏଣୁ (ଇୟୁ)କୁ ରପ୍ତାନୀ ହେବାକୁ ଥିବା ଭାରତର ୧.୩ ବିଲିୟନ ଡଲାର ମୂଲ୍ୟର କୃଷିଜାତ ଦ୍ରବ୍ୟର ରପ୍ତାନୀ ପ୍ରଭାବିତ ହେବ। ସେହିପରି ଆସନ୍ତା ୨୦୨୭ରୁ (ଇୟୁ)ରେ କାର୍ଯ୍ୟକାରୀ ହେବାକୁ ଯାଉଥିବା 'ଇୟୁ ଡିରେକ୍ଟିଭ୍ ଅନ୍ କର୍ପୋରେଟ୍ ସଷ୍ଟେନେବିଲିଟି ଡ୍ୟୁ ଡିଲିଜେନ୍ସ(ସିଏସ୍‌ଡିଡି)' ଅନୁଯାୟୀ (ଇୟୁ) ବଜାରରେ ପ୍ରବେଶ କରିବାକୁ ଥିବା ବିଦେଶୀ ସାମଗ୍ରୀଗୁଡ଼ିକ ପରିବେଶ, ମାନବାଧିକାର, ଦୁର୍ନୀତି ଆଦି କ୍ଷେତ୍ରରେ ଆପତ୍ତିବିହୀନ ପ୍ରମାଣପତ୍ର (ଏନ୍‌ଓସି) ଆଣିବା ବାଧ୍ୟତାମୂଳକ, ଯାହା ଭାରତ ପକ୍ଷରେ ସମ୍ଭବ ନୁହେଁ। ଏତଦ୍‌ବ୍ୟତୀତ ଖୁବ୍‌ଶୀଘ୍ର ଭାରତ ସରକାର ଲାଗୁ କରିବାକୁ ଯାଉଥିବା 'ଇଣ୍ଡଷ୍ଟ୍ରିଆଲ୍ ଆକ୍ସିଲିରେଟର ଆକ୍ଟ' ଅନୁଯାୟୀ ଘରୋଇ ଉତ୍ପାଦନରେ ଅଞ୍ଚଳଭିତ୍ତିକ କଞ୍ଚାମାଲ୍ ଉପଯୋଗକୁ ନିଶ୍ଚିତ କରିବାକୁ ପଡ଼ିବ। ଅପରପକ୍ଷରେ ଭାରତ-(ଇୟୁ) ଏଫ୍‌ଟିଏରେ (ଇୟୁ) କଞ୍ଚାମାଲ୍‌କୁ ଶୂନ ପ୍ରତିଶତ ଶୁଳ୍କରେ ଭାରତରେ ପ୍ରବେଶ ଅନୁମତି ମିଳିବାକୁ ଥିବାରୁ ଆଇନଗତ ଜଟିଳତା ସୃଷ୍ଟି ହେବ। ଆଶ୍ଚର୍ଯ୍ୟର ବିଷୟ ଏହି ସବୁ ଆଇନଗତ ଜଟିଳତା ପ୍ରସଙ୍ଗ ରାଜିନାମାରେ ସ୍ଥାନ ପାଇ ନ ଥିବାରୁ ଭାରତୀୟ ରପ୍ତାନୀ ଶିଳ୍ପ କୌଣସି ଦିଗରୁ ଲାଭବାନ ହେବାର ସମ୍ଭାବନା ଦିଶୁନାହିଁ।

ତେଣୁ ସାମଗ୍ରିକ ଭାବରେ ଅନୁଶୀଳନ କଲେ 'ମଦର ଅଫ୍ ଅଲ୍ ଟ୍ରେଡ୍ ଡିଲ୍' ଭାବରେ ଘୋଷିତ ଭାରତ-(ଇୟୁ) ମୁକ୍ତ ବାଣିଜ୍ୟ ରାଜିନାମା କେବଳ ଏକ ବହ୍ୱାଡ଼ମ୍ବରରେ ଲଘୁକ୍ରିୟାରେ ପରିଣତ ହେବା ସାର ହୋଇଛି। (ଇୟୁ)ର ଆମେରିକା ଉପରେ ଚାପ ସୃଷ୍ଟି ପାଇଁ ଏବଂ ଭାରତରେ କେନ୍ଦ୍ର ସରକାରଙ୍କ ରାଜନୈତିକ ପତିଆରା ହାସଲରେ ଏହା ଯେ ଶତପ୍ରତିଶତ ସହାୟକ ହୋଇପାରିଛି ଏଥିରେ ସନ୍ଦେହ ନାହିଁ; କିନ୍ତୁ ଏହା ଯେ ବାସ୍ତବତାଠାରୁ ବହୁଦୂରରେ ତାହା ସ୍ୱୀକାର କରିବାକୁ ପଡ଼ିବ।

## କୋଟିଆ: ବିକାଶ, ବିବାଦ ଓ ଆହ୍ୱାନ

ଡ. ସୁବ୍ରତ ବିଶ୍ୱାଳ

କୋରାପୁଟ ଜିଲ୍ଲାର ଗିରିପଥ, ଜଙ୍ଗଲ ଓ ଜନଜାତିଜୀବନ ମଧ୍ୟରେ ଅବସ୍ଥିତ 'କୋଟିଆ' ଆଜି କେବଳ ଏକ ଭୌଗୋଳିକ ନାମ ନୁହେଁ, ଏହା ଓଡ଼ିଶାର ଭୂମିକ୍ଷେତ୍ରୀୟ ଅଧିକାର, ରାଜ୍ୟ ମର୍ଯ୍ୟାଦା ଓ ସାଂବିଧାନିକ ଦାୟିତ୍ୱର ଏକ ସଂବେଦନଶୀଳ ପ୍ରତୀକ। ଦଶକ ଦଶକ ଧରି ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଚାଲିଥିବା କୋଟିଆ ବିବାଦ ଆଜି ମଧ୍ୟ ଶେଷ ହେଉନଥିବା ସମସ୍ୟା, ଯାହାର ମୂଳ କାରଣ ହେଉଛି ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ଦୀର୍ଘମିଆଦୀ ନୀତିଗତ ପଦକ୍ଷେପର ଅନୁପସ୍ଥିତି। ଏହି ବିବାଦର ପ୍ରଭାବ କେବଳ ଦୁଇଟି ରାଜ୍ୟର ସମ୍ପର୍କକୁ ନୁହେଁ, ସ୍ଥାନୀୟ ଲୋକଙ୍କ ଜୀବନ, ପରିଚୟ ଓ ଭବିଷ୍ୟତକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରୁଛି। ଆଇନ କାନୁନର ଅନିଶ୍ଚିତତା ଓ ପ୍ରଶାସନିକ ଦ୍ୱନ୍ଦ୍ୱ ମଧ୍ୟରେ ଏହି ଅଞ୍ଚଳର ଉନ୍ନତି ଅଟକି ଯାଇଛି। ତେଣୁ କୋଟିଆ ପ୍ରସଙ୍ଗର ସମାଧାନ କେବଳ ରାଜନୈତିକ ଦାବି ନୁହେଁ, ଏହା ଏକ ସାମ୍ବିଧାନିକ ଓ ନୈତିକ ଦାୟିତ୍ୱ ଭାବେ ଦେଖିବା ଆବଶ୍ୟକ।



୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ଗଠନ ହେବା ପରେ ରାଜ୍ୟ ସରକାର ମାଦ୍ରାସ ପ୍ରେସିଡେନ୍ସିକୁ ଆନ୍ଧ୍ର ପ୍ରଦେଶ ସହ ସୀମା ନିର୍ଦ୍ଧାରଣ ପାଇଁ ପତ୍ର ଲେଖିଲେ। ୧୯୪୨ରେ ସର୍ଭେ ଏବଂ ଭୂ ରେକର୍ଡ ବିଭାଗର ସହାୟକ ନିର୍ଦ୍ଦେଶକ ହେଚ୍. ଏସ୍. ଗିଲବି ସୀମା ଚିହ୍ନଟ ପାଇଁ ନିଯୁକ୍ତ ହେଲେ, ଯାହାର ରିପୋର୍ଟ ଅନୁଯାୟୀ ୨୧ଟି ଗ୍ରାମ ଆନ୍ଧ୍ର ପ୍ରଦେଶର ସୀମା ମଧ୍ୟରେ ଥିଲା। ବିବାଦ ୧୯୫୫ ରେ ଆରମ୍ଭ ହୋଇଥିଲା, ଯେତେବେଳେ ଆନ୍ଧ୍ରର କିଛି ଅଧୀନସ୍ଥ ଅଧିକାରୀ ଭତ୍ତା ଦାବି କରିବାକୁ ଗ୍ରାମବାସୀଙ୍କ ଉପରେ ଚାପ ଦେଉଥିଲେ। ୧୯୬୮ ସେପ୍ଟେମ୍ବରରେ ଭାରତର ସ୍ୱରାଷ୍ଟ୍ର ମନ୍ତ୍ରୀ ୱାଇ ଭି. ଚୌହ୍ୱାନ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଏକ ସମ୍ମିଳନୀରେ ଆଣି ସମାଧାନ ଚେଷ୍ଟା କଲେ। ଓଡ଼ିଶା ସରକାର ୧୯୬୮ ରେ ସୁପ୍ରିମକୋର୍ଟରେ ମାମଲା ଦାଖଲ କଲେ; ମୂଳ ମାମଲାରେ ୭୩ଟି ଗାଁ ଥିଲା, ଯାହା ୧୯୮୦ ରେ ୨୧ଟି କରାଗଲା।

ଏହି ଆଇନ ଲଢ଼ାଇ ମଧ୍ୟରେ ସବୁଠୁ ଅଧିକ ଅସୁବିଧା ଭୋଗୁଛନ୍ତି କୋଟିଆର ସାଧାରଣ ଜନଜାତି ଲୋକ। ଦୁଇ ରାଜ୍ୟର ଦାବି ମଧ୍ୟରେ ପେସି ଯାଇ ସେମାନେ ନିଜ ପରିଚୟ, ଅଧିକାର ଓ ସୁରକ୍ଷା ନେଇ ଅନିଶ୍ଚିତତାରେ ବଞ୍ଚୁଛନ୍ତି। ଆନ୍ଧ୍ର ପ୍ରଦେଶ ପକ୍ଷରୁ ସ୍କୁଲ, ରାସ୍ତା, ସ୍ୱାସ୍ଥ୍ୟକେନ୍ଦ୍ର, ରାସନ କାର୍ଡ ଓ ଭୋଟର ପରିଚୟପତ୍ର ଯୋଗାଇ ଲୋକଙ୍କୁ ପ୍ରଲୋଭିତ କରାଯାଉଥିବା ଅଭିଯୋଗ ନୂଆ ନୁହେଁ। ଏପରି ପଦକ୍ଷେପ ଲୋକଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିବା ସହ ସାମାଜିକ ବିଭାଜନକୁ ମଧ୍ୟ ବଢ଼ାଇଛି। ଏହାକୁ ଦେଖି ଓଡ଼ିଶା ପ୍ରଶାସନ ମଧ୍ୟ ସଚେତନ ହୋଇ କିଛି ପଦକ୍ଷେପ ନେଇଥିଲେ ମଧ୍ୟ ସେଗୁଡ଼ିକ ପର୍ଯ୍ୟାପ୍ତ ଓ ସ୍ଥାୟୀ ହୋଇପାରିନାହିଁ। ଫଳସ୍ୱରୂପ ଜନଜାତି ଲୋକମାନେ ଏଯାବତ୍ ମୌଳିକ ସୁବିଧା ଓ ସ୍ଥିର ପ୍ରଶାସନିକ ସମର୍ଥନର ଅଭାବ ଅନୁଭବ କରୁଛନ୍ତି।

କୋଟିଆ ବିବାଦର ସବୁଠୁ ବଡ଼ ବିଡ଼ମ୍ବନା ହେଉଛି, ଏହା ଦୁଇଟି ରାଜ୍ୟ ମଧ୍ୟରେ ରାଜନୈତିକ ଅହଂକାରର ଲଢ଼ାଇ ହୋଇଯାଇଛି। କିନ୍ତୁ ମଧ୍ୟରେ ରହିଥିବା ଲୋକଙ୍କ ଜୀବନ, ପରିଚୟ ଓ ଅଧିକାର ପଛରେ ପଡ଼ିଯାଇଛି। ରାଜନୈତିକ ଦାବି ଓ ଆଇନ ପ୍ରକ୍ରିୟାର ଆଡ଼ରେ ସ୍ଥାନୀୟ ଜନଜାତି ସମୁଦାୟର ଦୈନନ୍ଦିନ ସମସ୍ୟାଗୁଡ଼ିକୁ ଉପେକ୍ଷା କରାଯାଉଛି। ଓଡ଼ିଶାର ଏହି ଅଞ୍ଚଳରେ ଯଦି ଦୀର୍ଘ ସମୟ ଧରି ଉନ୍ନତି, ସୁଶାସନ ଓ ଆଧାରଭୂତ ସୁବିଧା ଦୃଢ଼ ଭାବେ ପହଞ୍ଚିଥା'ନ୍ତା, ତେବେ ବାହାର ରାଜ୍ୟର ପ୍ରଭାବ ପାଇଁ ସ୍ଥାନ ରହୁନଥା'ନ୍ତା। ଅପର୍ଯ୍ୟାପ୍ତ ସଂଯୋଗ, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧାର ଅଭାବ ଏହି ଅଞ୍ଚଳକୁ ଦୁର୍ବଳ କରିଛି। ଏହାର ପରିଣାମସ୍ୱରୂପ କୋଟିଆର ଲୋକମାନେ ଆଜି ମଧ୍ୟ ଅବହେଳିତ ଅନୁଭବ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ 'କୋଟିଆ ବିକାଶ' କେବଳ ସ୍ଲୋଗାନ ନୁହେଁ, ଏହା ଓଡ଼ିଶା ସରକାରଙ୍କ ପାଇଁ ଏକ ପରୀକ୍ଷା। କାଗଜରେ ଯୋଜନା ଓ ଘୋଷଣାରେ ସୀମିତ ରହିଲେ ଏହାର କୌଣସି ଅର୍ଥ ନଥାଏ। ସ୍କୁଲରେ ଓଡ଼ିଆ ଭାଷାର ଶିକ୍ଷା, ଆଦିବାସୀ ସଂସ୍କୃତିର ସୁରକ୍ଷା, ସ୍ୱାସ୍ଥ୍ୟ ସେବା, ରୋଜଗାର ଓ ସଂଯୋଗ ବୃଦ୍ଧି - ଏସବୁ କାର୍ଯ୍ୟ କେବଳ ଫାଇଲରେ ନୁହେଁ, ମାଟିରେ ଦେଖାଯିବା ଦରକାର। ଗ୍ରାମସ୍ତରରେ ସ୍ଥାୟୀ ପ୍ରଶାସନିକ ଉପସ୍ଥିତି, ରାସ୍ତା ଓ ଯୋଗାଯୋଗ ସୁବିଧା ମଜବୁତ କରାଯିବା ଅତ୍ୟାବଶ୍ୟକ। ସେହିପରି ଯୁବପିଢ଼ିଙ୍କ ପାଇଁ କୌଶଳ ବିକାଶ ଓ ସ୍ଥାନୀୟ ରୋଜଗାର ସୃଷ୍ଟି କଲେ କୋଟିଆର ଲୋକମାନେ ରାଜ୍ୟ ସହ ଭାବନାତ୍ମକ ଓ ବ୍ୟବହାରିକ ଭାବେ ଜଡ଼ିତ ହୋଇ ରହିପାରିବେ।

ପ୍ରଥମେ, କୋଟିଆ ମାମଲାକୁ ରାଜନୈତିକ ସମସ୍ୟା ଭଳି ନୁହେଁ, ସାଂବିଧାନିକ ଓ ଜାତୀୟ ପ୍ରସଙ୍ଗ ଭାବେ ଦେଖିବା ଆବଶ୍ୟକ। ଏହାକୁ ଦଳୀୟ ରାଜନୀତିର ସୀମାରେ ବନ୍ଦୀ କଲେ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ। ଭାରତର ସଂବିଧାନ ଯେପରି ରାଜ୍ୟ ସୀମା, ନାଗରିକ ଅଧିକାର ଓ ପ୍ରଶାସନିକ ସ୍ପଷ୍ଟତାକୁ ଗୁରୁତ୍ୱ ଦେଇଛି, ସେହି ଆଲୋକରେ କୋଟିଆ ପ୍ରସଙ୍ଗକୁ ମୂଲ୍ୟାୟନ କରାଯିବା ଦରକାର। ସୁପ୍ରିମକୋର୍ଟରେ ମାମଲାର ଦ୍ରୁତ ଶୁଣାଣି ପାଇଁ କେନ୍ଦ୍ର ସରକାରଙ୍କ ସକ୍ରିୟ ଭୂମିକା ଦରକାର। କେନ୍ଦ୍ର ଯଦି ମଧ୍ୟସ୍ଥି ଭାବେ ଦୁଇ ରାଜ୍ୟଙ୍କ ସହ ସମନ୍ୱୟ ସୃଷ୍ଟି କରେ, ତେବେ ଆଇନ ଅନିଶ୍ଚିତତା ଶୀଘ୍ର ଦୂର ହୋଇପାରିବ। ଏହା ସହିତ ସ୍ଥାନୀୟ ଲୋକଙ୍କ ଭରସା ପୁନରୁଦ୍ଧାର ମଧ୍ୟ ସମ୍ଭବ ହେବ।

ଦ୍ୱିତୀୟତଃ, କୋଟିଆ ଅଞ୍ଚଳରେ ସ୍ଥାୟୀ ପ୍ରଶାସନିକ ଉପସ୍ଥିତି ଓ ଉନ୍ନୟନ ପ୍ରକଳ୍ପ ତ୍ୱରାନ୍ୱିତ କରାଯିବା ଦରକାର। କେବଳ ଅସ୍ଥାୟୀ ଦୌରା କିମ୍ବା ଯୋଜନା ଘୋଷଣା ପର୍ଯ୍ୟାପ୍ତ ନୁହେଁ, ଗ୍ରାମସ୍ତରରେ ନିୟମିତ ପ୍ରଶାସନିକ ନିରୀକ୍ଷଣ ଓ ସେବା ଦେବା ଅତ୍ୟାବଶ୍ୟକ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ୍ ଓ ସଂଯୋଗ ସୁବିଧା ଦ୍ରୁତ ଓ ଗୁଣାତ୍ମକ ଭାବେ ପହଞ୍ଚିଲେ ଲୋକଙ୍କ ମନରେ ରାଜ୍ୟ ପ୍ରତି ଭରସା ବଢ଼ିବ। ଲୋକଙ୍କୁ ଓଡ଼ିଶା ସହିତ ଭାବନାତ୍ମକ ଓ ପ୍ରଶାସନିକ ଭାବେ ଯୋଡ଼ିବା ହେଉଛି ସର୍ବାଧିକ ପ୍ରଭାବଶାଳୀ ଉପାୟ। ସ୍ଥାନୀୟ ଭାଷା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ ଯଦି ଉନ୍ନୟନ କାର୍ଯ୍ୟ ହୋଇଥାଏ, ତେବେ ଏହି ସମ୍ପର୍କ ଆହୁରି ମଜବୁତ ହେବ।

ତୃତୀୟତଃ, ଆନ୍ଧ୍ର ପ୍ରଦେଶ ସହିତ ସଂଘର୍ଷର ଭାଷା ପରିବର୍ତ୍ତେ ସଂବିଧାନୀୟ ସମ୍ବାଦ ଓ ମଧ୍ୟସ୍ଥତାର ପଥ ଖୋଜାଯିବା ଉଚିତ। ଦୁଇ ରାଜ୍ୟ ମଧ୍ୟରେ ଆଲୋଚନା ଯଦି ସାମ୍ବିଧାନିକ ତଥ୍ୟ ଆଧାରିତ ହୁଏ, ତେବେ ସମସ୍ୟାର ସମାଧାନ ଶାନ୍ତିପୂର୍ଣ୍ଣ ଭାବେ ସମ୍ଭବ। କେନ୍ଦ୍ର ସରକାର ଏଥିରେ ମଧ୍ୟସ୍ଥି ଭୂମିକା ନେଇ ଦୁଇ ପକ୍ଷଙ୍କୁ ଏକ ମଞ୍ଚକୁ ଆଣିପାରିବେ। ସଂଘର୍ଷ ବୃଦ୍ଧି କଲେ ସୀମାଞ୍ଚଳରେ ଅସ୍ଥିରତା ଓ ଲୋକଙ୍କ ଭୟ ବଢ଼ିବ, ଯାହା କୌଣସିପକ୍ଷ ପାଇଁ ମଧ୍ୟ ଲାଭଦାୟକ ନୁହେଁ। ସେହିପରି ଆଇନର ପଥ ଅନୁସରଣ କରି ଓଡ଼ିଶାର ଅଧିକାର ସୁରକ୍ଷିତ କରିବା ହିଁ ସର୍ବୋତ୍ତମ ଉପାୟ।

ଶେଷରେ, କୋଟିଆ କେବଳ ଏକ ସୀମା ବିବାଦ ନୁହେଁ, ଏହା ଓଡ଼ିଶାର ଆତ୍ମସମ୍ମାନ, ରାଜ୍ୟ ସଚେତନତା ଓ ଜନଜାତି ନ୍ୟାୟର ପ୍ରଶ୍ନ। ଏହି ଅଞ୍ଚଳର ଲୋକମାନଙ୍କ ଅଧିକାର, ସୁରକ୍ଷା ଓ ସମ୍ମାନ ସୁନିଶ୍ଚିତ କରିବା ରାଜ୍ୟର ପ୍ରଥମ ଦାୟିତ୍ୱ। ଯଦି ଆମେ ଆଜି ଏହାକୁ ଗମ୍ଭୀରତାର ସହ ନେବୁ ନାହିଁ, ତେବେ ଆଗାମୀ ପିଢ଼ି ପାଖରେ କେବଳ ଦଲିଲ ଓ ଆଦେଶ ରହିବ, ମାଟି ଓ ମନୁଷ୍ୟ ନୁହେଁ। ସମୟୋଚିତ ନିଷ୍ପତ୍ତି ଓ ଦୃଢ଼ ପଦକ୍ଷେପ ମାଧ୍ୟମରେ ହିଁ ଏହି ସମସ୍ୟାର ଅନ୍ତ ହୋଇପାରିବ। କୋଟିଆକୁ ରକ୍ଷା କରିବା ମାନେ ଓଡ଼ିଶାକୁ ରକ୍ଷା କରିବା, ଏହି ସତ୍ୟକୁ ଏବେ ଉଭୟ ରାଜ୍ୟ ଓ ଦେଶ ବୁଝିବା ସମୟ ଆସିଛି।


(ସହାୟକ ପ୍ରାଧ୍ୟାପକ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ)
ବାଲେଶ୍ୱର, ମୋ: ୭୯୭୮୭୫୧୦୯୮

## ମାଇକ୍ରୋପ୍ଲାଷ୍ଟିକ ପ୍ରଦୂଷଣର କୁପ୍ରଭାବ

ହିମାଂଶୁ ଶେଖର ଫତେସିଂହ

ଆଜିକାର ଯୁଗରେ ପ୍ଲାଷ୍ଟିକର ବ୍ୟବହାର ବହୁମାତ୍ରାରେ ବୃଦ୍ଧି ପାଇଛି। ପ୍ରତ୍ୟେକ କ୍ଷେତ୍ରରେ ପ୍ଲାଷ୍ଟିକର ବ୍ୟବହାର ଦେଖିବାକୁ ମିଳୁଛି। ଆମର ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ବୈଦ୍ୟୁତିକ ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଏପରିକି ନାନାଦି ଯନ୍ତ୍ର ମଧ୍ୟ ପ୍ଲାଷ୍ଟିକରେ ନିର୍ମିତ ହେଉଥିବାର ଦେଖିବାକୁ ମିଳୁଛି। ଉତ୍ପାଦଗୁଡ଼ିକର ପ୍ୟାକେଜ ପ୍ରସ୍ତୁତି, କୃଷିକ୍ଷେତ୍ର, ନିର୍ମାଣ ଶିଳ୍ପ, ମୋଟରଗାଡ଼ି ନିର୍ମାଣ, ଉପଭୋକ୍ତା ସାମଗ୍ରୀ, ସ୍ୱାସ୍ଥ୍ୟ ସେବା, ଖେଳନା ଆଦି ଯାବତୀୟ କ୍ଷେତ୍ରରେ ଏଗୁଡ଼ିକର ବ୍ୟବହାର ଦେଖିବାକୁ ମିଳୁଛି। ତେଣୁ ପ୍ଲାଷ୍ଟିକକୁ ବାଦ ଦେଇ ମୁହୂର୍ତ୍ତେ ହେଲେ ଚଳି ହେବନାହିଁ।

୧୯୫୦ ମସିହା ବେଳକୁ ପୃଥିବୀରେ ବାର୍ଷିକ ମାତ୍ର ୨ ନିୟୁତ ଟନ ବିଭିନ୍ନ ପ୍ଲାଷ୍ଟିକ ଉତ୍ପାଦିତ ହେଉଥିଲା। ୨୦୨୪ ମସିହାରେ ଏହି ପରିମାଣ ୪୬୦ ନିୟୁତ ଟନ୍‌ରେ ପହଞ୍ଚିଛି। ଅର୍ଥାତ ଗତ ୭୪ ବର୍ଷ ମଧ୍ୟରେ ପୃଥିବୀରେ ପ୍ଲାଷ୍ଟିକ ଉତ୍ପାଦନ ୨୩୦ ଗୁଣ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ପୃଥିବୀର ବିଭିନ୍ନ ଦେଶରେ ପ୍ରାୟ ୯୨୦୦ କୋଟି ଟନ ପ୍ଲାଷ୍ଟିକ ଉତ୍ପାଦିତ ହୋଇଛି। ପ୍ରତି ବର୍ଷ ପ୍ଲାଷ୍ଟିକ ଉତ୍ପାଦନ ଯେଉଁ ହାରରେ ବୃଦ୍ଧି ପାଉଛି, ୨୦୫୦ମସିହା ବେଳକୁ ପୃଥିବୀରେ ବାର୍ଷିକ ୧୧୦୦ ନିୟୁତ ଟନ ପ୍ଲାଷ୍ଟିକ ଉତ୍ପାଦିତ ହେଉଥିବ। ପୃଥିବୀରେ ସର୍ବାଧିକ ପ୍ଲାଷ୍ଟିକ ଉତ୍ପାଦନକାରୀ ରାଷ୍ଟ୍ର ହେଉଛି ଚୀନ୍। ପୃଥିବୀରେ ଉତ୍ପାଦିତ ପ୍ଲାଷ୍ଟିକର ପ୍ରାୟ ୩୩ ପ୍ରତିଶତ ଏହି ଦେଶରେ ଉତ୍ପାଦିତ ହୋଇଥାଏ। ପୃଥିବୀରେ ପ୍ଲାଷ୍ଟିକ ଉତ୍ପାଦନ କରୁଥିବା ଶ୍ରେଷ୍ଠ ପାଞ୍ଚ ଗୋଟି ଦେଶ ହେଉଛି ଚୀନ୍, ଯୁକ୍ତରାଷ୍ଟ୍ର ଆମେରିକା, ଭାରତ, ବ୍ରାଜିଲ ଓ ମେକ୍ସିକୋ। ଏହି ପାଞ୍ଚଟି ଦେଶରେ ପୃଥିବୀର ପ୍ରାୟ ୬୦ ପ୍ରତିଶତ ପ୍ଲାଷ୍ଟିକ ଉତ୍ପାଦିତ ହୋଇଥାଏ।



୧୯୯୦ ମସିହାରେ ଭାରତରେ ମୁଣ୍ଡପିଛା ପ୍ଲାଷ୍ଟିକ ବ୍ୟବାହାର ମାତ୍ର ୧ କି.ଗ୍ରା. ରହିଥିବା ବେଳେ ଏବେ ଏହା ରହିଛି ପ୍ରାୟ ୧୫ କି.ଗ୍ରା.। ପୃଥିବୀରେ ମୁଣ୍ଡପିଛା ବାର୍ଷିକ ପ୍ଲାଷ୍ଟିକ ବ୍ୟବାହାର ହେଉଛି ୩୫ କି.ଗ୍ରା.। ସେହିପରି ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପୀୟ ସଂଘ, ଜାପାନ ଓ ଚୀନ୍‌ରେ ମୁଣ୍ଡପିଛା ପ୍ଲାଷ୍ଟିକ ବ୍ୟବହାର ହେଉଛି ଯଥାକ୍ରମେ ୧୦୮ କି.ଗ୍ରା. ୧୧୫ କି.ଗ୍ରା., ୮୨ କି.ଗ୍ରା. ଓ ୭୬ କି.ଗ୍ରା.। ପୃଥିବୀରେ ସାମଗ୍ରିକ ଭାବରେ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକର ପ୍ରାୟ ଅର୍ଦ୍ଧେକ ହେଉଛି ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ। ଅର୍ଥାତ ଏଗୁଡ଼ିକୁ ଥରେ ମାତ୍ର ବ୍ୟବହାର କରି ଫିଙ୍ଗାଯିବା ଉଚିତ। ପୃଥିବୀରେ ପ୍ରତି ମିନିଟରେ ଏକ ନିୟୁତ ପ୍ଲାଷ୍ଟିକ ବୋତଲ ବିକ୍ରି କରାଯାଉଛି। ପ୍ରତି ବର୍ଷ ବିଶ୍ୱବ୍ୟାପୀ ୫ ଟ୍ରିଲିଅନ (୫ଲକ୍ଷ କୋଟି) ପ୍ଲାଷ୍ଟିକ ବ୍ୟାଗ୍ ବ୍ୟବହାର କରାଯାଉଛି।

ସୂର୍ଯ୍ୟାଲୋକ, ତାପ, ବାୟୁ ଓ ବୃଷ୍ଟିପାତ ପ୍ରଭାବରେ ପ୍ଲାଷ୍ଟିକ ସାମଗ୍ରୀଗୁଡ଼ିକ କ୍ଷୟପ୍ରାପ୍ତ ହେବାରୁ ମାଇକ୍ରୋପ୍ଲାଷ୍ଟିକ କଣିକା ସୃଷ୍ଟି ହୋଇଥାଏ। ପ୍ଲାଷ୍ଟିକର ବହୁଳ ବ୍ୟବହାର ଫଳରେ ସୂକ୍ଷ୍ମ ପ୍ଲାଷ୍ଟିକ କଣିକା ବା ମାଇକ୍ରୋପ୍ଲାଷ୍ଟିକ୍ ସୃଷ୍ଟି ହୋଇ ଖାଦ୍ୟ, ଜଳ ଓ ବାୟୁ ଏବଂ ପରିଶେଷରେ ମାନବ ଶରୀର ମଧ୍ୟକୁ ପ୍ରବେଶ କରୁଛି। ସାଧାରଣତଃ ପ୍ଲାଷ୍ଟିକ କଣିକାର ଆକାର ୫ ମି.ମି. ମଧ୍ୟରେ ରହିଲେ ସେଗୁଡ଼ିକୁ ମାଇକ୍ରୋପ୍ଲାଷ୍ଟିକ୍ କୁହାଯାଏ। ଗତ ୨୦୧୪ ମସିହାରେ ମହାସାଗର ମଧ୍ୟକୁ ୫୧ ଲକ୍ଷ କୋଟି ମାଇକ୍ରୋପ୍ଲାଷ୍ଟିକ୍ ପ୍ରବେଶ କରିଥିବାର ଜଣାଯାଏ। ଇଟାଲୀର କାଣ୍ଟାନିଆ ବିଶ୍ୱବିଦ୍ୟାଳୟରେ ଏକ ଅଧ୍ୟୟନରୁ ଜଣାଯାଏ ଯେ ୧ ଗ୍ରାମ ସେଓରେ ୧୮୯୫୦୦, ୧ ଗ୍ରାମ ଚିନାବାଦାମରେ ୧୮୯୫୦୦, ୧ ଗ୍ରାମ ଗାଜରରେ ୧୦୦୦୦୦ ଓ ୧ ଗ୍ରାମ ଲୁଣରେ ୧୭୨୦୦ ମାଇକ୍ରୋପ୍ଲାଷ୍ଟିକ କଣିକା ରହୁଛି। ଏପରିକି ପ୍ରତି ବୋତଲ ପିଇବା ପାଣିରେ ୪୦୦ ରୁ ୭୦୦ ପର୍ଯ୍ୟନ୍ତ ମାଇକ୍ରୋପ୍ଲାଷ୍ଟିକ କଣିକା ରହିଥାଏ। ଯୁକ୍ତରାଷ୍ଟ୍ର ଆମେରିକାରେ ୯୪ ପ୍ରତିଶତ, ୟୁରୋପରେ ୭୨ ପ୍ରତିଶତ ଓ ନୂଆଦିଲ୍ଲୀରେ ୮୨ ପ୍ରତିଶତ ପାନୀୟ ଜଳରେ ମାଇକ୍ରୋପ୍ଲାଷ୍ଟିକ କଣିକା ରହୁଥିବାର ସ୍ପଷ୍ଟ ହୋଇଛି।

ପ୍ରତିଦିନ ମାନବ ଶରୀର ମଧ୍ୟକୁ ପ୍ରାୟ ୫ ରୁ ୧୦ ଗ୍ରାମ ପର୍ଯ୍ୟନ୍ତ ମାଇକ୍ରୋପ୍ଲାଷ୍ଟିକ କଣିକା ପ୍ରବେଶ କରିଥାଏ। ସେହିପରି ପ୍ରତିବର୍ଷ ମାନବ ଶରୀର ମଧ୍ୟକୁ ପ୍ରାୟ ୫୦, ୦୦୦ ମାଇକ୍ରୋପ୍ଲାଷ୍ଟିକ୍ କଣିକା ପ୍ରବେଶ କରିଥାଏ। ମାନବ ଶରୀରକୁ ମାଇକ୍ରୋପ୍ଲାଷ୍ଟିକ କଣିକା ପ୍ରବେଶ କରିବା ଫଳରେ ଯାବତୀୟ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ। ଏଗୁଡ଼ିକ ସାଧାରଣତଃ ମସ୍ତିଷ୍କ, ବୃକକ, ହୃତପିଣ୍ଡ, ଯକୃତ, ଅଗ୍ନାଶୟ ଆଦି ଅଙ୍ଗକୁ କ୍ଷତିଗ୍ରସ୍ତ କରିବା ସହିତ ଶରୀରରେ ମଧୁମେହ, ହୃଦରୋଗ ଓ କର୍କଟ ଆଦି ରୋଗ ସୃଷ୍ଟି କରିଥାଏ।

ପରିବେଶ, ଜୀବଜଗତ ଓ ମାନବ ସ୍ୱାସ୍ଥ୍ୟ ଉପରେ ପ୍ଲାଷ୍ଟିକର ବହୁବିଧ କୁପ୍ରଭାବ ରହୁଥିବାରୁ ପ୍ଲାଷ୍ଟିକର ବ୍ୟବହାର ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ବିଶେଷତଃ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାରକୁ ବନ୍ଦ କରାଯିବା ଉଚିତ। ୩-ଆର ନିୟମ- ହ୍ରାସ କରିବା(ରେଡ୍ୟୁସ୍), ପୁନଃବ୍ୟବାହାର(ରିୟୁଜ୍) ଓ ପୁନଃଚକ୍ରଣ(ରିସାଇକଲ୍) ଅବଲମ୍ବନ ଫଳରେ ପ୍ଲାଷ୍ଟିକ ଆବର୍ଜନାର ପରିମାଣକୁ ନିୟନ୍ତ୍ରଣାଧୀନ ରଖାଯାଇପାରିବ।

ଖୋର୍ଦ୍ଧା, ମୋ: ୭୦୦୮୬୬୨୩୪୧

## ଉତ୍ତରିତ-ଉଚ୍ଛ୍ୱାସର କଥାକାର: ପଟ୍ଟନାୟକ ରାଜକିଶୋର

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଜଣେ ସାହିତ୍ୟଶିଳ୍ପୀ କେଉଁପ୍ରକାରର ଚରିତ୍ରମାନଙ୍କୁ କେନ୍ଦ୍ର କରି ଗଳ୍ପ ଉପନ୍ୟାସ ଲେଖିବା ବିଧେୟ? ଏପରି ଏକ ପ୍ରଶ୍ନ ନିଜେ ନିଜକୁ ପଚାରିବା ପାଇଁ ସୁଦ୍ଧା ଯାହାଙ୍କ ସମୟ ନଥିଲା ସେ ହେଉଛନ୍ତି ରାଜକିଶୋର ପଟ୍ଟନାୟକ। ନିଜ ଦୃଷ୍ଟି ପଥାରୂଢ଼ ହେଉଥିବା ପ୍ରତ୍ୟେକ ଚରିତ୍ର ମଧ୍ୟକୁ ନିମିଷକେ ସେ ପ୍ରବେଶ କରିଯାଆନ୍ତି। ପ୍ରକୃତ କଥା ହେଲା ଅସଂଖ୍ୟ ମଣିଷଙ୍କ ଅନ୍ତଃସତ୍ତା ଯେପରି ଏକ ଚୁମ୍ବକୀୟ ଆକର୍ଷଣରେ ତାଙ୍କର ନିକଟବର୍ତ୍ତୀ ହେଉଥିଲେ, ସେମାନଙ୍କ ମଧ୍ୟରୁ କାହାକୁ ସେ ଚୟନ କରିବେ ଗଳ୍ପ କି ଉପନ୍ୟାସ ରଚନା ନିମିତ୍ତ, ତାହା ସ୍ଥିର ଭାବରେ ବସି ଚିନ୍ତା କରିବାର ଅବସର ସୁଦ୍ଧା ସେ ପାଇପାରି ନାହାନ୍ତି। ତାଙ୍କ ଚୈତ୍ୟସତ୍ତାର ଚତୁର୍ଦ୍ଦିଗରେ କି ଅସମ୍ଭାଳ ସମାବେଶ ନାନା ବର୍ଗର ମଣିଷମାନଙ୍କର!

କାହିଁକି ଏପରି ହୁଏ? ଏ ସମାଜରେ କେତେ ଭଦ୍ରବ୍ୟକ୍ତି ରାସ୍ତା ଉପରେ କେତେ ସଂଖ୍ୟାରେ ଆତଜାତ ହେଉଥା'ନ୍ତି। କାହିଁ ସମସ୍ତଙ୍କ ଉଦ୍ଦେଶ୍ୟରେ ତ ଅଗଣିତ ଚରିତ୍ର ଆକୃଷ୍ଟ ହୁଅନ୍ତି ନାହିଁ! ରାଜକିଶୋର ପଟ୍ଟନାୟକଙ୍କ ହୃଦୟଟି କେଉଁ ଉପାଦାନରେ ନିର୍ମିତ? ସତେଯେମିତି ତାଙ୍କ ଅନ୍ତଃସ୍ଥଳରୁ ସମବେଦନାର ଏକ ସମ୍ପ୍ରସାରିତ ସ୍ରୋତ ପ୍ରବାହିତ ହୋଇ ସମସ୍ତଙ୍କୁ ପରିପ୍ଲାବିତ କରିଦେଉଥିଲା। ସମାନ ଭାବରେ ପୁଣି ଅସଂଖ୍ୟ ଚରିତ୍ରଙ୍କ ସ୍ନେହାକାଂକ୍ଷୀ, ଶାନ୍ତି ଓ ସାନ୍ତ୍ୱନା ଅଭିଳାଷୀ କ୍ଷତାକ୍ତ ମନ ସବୁ ଧାଇଁ ଆସୁଥିଲେ ତାଙ୍କ ଶ୍ରଦ୍ଧାର୍ଦ୍ର ସ୍ପର୍ଶ ଟିକିଏ ପାଇବା ପାଇଁ। ଏଭଳି ଅବସ୍ଥାରେ କେଉଁ ଲେଖକ ପାଇଁ ବିଚାର କରିବାର ବେଳ ମିଳିବ ଚରିତ୍ର ମନୋନୟନ ପାଇଁ?

ରାଜକିଶୋର କେଉଁ କେଉଁ ବୈଶିଷ୍ଟ୍ୟ ଭିତ୍ତିରେ ଚୟନ କରିଥା'ନ୍ତେ ତାଙ୍କ କଥାଜଗତର ଉପଯୁକ୍ତ ଚରିତ୍ରମାନଙ୍କୁ? ଏହି ସମୟରେ ଲେଖକର ତଟସ୍ଥତା ଆଉ କ'ଣ ସମ୍ଭବ? ହାତରେ ଥାଏ କଲମ। ପକେଟରେ ଥାଏ କାଗଜ। ନିର୍ବିଚାରରେ ସେ ସମସ୍ତଙ୍କ ଉଦ୍ଦେଶ୍ୟରେ ହିଁ ବିଗଳିତ ଭାବ ନେଇ ଢଳି ପଡ଼ନ୍ତି। ଯାହାକୁ ହେଲେ ବି ନେଇଆସି ସଂଯୁକ୍ତ କରିଦିଅନ୍ତି ସେ ସ୍ୱକୀୟ ଆତ୍ମିକ ସତ୍ତା ସହ। ତା' ଉପରେ ବର୍ଷଣ କରିଦିଅନ୍ତି ଅନାବିଳ ଆବେଗ। ସେ ଘରେ ରହିଥା'ନ୍ତୁ ଅଥବା ବାହାରେ, ଯେଉଁଠି ମିଳିଲା ସମୟ ଟିକିଏ ଚାଖଣ୍ଡେ ଜାଗା, ସେଇଠି ହିଁ ଗୋଟିଏ ଗଳ୍ପ ଲେଖି ପକାନ୍ତି ତାଙ୍କ ଅତିପ୍ରିୟ ଯେକୌଣସି ମଣିଷର ଅନ୍ତର୍ବେଦନାକୁ। ଆଉ ଥରେ ସେଇ ଗଳ୍ପକୁ ମାର୍ଜିତ ରୂପ ଦେବାର ବେଳ କାହିଁ ତାଙ୍କର? ସମାଜରେ ଯେଉଁମାନେ ଉପେକ୍ଷିତ, ଅସହାୟ, ଅବହେଳିତ, ଦୁର୍ଦ୍ଦଶାଗ୍ରସ୍ତ, ଅତ୍ୟାଚାରିତ ସେମାନଙ୍କ ଅନ୍ତର୍ବ୍ୟଥା ଅଙ୍କନ କରି ଚାଲନ୍ତି ସେ। କେବଳ କ'ଣ ମଣିଷ? ପଶୁ, ପକ୍ଷୀ, ବୃକ୍ଷ, ଲତା ବି ଅଧୀର କରିପକାଉଥା'ନ୍ତି ତାଙ୍କୁ। ଏସବୁ ନ ହୋଇଥିଲେ ସେ କ'ଣ ୫୦୦ ଗଳ୍ପ ଲେଖି ପାରିଥା'ନ୍ତେ? ସୃଷ୍ଟି କରି ପାରିଥା'ନ୍ତେ ମାନବିକ ଅନୁଭୂତି ଆଧାରରେ ବିଭିନ୍ନ ପ୍ରକାର ଉପନ୍ୟାସ? କେଉଁ ଗଳ୍ପ ବା ଉପନ୍ୟାସର ଦୃଷ୍ଟାନ୍ତ ଉପସ୍ଥାପନ କରିବା ବଡ଼ କଠିନ। 'ସିନ୍ଦୂର ଗାର', 'ପ୍ରେମିକର ଡାଏରୀ, 'ଚଲାବାଟ', 'ଭସାମେଘ' ଭଳି ଉପନ୍ୟାସ ହେଉ ଅବା 'ତୁଠ ପଥର', 'କଳ୍ପନାର ଫୁଲ', 'ହୃଦୟର ବନ୍ଧନ', 'ହାଟ ସଉଦା' ପରି କେତେ ଗଳ୍ପ ସଂକଳନ ନାନାପ୍ରକାର ଚରିତ୍ରଙ୍କ ଅନ୍ତଃପ୍ରଦେଶକୁ ପ୍ରବେଶ କରିବା ପାଇଁ ପାଠକପାଠିକାଙ୍କ ପାଇଁ ପ୍ରସ୍ତୁତ କରି ଦେଇଛି ସୁପ୍ରଶସ୍ତ ପଥ।

ମଣିଷ ଦୁଃଖ ସହିପାରେ, କିନ୍ତୁ ସେ ଯେ ପରାଜିତ ହେବାକୁ ଏ ସଂସାରକୁ ଆସିଛି -ଏକଥା ଶିଳ୍ପୀ କେବେହେଲେ ସ୍ୱୀକାର କରନ୍ତି ନାହିଁ। ସବୁ ସତ୍ତ୍ୱେ ତା'କୁ ଏ ପୃଥିବୀରେ ବଞ୍ଚିବାକୁ ହେବ। ସଂଘର୍ଷମୟ ବାତାବରଣ ଭିତରେ 'ନିଜ ଅନ୍ତର୍ଶକ୍ତିର ପରିଚୟ ଦେବାକୁ ତା'ର ଜନ୍ମ -ଏଇ ସୂକ୍ଷ୍ମ ସତ୍ୟ ମର୍ମରିତ ହୋଇଯାଇଛି ତାଙ୍କ ଗଳ୍ପରେ। ଉପନ୍ୟାସରେ ହେଉ କି ଗଳ୍ପରେ ଲେଖକଙ୍କ ଜୀବନଦର୍ଶନ ଅନ୍ୱେଷଣଠାରୁ ଯାହା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ, ତାହା ହେଲା ବର୍ଣ୍ଣିତ ଚରିତ୍ର ସହିତ ପ୍ରାଣର ଆବେଗ ନେଇ ଏକାତ୍ମତା ଅନୁଭବ କରିବା। ଆଉ ନିର୍ବିଚାର ଭାବରେ କିପରି ଆପଣାକୁ ସେମାନଙ୍କ ସହ ଯୋଡ଼ି ହୋଇଯିବାର ଅନ୍ତର୍ନିହିତ କଳା ଆହରଣ କରିବା। ଯେଉଁ ଦରଦୀ ହୃଦୟକୁ ସେ ଉନ୍ମୁକ୍ତ କରିଦେଇଛନ୍ତି ସାହିତ୍ୟରେ ତାହା ହିଁ ତାଙ୍କର ଶ୍ରେଷ୍ଠ କଳା। ଆତ୍ମାନୁଭବକୁ ଅଭିବ୍ୟକ୍ତି ଦେଇଛନ୍ତି ସେ 'ଜୀବନ ସନ୍ଧ୍ୟା' ନାମକ ଗ୍ରନ୍ଥ ରଚନା କରି। କୌଣସି ପ୍ରକାର କୃତ୍ରିମତା ନୁହେଁ, ସ୍ୱାଭାବିକ ପ୍ରକାଶପ୍ରବଣତାରେ ତାଙ୍କ ସାହିତ୍ୟ କିପରି ସୁଷମାନ୍ୱିତ ତାହା ହିଁ ଅନୁଭବ କରିପାରିଲେ ପାଠକର ଅନ୍ତର ମଧ୍ୟ ତଦନୁଯାୟୀ ହୋଇଉଠେ ସମ୍ପ୍ରସାରିତ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଶିମିଳିପାଳ ଜଙ୍ଗଲରେ କ୍ୟାନସର୍ ସଞ୍ଜିବନୀ 'ଲାଇକେନ୍'



ବାରିପଦା,୨୮ ।୧(ସମିସ): ଶିମିଳିପାଳ ଜାତୀୟ ଅଭୟାରଣ୍ୟ ବନ୍ୟପ୍ରାଣୀ, ସବୁଜ ବନାନୀ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ସାରା ଦେଶରେ ପ୍ରସିଦ୍ଧ। ଏଥିରେ ଏବେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିହେବାକୁ ଯାଉଛି। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜୈବପ୍ରଯୁକ୍ତି ବିଦ୍ୟା ବିଭାଗର ଗବେଷଣାରୁ ଶିମିଳିପାଳ ଜଙ୍ଗଲ ଭିତରେ ଲୁଚିଥିବା ଔଷଧୀୟ ଧନ 'ଲାଇକେନ୍' ବିଷୟରେ ଏବେ ଅନେକ ତଥ୍ୟ ସାମ୍ନାକୁ ଆସିପାଛି। ଯାହା ଭବିଷ୍ୟତର ଔଷଧୀୟ ଗବେଷଣାର ଏକ ମୁଖ୍ୟ କେନ୍ଦ୍ର ଭାବେ ପରିଚୟ ସୃଷ୍ଟି କରିପାରିବ। ଶିମିଳିପାଳ ଜଙ୍ଗଲ ଭିତରେ ଥିବା ଔଷଧୀୟ ଧନ 'ଲାଇକେନ୍' ପ୍ରଜାତିଗୁଡ଼ିକରେ ଜୀବାଣୁନାଶକ ଗୁଣ ରହିଛି। ତେଣୁ ବିଭିନ୍ନ ସଂକ୍ରମଣ ରୋଗ ଚିକିତ୍ସାରେ ଏହାର ବ୍ୟବହାର ସମ୍ଭାବନା ରହିଛି। ସେହିପରି କିଛି ଲାଇକେନ୍‌ରେ କ୍ୟାନ୍ସର ବିରୋଧୀ ଗୁଣ ମିଳିଥିବା ଗବେଷଣାରୁ ଜଣାପଡିଛି। ଯାହା ଭବିଷ୍ୟତରେ କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ନୂଆ ଦିଗ ଖୋଲିବ ବୋଲି ଆଶା କରାଯାଉଛି। ଏହି ଲାଇକେନ୍ ଗୁଡ଼ିକରେ ରହିଛି ଆଣ୍ଟିଅକ୍ସିଡାଣ୍ଟ ଗୁଣ। ଆଣ୍ଟିଅକ୍ସିଡେଣ୍ଟ ଶରୀରର କୋଷକୁ କ୍ଷତିରୁ ରକ୍ଷା କରିଥାଏ। ଏହା ଦ୍ୱାରା ବୟସ୍କ ସମସ୍ୟା, ହୃଦ୍‌ରୋଗ, ଡାଏବେଟିସ୍ ଓ ଅନ୍ୟାନ୍ୟ ଦୀର୍ଘକାଳୀନ ରୋଗର ନିରାକରଣ ହୋଇପାରିବ। ବିଶେଷଜ୍ଞ କହିଛନ୍ତି, ଯଦି ଏହି ଲାଇକେନ୍‌ର ସଠିକ୍ ସଂରକ୍ଷଣ ଓ ବୈଜ୍ଞାନିକ ଉପଯୋଗ ସୁନିଶ୍ଚିତ କରାଯାଏ, ତେବେ ଶିମିଳିପାଳ ଭବିଷ୍ୟତରେ ଏକ ପ୍ରାକୃତିକ ଔଷଧ ଗବେଷଣାର ହବ୍ ଭାବେ ପରିଚିତ ହୋଇପାରିବ। ବାରିପଦା ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରେ ଲାଇକେନ୍ ସମ୍ପର୍କିତ ବିସ୍ତୃତ ଭାବେ ଗବେଷଣା କରାଯାଉଛି। ରାଜ୍ୟ ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗର ସହାୟତାରେ ଲାଇକେନ୍ ଉପରେ ଗବେଷଣା ଆରମ୍ଭ ହୋଇଛି। ଲକ୍ଷ୍ନୌ ସ୍ଥିତ ଜାତୀୟ ଉଭିଦବିଜ୍ଞାନ ଗବେଷଣା ପ୍ରତିଷ୍ଠାନ ଏଥିରେ ସହାୟତା ଦେଉଛି। ଏହି ଅଧ୍ୟୟନରେ ଶିମିଳିପାଳ ଜାତୀୟ ଉଦ୍ୟାନରୁ ଅଦ୍ୟାବଧି ୧୪୮ ପ୍ରଜାତିର ଲାଇକେନ୍ ଚିହ୍ନଟ କରାଯାଇଛି। ଏହା ରାଜ୍ୟରେ ସର୍ବପ୍ରଥମ। 'ଫିସିଲିଆ ମେଲାନକ୍ରୋମା' ନାମକ ପ୍ରଜାତିର ଲାଇକେନ୍ ଆମ ଦେଶରେ ପ୍ରଥମ କରି ଶିମିଳିପାଳରୁ ମିଳିଥିଲା। 'କ୍ଲୋଡନିଆ ପ୍ରୋଟିକଲୋଜା' ନାମକ ଲାଇକେନ୍ ଓଡ଼ିଶାରେ ପ୍ରଥମଥର ମିଳିପାରିଛି। ସଂଗ୍ରହ କରାଯାଇଥିବା ସମସ୍ତ ଲାଇକେନ୍ ନମୁନାକୁ ଏମଏସସିବି ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ଲାଇକେନ୍ ସଂଗ୍ରହାଳୟରେ ସଂରକ୍ଷଣ କରାଯାଇଛି। ପରେ, ଏହି ଲାଇକେନ୍ ଗୁଡିକର ଜୈବ-କ୍ରିୟାଶୀଳ ରସାୟନିକ ତତ୍ତ୍ୱଗୁଡ଼ିକୁ ଚିହ୍ନଟ ଓ ତାହାର କ୍ରିୟାଶୀଳତା ବିଶ୍ଳେଷଣ କରାଯାଉଛି। ଶିମିଳିପାଳର ଲାଇକେନ୍ କେବଳ ଜଙ୍ଗଲର ସୌନ୍ଦର୍ଯ୍ୟ ବଢ଼ାଏ ତା ନୁହେଁ, ପରିବେଶ ସୁରକ୍ଷା ଓ ନୂଆ ଔଷଧ ଆବିଷ୍କାରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ତେଣୁ ଏହାର ରକ୍ଷା କରିବା ଦାୟିତ୍ୱ ବଢିଯାଇଛି।

**କଣ ଏହି ଲାଇକେନ୍:**

ଲାଇକେନ୍ ହେଉଛି ଏକ ବିଶେଷ ପ୍ରକାର ଜୀବ। ଏହା କବକ ଏବଂ ଶୈବାଳ ମଧ୍ୟରେ ଏକ ସହଜୀବୀ ସମ୍ପର୍କରୁ ଜନ୍ମ ନେଇଥାଏ। ଏମାନେ ପଥର, ଗଛର ଛାଲ, ପାହାଡ଼ ଓ ମାଟି ଉପରେ ସ୍ୱାଭାବିକ ଭାବେ ବଂଶବିସ୍ତାର କରିଥାନ୍ତି। ଶିମିଳିପାଳର ଜଙ୍ଗଲରେ ଲାଇକେନ୍ ମାନେ କଠିନ ପରିସ୍ଥିତିରେ ବଢ଼ନ୍ତି। ଉଚ୍ଚ ତାପମାତ୍ରା, ଭାରି ବର୍ଷା, ଶୁଷ୍କ ସମୟରେ ସଂଘର୍ଷ କରନ୍ତି। ନିଜକୁ ବଞ୍ଚାଇବା ପାଇଁ ରକ୍ଷାଁକ ରାସାୟନିକ ଦ୍ରବ୍ୟ ତିଆରି କରନ୍ତି। ଯାହା ପରେ ମଣିଷ ପାଇଁ ଔଷଧ ଭାବେ ଉପଯୋଗୀ ହୁଏ। ଏହି ପଦାର୍ଥ ମାନଙ୍କୁ ଜୀବକ୍ରିୟାଶୀଳ ଦ୍ରବ୍ୟ କୁହାଯାଏ। ପରିବେଶୀୟ ପ୍ରଦୂଷଣ ପ୍ରତି ଲାଇକେନ୍ ଅତ୍ୟନ୍ତ ସମ୍ବେଦନଶୀଳ। ପରିବେଶ ଶୁଦ୍ଧ ଓ ସନ୍ତୁଳିତ ଥିଲେ ପ୍ରଚୁର ଲାଇକେନ ହୋଇଥାଏ।

# ବିଜୁଳି ଶୁଳ୍କ ବୃଦ୍ଧି ଉପରେ ଆଖି: ୨ ତାରିଖରୁ ଶୁଣାଣି

ଭୁବନେଶ୍ୱର,୨୮।୧(ସମିସ): ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ(ଓଇଆରସି) ପକ୍ଷରୁ ଆସନ୍ତା ବର୍ଷ (୨୦୨୬-୨୭) ପାଇଁ ବିଦ୍ୟୁତ ମୂଲ୍ୟ ଧାର୍ଯ୍ୟ କରିବା ପାଇଁ ଜନଶୁଣାଣି ଆୟୋଜନ କରାଯିବ। ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ୨ ତାରିଖରୁ ୨୧ ତାରିଖ ଯାଏଁ ବିଭିନ୍ନ ସରକାରୀ ସଂସ୍ଥା ତଥା ବିତରକ କମ୍ପାନୀର ଆବେଦନ ଉପରେ ଜନଶୁଣାଣି ହେବ। ଏହାପରେ ଆୟୋଗ ନିଜର ରାୟ ପ୍ରକାଶ କରିବେ। ଶେଷଥର ପାଇଁ ୨୦୨୧-୨୨ରେ ଖୁଚୁରା ବିଜୁଳି ମୂଲ୍ୟ ୟୁନିଟ ପିଛା ୩୦ ପଇସା ବୃଦ୍ଧି ପାଇଥିବା ବେଳେ ଏହାପରଠାରୁ ଲଗାତାର ୪ ବର୍ଷ ଧରି ଆଉ ବିଜୁଳି ଦର ବଢ଼ିନାହିଁ। ତେଣୁ ଆୟୋଗଙ୍କ ନିଷ୍ପତ୍ତି ଉପରେ ସଭିଙ୍କର ନଜର ରହିଛି।

ଗ୍ରୀଡ୍‌କୋ ଆବେଦନ ଉପରେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଆସନ୍ତା ୨ ତାରିଖ ପୂର୍ବାହ୍ନ ୧୦.୩୦ରେ ଜନଶୁଣାଣି ଅନୁଷ୍ଠିତ ହେବ। ଏଥିରେ ଆବେଦନକାରୀ ଗ୍ରୀଡ୍‌କୋ ଓ ରାଜ୍ୟ ସରକାରଙ୍କ ସହିତ ୧୬ ପକ୍ଷ ମତାମତ ରଖିବେ। ସେହିପରି ୩ ଓ ୪ ତାରିଖରେ ଯଥାକ୍ରମେ ଓଡ଼ିଶା ବିଦ୍ୟୁତ ଟ୍ରାନ୍ସମିସନ କର୍ପୋରେସନ (ଓପିଟିସିଏଲ) ଓ ଟାଟା ପାୱାର କେନ୍ଦ୍ରୀୟ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ (ଟିପିସିଓଡିଏଲ) ଦରଖାସ୍ତ ଉପରେ ଜନଶୁଣାଣି କରାଯିବ। ଓପିଟିସିଏଲ ଦରଖାସ୍ତ ଉପରେ ୧୭ ଜଣ ଓ ଟିପିସିଓଡିଏଲ ଦରଖାସ୍ତ ଉପରେ ୨୯ ଜଣ ଆପତ୍ତି କର୍ତ୍ତା ମତାମତ ରଖିବା ପାଇଁ ନୋଟିସ ଜାରି ହୋଇଛି। ଇବ ବିଦ୍ୟୁତ କେନ୍ଦ୍ରର ୟୁନିଟ-୧ଓ୨ର ବିଦ୍ୟୁତମୂଲ୍ୟ ଧାର୍ଯ୍ୟ ପାଇଁ ଓପିଜିସି (ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ)

**ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ଶୁଣାଣି କରିବେ ଆୟୋଗ**

ଦାଖଲ କରିଥିବା ଦରଖାସ୍ତକୁ ଆୟୋଗ ନିଜର ଶୈଳଶ୍ରୀବିହାର କାର୍ଯ୍ୟାଳୟରେ ଆସନ୍ତା ୫ ତାରିଖରେ ଶୁଣାଣି କରିବେ। ଏଥିପାଇଁ ୪ ଜଣ ଆପତ୍ତି କର୍ତ୍ତାଙ୍କ ସହ ସରକାର ଓ ଓପିଜିସିକୁ ନୋଟିସ ଜାରି ହୋଇଛି।

ସେହିପରି ଓଏଚପିସି (ଓଡ଼ିଶା ଜଳ ବିଦ୍ୟୁତ ନିଗମ) ଦରଖାସ୍ତ ଉପରେ ଜନଶୁଣାଣୀ ଆୟୋଗଙ୍କ କାର୍ଯ୍ୟାଳୟରେ ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୦.୩୦ରେ ଅନୁଷ୍ଠିତ ହେବ। ସେହିଦିନ ଅପରାହ୍ନ ୩ଟାରେ ଏସଏଲଡିସି (ରାଜ୍ୟ ବିଦ୍ୟୁତଭାର ପ୍ରେରଣ କେନ୍ଦ୍ର) ଦରଖାସ୍ତ ଶୁଣାଣି ହେବ। ଦ୍ୱିତୀୟ ଦଫାରେ ଟାଟା ପାୱାର ଉତ୍ତର ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ (ଟିପିଏନଓଡିଏଲ) ଦରଖାସ୍ତ ଉପରେ ବାଲେଶ୍ୱରର ବାମପଦାଠାରେ ଥିବା ଏନଓସିସିଆଇ କାର୍ଯ୍ୟାଳୟରେ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ୨୩ ଜଣ ଆପତ୍ତି କର୍ତ୍ତାଙ୍କୁ ନୋଟିସ ହୋଇଛି। ସେହିପରି ଟାଟା ପାୱାର ପଶ୍ଚିମ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ (ଟିପିଡବ୍ଲୁଓଡିଏଲ) ଦରଖାସ୍ତ ଉପରେ ଜ୍ୟୋତିବିହାର ଅଡିଟୋରିଅମ ବୁର୍ଲାଠାରେ ୧୯ ତାରିଖ ପୂର୍ବାହ୍ନ ୧୦.୩୦ରେ ଅନୁଷ୍ଠିତ ହେବ। ସେଠାରେ ସମୁଦାୟ ୨୩ ଜଣ ଆପତ୍ତି କର୍ତ୍ତାଙ୍କ ମତାମତକୁ ଆୟୋଗ ଶୁଣିବେ। ଶେଷ ଜନଶୁଣାଣୀଟି ଗଞ୍ଜାମର ଛତ୍ରପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ୨୧ ତାରିଖରେ ଅନୁଷ୍ଠିତ ହେବ ବୋଲି ତାରିଖ ଧାର୍ଯ୍ୟ ହୋଇଛି। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ବିଦ୍ୟୁତମୂଲ୍ୟ ନିର୍ଣ୍ଣୟ ପାଇଁ ବିଦ୍ୟୁତ ଆଇନ, ୨୦୦୩ ଅନୁସାରେ ଆୟୋଗ ଜନଶୁଣାଣୀ କରୁଛନ୍ତି। ତେବେ ଏବର୍ଷର ଜନଶୁଣାଣୀକୁ ଆୟୋଗଙ୍କ ଶୈଳଶ୍ରୀ ବିହାର କାର୍ଯ୍ୟାଳୟରେ ସୀମିତ ନ ରଖି ଉପଭୋକ୍ତାର ନିକଟତର ହୋଇ ଗୀତଗୋବିନ୍ଦ ସଦନ ଓ ଟାଟା ପାୱାର ଆଞ୍ଚଳିକ କାର୍ଯ୍ୟାଳୟ ଗୁଡ଼ିକରେ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

# ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ

ବାରିପଦା,୨୮ ।୧(ସମିସ): ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ ସ୍ପେଶାଲ ପୋକସୋ କୋର୍ଟରେ ବୁଧବାର ଏକ ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ କାରାଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ପୀଡିତାକୁ କ୍ଷତିପୂରଣ ବାବଦରେ ୨ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ମୋରଡା ଥାନା ତିଳପୋଷି ଅଞ୍ଚଳର ଯୀଶୁନାଥ ହେମ୍ବ୍ରମ(୩୮) । ୨୦୨୨ ସେପ୍ଟେମ୍ବର ୨ତାରିଖରେ ମହିଳା ଜଣକ ଶବସକ୍ରାର ସାରି ପ୍ରାୟ ସନ୍ଧ୍ୟା ୭ଟା ସମୟରେ ନିଜ ଘରକୁ ଫେରୁଥିଲେ। ତେବେ ତାଙ୍କୁ ଏକୁଟିଆ ପାଇ ଅଭିଯୁକ୍ତ ଯୀଶୁନାଥ ନିଛାଟିଆ ସ୍ଥାନକୁ ନେଇ ବଳପୂର୍ବକ ଦୁଷ୍କର୍ମ କରିଥିଲେ। ମହିଳା ଜଣକ ନିଜକୁ ବଞ୍ଚାଇବାକୁ ଯାଇ ଚିତ୍କାର କରିବା ପରେ ଅଭିଯୁକ୍ତ ଜଣକ ଧମକଚମକ ଦେଇ ଫେରାର ହୋଇଯାଇଥିଲା। ପରେ ମହିଳା ଜଣକ ନିକଟସ୍ଥ ଡାକ୍ତରଖାନାକୁ ଯାଇ ଚିକିତ୍ସା ହୋଇ ସୁସ୍ଥ ହେବା ପରେ ମୋରଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ଦୁଷ୍କର୍ମ ମାମଲା ରୁଜୁ କରି ବୟାନ ରେକର୍ଡ କରିବା ପରେ ଡାକ୍ତରୀ ମାଇନା କରିଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# ହିଙ୍ଗୁଳା ମନ୍ଦିର ପାରିପାର୍ଶ୍ୱିକ ବିକାଶ ପାଇଁ ଉଚ୍ଛେଦ ନୋଟିସ ହାଇକୋର୍ଟରେ କାଏମ୍

କଟକ,୨୮ ।୧(ସମିସ): କେବଳ ବହୁ ବର୍ଷ ଧରି ବସବାସ କରିବା କିମ୍ବା ପରିଚୟପତ୍ର ଥିବା ଦ୍ୱାରା ଜଣେ ଜବରଦଖଲକାରୀ ସରକାରୀ ଜମି ଉପରେ କୌଣସି ଆଇନଗତ ଅଧିକାର ପାଇପାରିବେ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଆଧାରରେ ଜବରଦଖଲକାରୀ ମାନେ ସରକାରୀ ସମ୍ପତ୍ତି ଉପରେ କୌଣସି ଅଧିକାର ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ତାଳଚେରସ୍ଥିତ ପ୍ରସିଦ୍ଧ ମା' ହିଙ୍ଗୁଳା ମନ୍ଦିରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଉନ୍ନତିକରଣ ପାଇଁ ଜାରି ଉଚ୍ଛେଦ ନୋଟିସକୁ ଓଡ଼ିଶା ହାଇକୋର୍ଟ କାଏମ କରିଛନ୍ତି। ଉଚ୍ଛେଦ ନୋଟିସକୁ ବିରୋଧ କରି ତଥା ପୁନର୍ବାସ ଓ ଥଇଥାନକୁ ସର୍ତ୍ତ ରଖିବା ପାଇଁ ବିଶ୍ୱନାଥ ଗୋଛାୟତ ଓ ଅନ୍ୟ ମାନଙ୍କ ପକ୍ଷରୁ ଦାୟର ଆବେଦନକୁ ଡ.ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଖାରଜ କରିବା ସହ ଏହି ରାୟ ଦେଇଛନ୍ତି। ଆବେଦନକାରୀ ଜଣେ ଅନଧିକୃତ ଦଖଲକାରୀ ହୋଇଥିବାରୁ ତାଙ୍କୁ ଉଚ୍ଛେଦ କରିବା ପୂର୍ବରୁ ପୁନର୍ବାସ ଦେବା କୌଣସି ବାଧ୍ୟତାମୂଳକ ସର୍ତ୍ତ ନୁହେଁ ବୋଲି ଅଦାଲତ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ତାଳଚେର ଗୋପାଳପ୍ରସାଦ ଗ୍ରାମର ଆବେଦନକାରୀମାନେ ଦର୍ଶାଇଥିଲେ ଯେ ସେ ହିଙ୍ଗୁଳା ମନ୍ଦିର ନିକଟରେ ତିନି ପିଢ଼ି ଧରି ବସବାସ କରୁଛନ୍ତି। ମନ୍ଦିରର ସେବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ୧୯୯୪ରୁ ୧୯୯୭ ମଧ୍ୟରେ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ)ର ହିଙ୍ଗୁଳା ଓପନକାଷ୍ଟ ପ୍ରୋଜେକ୍ଟ ପାଇଁ ସେମାନଙ୍କ ଜମି ଅଧିଗ୍ରହଣ କରାଯାଇଥିଲା। ୧୯୯୯ ମସିହାରୁ ଏହା ଏମସିଏଲର ଅକ୍ତିଆରରେ ରହିଛି। ତେବେ ସେମାନଙ୍କୁ କ୍ଷତିପୂରଣ ଓ ଥଇଥାନ କରାଯାଇ ନଥିବା ବେଳେ ଏବେ ମନ୍ଦିର ପରିପାର୍ଶ୍ୱ ବିକାଶ ପାଇଁ ଉଚ୍ଛେଦ ନୋଟିସକୁ ବେଆଇନ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଜମି ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଅକ୍ତିଆରରେ ରହିଛି। ପୁନର୍ବାସ ସୁବିଧା କେବଳ ସେହିମାନଙ୍କୁ ମିଳେ ଯେଉଁମାନେ ଜମି ଅଧିଗ୍ରହଣ ସମୟରେ ପ୍ରକୃତ 'କ୍ଷତିଗ୍ରସ୍ତ ପରିବାର' ଭାବେ ଚିହ୍ନଟ ହୋଇଥାନ୍ତି। ଆବେଦନକାରୀ 'ଅନଧିକୃତ ଦଖଲକାରୀ' ଏବଂ ଜମି ଅଧିଗ୍ରହଣ ସମୟରେ ସେମାନଙ୍କୁ ବିସ୍ଥାପିତ ବୋଲି ଚିହ୍ନଟ କରାଯାଇନଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

# ଗ୍ରାମସଭା ଓ ପଞ୍ଚାୟତର ନିଷ୍ପତ୍ତି ବିନା ଆଶାକର୍ମୀଙ୍କୁ ବହିଷ୍କାର ବେଆଇନ:ହାଇକୋର୍ଟ

କଟକ,୨୮ ।୧(ସମିସ): ସାଧାରଣ ଆଇନ ଅନୁସାରେ ଯେଉଁ କର୍ତ୍ତୃପକ୍ଷ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାର କ୍ଷମତା ରଖନ୍ତି, ସେହି କର୍ତ୍ତୃପକ୍ଷଙ୍କ ପାଖରେ ହିଁ ତାଙ୍କୁ କାର୍ଯ୍ୟରୁ ଅନ୍ତର କରିବାର ଅଧିକାର ରହିଛି। ଜଣେ ଆଶା କର୍ମୀଙ୍କ ଚୟନ ଗ୍ରାମସଭା, ଗ୍ରାମ ସ୍ୱାସ୍ଥ୍ୟ କମିଟି ଏବଂ ଗ୍ରାମ ପଞ୍ଚାୟତର ପ୍ରସ୍ତାବ ମାଧ୍ୟମରେ ହୋଇଥାଏ। ମେଡିକାଲ ଅଫିସର କେବଳ ଏହି ପ୍ରକ୍ରିୟାରେ ସହଯୋଗ କରିଥାନ୍ତି କିନ୍ତୁ ସେ ସିଧାସଳଖ ଚୟନକର୍ତ୍ତା ନୁହନ୍ତି। ଏଭଳି ସ୍ଥିତିରେ କେବଳ ଏକ ଫୌଜଦାରୀ ମାମଲାରେ ଗିରଫଦାରୀ ଆଧାରରେ ଗ୍ରାମସଭା ଓ ପଞ୍ଚାୟତର କୌଣସି ନିଷ୍ପତ୍ତି ବିନା ଆଶା କର୍ମୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ବେଆଇନ ବୋଲି କହିଛନ୍ତି ହାଇକୋର୍ଟ। ରଶ୍ମିତା ପାଲଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ବାଲେଶ୍ୱର ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକଙ୍କ ପକ୍ଷରୁ ଆବେଦନକାରୀଙ୍କୁ କାର୍ଯ୍ୟରୁ ଅନ୍ତର ନେଇ ଜାରି ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଆବେଦନକାରୀଙ୍କୁ ପୁଣି କାର୍ଯ୍ୟରେ ଯୋଗ ଦେବା ନିମନ୍ତେ ସୁଯୋଗ ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ଓଉପଦା ବ୍ଲକ କାଣ୍ଡଗରାଡ଼ି ପଞ୍ଚାୟତର ନୂଆପାଟଣା ଗାଁର ଆଶା କର୍ମୀ ରଶ୍ମିତା ପାଲଙ୍କୁ ନେଇ ଏହି ବିବାଦ ସୃଷ୍ଟି ହୋଇଥିଲା। ଏକ ଫୌଜଦାରୀ ମାମଲାରେ ରଶ୍ମିତାଙ୍କୁ ଗିରଫ କରାଯାଇଥିଲା ଏବଂ ସେ ୪୮ ଘଣ୍ଟାରୁ ଅଧିକ ସମୟ ଜେଲ୍‌ରେ ରହିଥିଲେ। ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିବା ପରେ କାର୍ଯ୍ୟରେ ଯୋଗଦେବାକୁ ଚାହିଁଥିଲେ ମଧ୍ୟ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ତାଙ୍କୁ ଅନୁମତି ଦେଇନଥିଲେ ଓ ନୂତନ ଆଶା କର୍ମୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏପରିକି ସମ୍ପୃକ୍ତ ଗ୍ରାମବାସୀ ଏବଂ ସ୍ଥାନୀୟ ସରପଞ୍ଚ ରଶ୍ମିତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ଥିବା ସହ ତାଙ୍କୁ ପୁଣି କାର୍ଯ୍ୟରେ ରଖିବା ପାଇଁ ଆବେଦନ କରିଥିଲେ ମଧ୍ୟ ଏହା ପ୍ରତ୍ୟାଖାନ କରାଯାଇଥିଲା। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରଥମେ ଆବେଦନକାରୀଙ୍କ ଦାବିପତ୍ର ବିଚାର କରିବାକୁ ହାଇକୋର୍ଟ କହିଥିଲେ। ତଥାପି ଏହା ଖାରଜ ହେବା ସହ ତାଙ୍କୁ କାର୍ଯ୍ୟରୁ ଅନ୍ତର ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ଜାରି ଆଦେଶକୁ ସେ ପୁଣି ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଜିତ ପାୱାର...

ସହିତ ନିଆଁ ଲାଗି ଯାଇଥିଲା। ଖବର ପାଇ ଦମକଳ ଗାଡ଼ି ତୁରନ୍ତ ଦୁର୍ଘଟଣାସ୍ଥଳରେ ପହଞ୍ଚିବା ସହିତ ନିଆଁ ଲିଭାଇଥିଲା। କିନ୍ତୁ ସେତେବେଳକୁ ଆଉ କିଛି ବାକି ନଥିଲା। ବିମାନଟି ଖଣ୍ଡ ଖଣ୍ଡ ହେବା ସହିତ ପାଉଁଶରେ ପରିଣତ ହୋଇଯାଇଥିଲା। ଏହାସହିତ ମହାରାଷ୍ଟ୍ର ରାଜନୀତି ଏହାର ଦାଦାଙ୍କୁ ହରାଇଥିଲା। ଯେଉଁ ବାରାମତିରେ ଜନ୍ମ ହୋଇ ମହାରାଷ୍ଟ୍ର ରାଜନୀତିର ଶୀର୍ଷକୁ ଛୁଇଁଥିଲେ, ସେହି ଜନ୍ମମାଟିରେ ପାୱାର ଆଜି ଅନ୍ତିମ ବିଦାୟ ନେଇଛନ୍ତି। ଦୁର୍ଘଟଣାରେ ପାୱାରଙ୍କ ସହିତ ଆଉ ୪ ଜଣ ବ୍ୟକ୍ତି ମଧ୍ୟ ପ୍ରାଣ ହରାଇଛନ୍ତି। ସେମାନେ ହେଲେ ଦୁଇ ଜଣ ପାଇଲଟ, ପାୱାରଙ୍କର ଜଣେ ପିଏସ୍‌ଓ ଏବଂ ଜଣେ ସହାୟକ। ଜିଲ୍ଲା ପରିଷଦ ନିର୍ବାଚନ ପୂର୍ବରୁ ବାରାମତିରେ ଏକ ଦଳୀୟ ରାଲିରେ ଯୋଗ ଦେବାଲାଗି ଅଜିତ ବାରାମତି ଯାଉଥିଲେ ବୋଲି କୁହାଯାଉଛି। ଦୁର୍ଘଟଣାର ତଦନ୍ତ ଆରମ୍ଭ ହୋଇଛି ଏବଂ କୁହୁଡ଼ି ଯୋଗୁଁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ବେସାମରିକ ବିମାନ ଚଳାଚଳ ବିଭାଗ ପକ୍ଷରୁ କୁହାଯାଇଛି ଯେ ଅଜିତ ପାୱାର ଯାଉଥିବା ବିମାନ (ବମ୍ବାରଡିଅର ଲିୟରଜେଟ୍-୪୫) ଅବତରଣ କରୁଥିବା ସମୟରେ କମ୍ ଦୃଶ୍ୟମାନ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦିଲ୍ଲୀ ସ୍ଥିତ ଚାର୍ଟର କଂପାନୀ ଭିଏସଆରର ଏହି ବିମାନ ୧୬ ବର୍ଷ ପୁରୁଣା ଥିଲା। ବିମାନର କ୍ୟାପଟେନ ଥିଲେ ସୁମିତ କପୁର ଏବ ବିମାନ ଚଳାଇବାରେ ତାଙ୍କର ୧୬ ହଜାର ଘଣ୍ଟାର ଅନୁଭୂତି ଥିଲା। ଦୁର୍ଘଟଣା ଯୋଗୁଁ ବିମାନ ଏପରି କ୍ଷତିଗ୍ରସ୍ତ ହୋଇଛି ଯେ ଏନସିପି ମୁଖ୍ୟ ପାୱାରଙ୍କ ଶବ ଚିହ୍ନଟ କରିବା ମୁସ୍କିଲ ହୋଇପଡ଼ିଥିଲା। ପାୱାର ପିନ୍ଧିଥିବା ହାତ ଘଡ଼ି ଏବଂ ପୋଷାକରୁ ତାଙ୍କର ଶବ ଚିହ୍ନଟ କରାଯାଇଥିଲା। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍, ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ବ୍ୟକ୍ତ କରିବା ସହ ସ୍ୱର୍ଗତ ପାୱାରଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

ତେବେ ଏହି ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ର ରହିଛି ଏବଂ ଏହାର ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାବି କରିଥିବା ବେଳେ ଅଜିତଙ୍କ ଦାଦା ତଥା ଏନ୍‌ସିପି (ଏସ୍‌ପି)ର ମୁଖ୍ୟ ଶରଦ ପାୱାର ଏହାକୁ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଏହା ଏକ ଦୁର୍ଘଟଣା ଏବଂ ଏହା ପଛରେ କୌଣସି ଷଡ଼ଯନ୍ତ୍ର ନାହିଁ। ଏଭଳି ଦୁଃଖଦ ସମୟରେ ଏହାକୁ ନେଇ ରାଜନୀତି କରିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

### ସୁନାରେ ନିଆଁ...

ଦୁଇ ଦିନରେ ସୁନା ୧୦, ୩୫୫ ଟଙ୍କା ମହଙ୍ଗା ହେଲାଣି। ଚଳିତ ବର୍ଷର ୨୮ ଦିନ ମଧ୍ୟରେ ସୁନା ମୂଲ୍ୟ ୩୦, ୬୩୨ ଟଙ୍କା ବଢ଼ିଲାଣି। ଗତ ୩୧ ତାରିଖରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ମୂଲ୍ୟ ୧, ୩୩, ୧୯୫ ଟଙ୍କା ଥିଲା। ଏବେ ୧୦ ଗ୍ରାମ ପିଛା ୧୪ କ୍ୟାରେଟ ସୁନା ମୂଲ୍ୟ ୯୫, ୮୩୯ ଟଙ୍କା, ୧୮ କ୍ୟାରେଟ ମୂଲ୍ୟ ୧, ୨୨, ୮୭୦ ଟଙ୍କା, ୨୨ କ୍ୟାରେଟ ମୂଲ୍ୟ ୧, ୫୦, ୦୬୬ ଟଙ୍କା ରହିଛି। ଇଣ୍ଡିଆନ ବୁଲିୟନ ଆଣ୍ଡ ଜ୍ୱେଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଅନ୍ୟପଟେ ରୁପା ମୂଲ୍ୟ ସୁନାଠାରୁ ବି ଦ୍ରୁତଗତିରେ ବଢୁଛି। ଆଜି ରୁପା କେଜି ୧୩, ୭୦୩ ଟଙ୍କା ବୃଦ୍ଧି ପାଇ ୩, ୫୮, ୨୬୬ ଟଙ୍କାରେ ପହଞ୍ଚି ଯାଇଛି। ଦୁଇ ଦିନରେ ରୁପା ମୂଲ୍ୟ ୪୦, ୫୬୨ ଟଙ୍କା ମହଙ୍ଗା ହେଲାଣି। ଚଳିତ ବର୍ଷର ମାତ୍ର ୨୮ ଦିନ ମଧ୍ୟରେ ରୁପା ୧.୨୯ ଲକ୍ଷ ଟଙ୍କା ବଢ଼ିଲାଣି। ଗତ ୩୧ ତାରିଖରେ ରୁପା କେଜି ୨, ୩୦, ୪୨୦ ଟଙ୍କା ରହିଥିଲା। ଗତ ୨୮ ଦିନରେ ରୁପା ମୂଲ୍ୟ ହାରାହାରି ଭାବେ ୪, ୬୯୩ ଟଙ୍କା ବୃଦ୍ଧି ପାଇଛି।

### ତଦନ୍ତ ଦାବିକଲେ...

ହୋଇଥିଲା। ଯଦି ବରିଷ୍ଠ ନେତାଙ୍କ କ୍ଷେତ୍ରରେ ଏପରି ଘଟୁଛି ତେବେ ଏହା ବ୍ୟବସ୍ଥାର ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏନ୍‌ଡିଏରେ ରହି ଅଜିତ ନିଜର ରାଜନୈତିକ ସ୍ଥିତି ଉପରେ ବିଚାର କରୁଥିଲେ। ଅଜିତ ନିଜ ଦାଦା ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପିକୁ ଫେରିବାକୁ ଚାହୁଁଥିଲେ ବୋଲି ରିପୋର୍ଟ ଆସିଥିଲା। ଏଭଳି ସ୍ଥିତିରେ ଘଟଣା ଅତ୍ୟନ୍ତ ଚିନ୍ତାଜନକ ବୋଲି ମମତା କହିଛନ୍ତି।

ସେ କହିଛନ୍ତି, ଅନ୍ୟ କୌଣସି ଏଜେନ୍ସି ଉପରେ ମୋର ଭରସା ନାହିଁ। ଯାଞ୍ଚ ଏଜେନ୍ସି ଗୁଡ଼ିକ ସାଲିସ କରି ନେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ପର୍ଯ୍ୟବେକ୍ଷଣରେ କେବଳ ସତ ସାମ୍ନାକୁ ଆସିପାରେ। କେବଳ ସୁପ୍ରିମକୋର୍ଟଙ୍କ ଉପରେ ଆମର ଭରସା ଅଛି।

ସେହିପରି ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ୍ୟ ଏହି ଘଟଣାର ତଦନ୍ତ ଦାବି କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ଯାଞ୍ଚକୁ ସମର୍ଥନ ଦେଇଛନ୍ତି। ସେ କହିଛନ୍ତି ଯେ ନେତା ସାଧାରଣତଃ ଜରୁରୀ କାମ ପାଇଁ ଯାତ୍ରା କରିଥାନ୍ତି। କ୍ଷୁଦ୍ର ବିମାନରେ ଯିବା ସତ୍ତ୍ୱେ ଦୁର୍ଘଟଣା କାହିଁକି ଘଟିଲା। ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି ଯେ ମମତାଙ୍କ ଦାବି ଯଥାର୍ଥ। ପୂର୍ବରୁ ଏଭଳି ଦୁର୍ଘଟଣାରେ ଅନେକ ଭିଆଇପିଙ୍କ ଜୀବନ ଯାଇଛି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ନିରପେକ୍ଷ ଯାଞ୍ଚ ହେବା ଉଚିତ। ଉଦ୍ଧବ ଗୋଷ୍ଠୀର ଶିବସେନା ମଧ୍ୟ ସମାନ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଅଜିତଙ୍କ ଦାଦା ଶରଦ ପାୱାର ଏହାକୁ ଦୁର୍ଘଟଣା କହିଛନ୍ତି। ଏହା ଉପରେ ରାଜନୀତି ନ କରିବାକୁ ସେ ଅନୁରୋଧ କହିଛନ୍ତି। ଶରଦ କହିଛନ୍ତି ଯେ ମହାରାଷ୍ଟ୍ର ଜଣେ ଯୋଗ୍ୟ ମନୁଷ୍ୟକୁ ହରାଇ ଦେଲା। ତାଙ୍କ ପାଖରେ ନିଷ୍ପତ୍ତି ନେବାର କ୍ଷମତା ଥିଲା। ତାଙ୍କ ସ୍ଥାନ କେବେ ପୂରଣ ହୋଇପାରିବ ନାହିଁ।


**AFFIDAVIT**

By virtue of an affidavit sworn before the Executive Magistrate, Delang, AF. NO. 2239, on dated 10/12/2025, I SUBASH NAYAK, S/o Baban Nayak resident of Village At- Bramheswarpur, Po - Berboi, Ps- Delanga, Dist- Puri, Odisha Pin- 752016 declare that I have changed my name from SUBASA CHANDRA NAYAK to SUBASH NAYAK. Henceforth, I shall be known as SUBASH NAYAK for all future purposes.
Sd- SUBASH NAYAK

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, no. 79, dated 22.01.2026, I, PADALAM BHANDARI, S/o - Lachhaman Bhandari, residences of village - Bandhaguda, PO - Binjili, PS - Kodinga, Dist - Nabarangpur, Odisha, Pin - 764061, declare that I have changed the name of my son from IHIMEDHAR BHANDARI to LACHHIMDHAR BHANDARI. Henceforth, he shall be known as LACHHIMDHAR BHANDARI for all purposes.
Sd/- Padalam Bhandari

**LOST**

ମୁଁ ବିନୋଦ ବିହାରୀ ସାହୁ, (୫୮ ବର୍ଷ), ପିତା- ଦାମୋଦର ସାହୁ, ଗ୍ରାମ- ସରାଇ କେଲା, ଥାନା- ଜଗଦଲପୁର, ଜିଲ୍ଲା- ବରଗଡ଼ ଘୋଷଣା କରୁଅଛି ଯେ, ମୁଁ ମୋର ଦଲିଲ ନଂ- 10171100831, ତା. ୨୮/୦୩/୨୦୧୧ ରିଖ (ଏ୦.୨୫) ହଜି ଯାଇଛି। ଏହି ସମ୍ପତ୍ତି କୁ ବନ୍ଧକ ଦେଇ ମୁଁ Odisha Grameen Bank, Jagdalpur, Bargarh ଶାଖା ରୁ ଋଣ ନେବାକୁ ଯାଉଅଛି। ଏଥିରେ କାହାର କୌଣସି ଆପତ୍ତି ଥିଲେ ୦୭ ଦିନ ମଧ୍ୟରେ ଜଣାଇବେ, ତା ଅନ୍ତେ ଗ୍ରହଣୀୟ ହେବ ନାହିଁ।

O-2150
E_mail: eerwkesinga@yahoo.com

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, KESINGA
e-Procurement Notice
BID IDENTIFICATION NO. RWKSNG-online-11/25-26

1. Name of works : Building works (As per annexure)
2. Total No. of work : 3 Nos
3. Estimated Cost : Rs. 52.86 lakhs to Rs.95.39 lakhs (Approximately)
4. E.M.D : Please refer DTCN
5. Cost of Tender document : As per annexure
6. Class of Contractor : "B" Class
7. Period of completion : As per annexure
8. Other details : As per DTCN

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Kesinga | RWKSNG-online-11/25-26 | 31.01.2026 at 11.00 A.M | 11.02.2026 upto 17.00 P.M. | 09.02.2026 upto 11.00 A.M | 12.02.2026 at 11.00 A.M |

Further details can be seen from the Website i.e www.tenderodisha.gov.in.
Superintending Engineer
Rural Works Division
Kesinga
OIPR-

B-1007
Email: sepwdrgda1@gmail.com

Government of Odisha
"e" Procurement Notice
OFFICE OF THE SUPERINTENDING ENGINEER,
RAYAGADA (R&B) DIVISION NO-I, RAYAGADA
Bid Identification No: RC (RANDB) RGD 20/2025-2026 (Double Cover- Online tender)
File No. E-II-C8- 28/2025 No. 192 Dated 19.01.2026

1. No. of the works: - 01(One) Building Works only
2. Estimated Cost: - Rs. 63.31 Lakhs
3. Cost of document: - Rs.10,000/-
4. Bid Security: - Rs.63,400/-
5. Class of Contractor : - 'B'
6. The Bid documents will be available in the website **www.tendersodisha.gov.in from11.00 Hrs. of dated 30-01-2026 to 17.00 Hrs. of dated 8-02-2026 for online bidding.**
7. Last date/Time for receipt of bids in the portal: - Upto17.00Hrs. of **Dated 08-02-2026**
8. Bids received "**on-line**" shall be **opened at 17.30 Hours on dated 09-02-2026** in the office of the **Superintending Engineer**, **Rayagada (R&B) Division No-I.**
9. Further details can be seen from the *e-Procurement* portal: "www.tendersodisha.gov.in". Any Addendum/Corrigendum/Cancellation of tender can also be seen in the said website only.

Superintending Engineer
Rayagada (R&B) Division No-I
OIPR-

**AFFIDAVIT**

By virtue of an affidavit sworn before Executive Magistrate, Rayagada, No. 66,Dated 27.01.2026, I, Sadasiba Mishra, aged about 65 years, S/o-Raghunath Mishra,permanent resident of Vill. Manisingi, PO-Suri, PS-Chandili, Dist-Rayagada - 765017, Odisha, declare that I have changed my name from Ramkrushna Mishra to Sadasiba Mishra.Henceforth, I shall be known as Sadasiba Mishra for all purposes.
Sadasiba Mishra

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, no. 114, dated 27.01.2026, I, SUDHIR NAYAK, S/o- Agadu Harijan, permanent resident of village - Buchiaguda, PO - Patri, PS - Dabugam, Dist - Nabarangpur, Odisha, Pin - 764071, declare that I have changed my name from SUDHIR HARIJAN to SUDHIR NAYAK. Henceforth, I shall be known as **SUDHIR NAYAK** for all purposes.
Sd/- Sudhir Nayak

**AFFIDAVIT**

By virtue of an affidavit No. 13043 sworn before the Executive Magistrate, Jajpur on dt- 22/12/2025. I **Bharatachandra Jena**, S/o- Babaji Jena, aged-46 yr, permanent resident of Vill- Brahmanikula, Po-Jayantara, Ps- Dasarathpur, Dist-Jajpur, Pin- 755006, Odisha. My actually Name Bharatachandra Jena, S/o- Babaji Jena which has been recorded my Aadhar Card No. 8441 5759 6890, but wrongly maintained in my CRFM (COROMANDEL ROLLER FLOUR MILLS PVT LTD) name as Anil Kumar Jeena, S/o-Babaji Jena, Henceforth both name **Bharatachandra Jena,** S/o-Babaji Jena & **Anil Kumar Jeena,** S/o-Babaji Jena are one and same person for all future purposes.

**AFFIDAVIT**

By virtue of an affidavit (Sl No.1634, dtd- 10/12/2025) sworn before The Executive Magistrate, Ranpur. I, **Bidusmita Chhualsingh,** W/o-Bikash Chhualsingh, permanent & current resident of Vill/PO-Godikilo, PS- Jankia, Dist-Khordha, PIN- 752038, Odisha declare that I have changed my name from **Bidusmita Barik to Bidusmita Chhualsingh.** Henceforth, I shall be known as **Bidusmita Chhualsingh** (new name) for all purposes.
**Bidusmita Chhualsingh**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated-27/01/2026 I, **Deepti Verma,** Address At- Plot No. 5/280, C/O- Debendra Kumar Sahoo 1st floor, Gopinathpur, Ghodapadia, Near Ruchika Restaurant, Dhauli, Bhubaneshwar, Odisha, PIN-751002, declare that I have changed my name from **Deepti Singh Bhadauriya to Deepti Verma.** Henceforth, I shall be known as **Deepti Verma** for all purposes.
**DEEPTI VERMA**

**AFFIDAVIT**

I, Gampa Kanalu Dpra, aged about 30 years, W/o-Gampa Santosh Kumar Dora, resident of At-Gothiali, Po- Khajipalli, Ps- Purusottampur, Dist-Ganjam, Odisha, PIN-761019, Odisha declared by this affidavit No. 171, dtd- 27/01/2026 that now onwards I shall be known as **GAMPA PUNALU DORA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nayagarh, No. 82AA 423336, dtd-12/01/2026. I, **Urmila Das,** W/o- Srinibas Das, R/o. Village- Patharpunji, PO-Gopalpur, PS- Ranpur, Dist-Nayagarh, Odisha, PIN-752025, declare that I have changed my name from **Urmila Mati to Urmila Das.** Henceforth, I shall be known as **Urmila Das** for all purposes.
**URMILA DAS**

**NOTICE**

It is hereby notified to all the bonafied member of Tulasi Vihar Flat Owners Welfare Society, Samanga, Puri that the General Election of the Society for the year 2026-28 shall be held following notification No.06 Dt.27.01.2026, on 8th March 2026 from 10 A.M. to 5 P.M. Therefore you are requested to cast your valid vote at Tulasi Vihar Housing Complex Voting Booth and elect your Office Bearer.
**(Manmath Kumar Majhi)**
**President.**
**Tulasi Vihar Flat Owners Welfare Society.**

# ୯ ମାଓବାଦୀଙ୍କ ଆତ୍ମସମର୍ପଣ

ସିନାପାଲି, ୨୮ ।୧(ସମିସ)



ନୂଆପଡ଼ା ଜିଲ୍ଲା ସୀମାନ୍ତ ସିନାପାଲି ସଂଲଗ୍ନ ସୀତାନଦୀ ଏରିଆ କମିଟି ଛତିଶଗଡ଼ ରାଜ୍ୟ ଧମତରି ଜିଲ୍ଲାରେ ନକ୍ସଲ ବିରୋଧୀ ଅଭିଯାନ ଅନ୍ତର୍ଗତ ସୁରକ୍ଷା ବାହିନୀ ଆଉ ଏକ ବଡ଼ ସଫଳତା ହାସଲ କରିଛି। ଧମତରି ପୁଲିସ ଅଧିକ୍ଷକ କାର୍ଯ୍ୟାଳୟରେ ମୋଟ ୯ ଜଣ ନକ୍ସଲବାଦୀ ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ର ଧମତରି ଜିଲ୍ଲାରେ ନକ୍ସଲ ବିରୋଧୀ ଅଭିଯାନ ଅନ୍ତର୍ଗତ ସୁରକ୍ଷା ବାହିନୀ ଆଉ ଏକ ବଡ଼ ସଫଳତା ହାସଲ କରିଛି। ଧମତରି ପୁଲିସ ଅଧିକ୍ଷକ କାର୍ଯ୍ୟାଳୟରେ ମୋଟ ୯ ଜଣ ମାଓବାଦୀ ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କାର୍ଯ୍ୟକ୍ରମରେ ରାୟପୁର ରେଞ୍ଜର ପୁଲିସ ମହାନିରୀକ୍ଷକ (ଆଇଜି) ଅମରେଶ ମିଶ୍ର ଉପସ୍ଥିତ ରହି ଆତ୍ମସମର୍ପଣକାରୀ ନକ୍ସଲମାନଙ୍କୁ କରତାଳି ସହ ସ୍ୱାଗତ କରିଥିଲେ ଏବଂ ମୁଖ୍ୟସ୍ରୋତକୁ ଫେରି ନୂତନ ଜୀବନ ଆରମ୍ଭ କରିବା ପାଇଁ ଅଭିନନ୍ଦନ ଜଣାଇଥିଲେ।ଆଇଜି ଶ୍ରୀ ମିଶ୍ର କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପୁନର୍ବାସ ନୀତି ନକ୍ସଲବାଦୀଙ୍କୁ ମୁଖ୍ୟସ୍ରୋତକୁ ଫେରି ସମ୍ମାନଜନକ ଜୀବନଯାପନ କରିବାର ସୁଯୋଗ ପ୍ରଦାନ କରୁଛି। ଆତ୍ମସମର୍ପଣକାରୀଙ୍କ ମଧ୍ୟରୁ ୮ ଜଣଙ୍କ ଉପରେ ୮ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ଥିଲା ବେଳେ ଜଣେଙ୍କ ଉପରେ ୫ ଲକ୍ଷ ଟଙ୍କାର ପୁରସ୍କାର ଥିଲା। ବିଭିନ୍ନ ଗୁରୁତର ମାମଲାରେ ଜଡିତ ଥିବା ବଡ଼ କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ ସୁରକ୍ଷା ଏଜେନ୍ସି ପାଇଁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଇଛି। ଆତ୍ମମର୍ପଣକାରୀଙ୍କ ମଧ୍ୟରେ, ଜ୍ୟୋତି ଓରଫ ଜୈନି, ଉଷା ଓରଫ ବଲମା, ରାମଦାସ ଓରଫ ଆୟତା, ରୋନି ଓରଫ ଉମା, ନିରଞ୍ଜନ ଓରଫ ପୋଡିଆ, ସିନ୍ଧୁ ଓରଫ ସୋମଡି, ରୀନା ଓରଫ ଚିରୋ, ଅମାଲି ଓରଫ ସନି, ଏବଂ ଲକ୍ଷ୍ମୀ ପୁନେମ ଓରଫ ଆରତୀ ସାମିଲ ଅଛନ୍ତି। ସମସ୍ତଙ୍କୁ ଆଇଜି ମହୋଦୟ ସ୍ୱାଗତ କରିଛନ୍ତି। ଏହି ଆତ୍ମସମର୍ପଣ ସହିତ ରାୟପୁର ଡିଭିଜନକୁ ଧୀରେଧୀରେ ନକ୍ସଲମୁକ୍ତ ଡିଭିଜନ ଭାବେ ଘୋଷଣା କରାଯାଉଥିବା ମନ୍ତବ୍ୟ ଦିଆଯାଇଛି। ପୋଲିସ ଓ ସୁରକ୍ଷା ବାହିନୀର ନିରନ୍ତର କାର୍ଯ୍ୟ ଏବଂ ସରକାରଙ୍କ ପୁନର୍ବାସ ନୀତିର ସକାରାତ୍ମକ ପରିଣାମ ଏବେ ସ୍ପଷ୍ଟ ଭାବେ ପ୍ରକାଶ ପାଉଛି। ପ୍ରଶାସନ ପକ୍ଷରୁ ଆଶ୍ୱାସନ ଦିଆଯାଇଛି ଯେ ଆତ୍ମସମର୍ପଣ

**ନକ୍ସଲ ବିରୋଧୀ ଅଭିଯାନରେ ବଡ଼ ସଫଳତା**

କରିଥିବା ମାଓବାଦୀଙ୍କ ପୁନର୍ବାସ, ସୁରକ୍ଷା ଏବଂ ନିଯୁକ୍ତି ପ୍ରକ୍ରିୟା ସରକାରୀ ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ କରାଯିବ, ଯାହା ଦ୍ୱାରା ସେମାନେ ଏକ ସମ୍ମାନଜନକ ନୂତନ ଜୀବନ ଆରମ୍ଭ କରିପାରିବେ। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ପରିବାର ତରଫରୁ ମଧ୍ୟ ଗଣମାଧ୍ୟମ ଜରିଆରେ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ନିବେଦନ କରିଥିଲେ। ଯାହା 'ସକାଳ' ଖବର ପ୍ରକାଶ ପାଇଥିଲା।

# ନବନିର୍ମାଣ କୃଷକ ସଂଗଠନ ଆନ୍ଦୋଳନକୁ କଂଗ୍ରେସର ସମର୍ଥନ

**ଲାଞ୍ଜିଗଡ଼, ୨୮ ।୧ (ସମିସ):** ଧାନକିଣା ଅବ୍ୟବସ୍ଥା, ଯାନବାହନ ପ୍ରଦୂଷଣ ସାର୍ଟିଫିକେଟ୍ ଆଳରେ ମାତ୍ରାଧିକ ତଣ୍ଡ ଆଦାୟ, ଟାଟା କମ୍ପାନିର ମନମାନି ବିରୋଧରେ ଆଜି ନବନିର୍ମାଣ କୃଷକ ସଂଗଠନ ଓଡ଼ିଶା ବନ୍ଦ ଡାକରା ଦେଇଥିବା ବେଳେ ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ସମର୍ଥନ ଜଣାଇଛନ୍ତି। ଏହାର ପ୍ରଭାବରେ ବୁଧବାର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରଭାବ ଦେଖିବାକୁ ମିଳିଛି। ଲାଞ୍ଜିଗଡ଼ ବ୍ଲକ କୃଷକ ସଂଗଠନ ଓ ବ୍ଲକ କଂଗ୍ରେସ ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ଡ଼. ବଳଭଦ୍ର ମାଝୀଙ୍କ ନେତୃତ୍ୱରେ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥିଲା।ବ୍ଲକର ବିଶ୍ୱନାଥପୁରଠାରେ କଂଗ୍ରେସ ଦଳୀୟ କର୍ମୀମାନେ ପିକେଟିଂ କରିଥିବା ବେଳେ ବ୍ଲକ କାର୍ଯ୍ୟାଳୟ ସହିତ ବ୍ୟାଙ୍କ, ତହସିଲ କାର୍ଯ୍ୟାଳୟ, ଧାନ ମଣ୍ଡି, ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ସେହିପରି ବ୍ଲକର ଲାଞ୍ଜିଗଡ଼ରୋଡ଼ ଠାରେ ମଧ୍ୟ ବ୍ୟାଙ୍କ, ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଏହି ଅଫିସଗୁଡିକରେ ସକାଳୁ ୬ ରୁ ଦିନ ୨ ଟା ପର୍ଯ୍ୟନ୍ତ ୮ ଘଣ୍ଟା ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଏଥିରେ ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ ସଭାପତି ଗୋବିନ୍ଦ ପ୍ରଧାନୀ, କଂଗ୍ରେସ ନେତା ଟଙ୍କଧର ମାଝୀ, ଭୀମସେନ ନାଏକ, ଭାସ୍କର ଚନ୍ଦନ, ପୂର୍ଣ୍ଣଚନ୍ଦ୍ର ଗଉଡ଼, ଗଣେଷ ବେହେରା, ରଜତ କୁମାର ରାଉତ, ସନ୍ତୋଷ ତୁଳ, ଫକୀର ଚରଣ ବିଶି, ଗୋପାଲ ଖୋରା, ମନୋଜ କୁମାର ରାଉତ, ରାଜ କରୁଆ ସମେତ ଦଳୀୟ କଂଗ୍ରେସ କର୍ମୀ କୃଷକମାନେ ଉପସ୍ଥିତ ଥିଲେ।



# ତୁରେକେଲା ପଞ୍ଚାୟତ, ଆର୍ଆଇ ଅଫିସ ଉଦ୍‌ଘାଟିତ



**ବଙ୍ଗୋମୁଣ୍ଡା, ୨୮ ।୧ (ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ତୁରେକେଲା ପଞ୍ଚାୟତ କାର୍ଯ୍ୟାଳୟ ଓ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ତୁରେକେଲା ସରପଞ୍ଚ ମାଧୁରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାକର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନୀୟ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷା ରଞ୍ଜୁବାଳା ବେହେରା, ବଙ୍ଗୋମୁଣ୍ଡା ବିଡ଼ିଓ ସୁଶ୍ରୀ ନିତୁଶ୍ରୀ ମେହେର, ବଙ୍ଗୋମୁଣ୍ଡା ଜୋନର ଜିଲ୍ଲା ପରିଷଦ ସଦସ୍ୟ ଓମ୍‌ପ୍ରକାଶ କୁମ୍ଭାର, ବଙ୍ଗୋମୁଣ୍ଡା ଅତିରିକ୍ତ ତହସିଲଦାର ଛବି ପୋଡ଼, ତୁରେକେଲା ସମିତିସଭ୍ୟ ମୁରଲୀଧର କୁମ୍ଭାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶୀଲ ପୋଡ଼ ମଞ୍ଚ ପରିଚାଳନା କରିଥିବା ବେଳେ ରବୀନ୍ଦ୍ରନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବଙ୍ଗୋମୁଣ୍ଡା ଅତିରିକ୍ତ ବିଡ଼ିଓ ସୁଶାନ୍ତ ପାଣି, ଜିପିଡ଼ିଓ ପୁରୁଷୋତ୍ତମ ମାଝୀ, ବିପିଏମ ସତ୍ୟପ୍ରିୟ ବେହେରା, ବିଏସଏସଓ ସଞ୍ଜିତ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲ୍ୟବିବାହ ବିରୋଧରେ ସାଇକଲ ଶୋଭାଯାତ୍ରା

**କୋକସରା, ୨୮ ।୧(ସମିସ):** କୋକସରା ତାଲୁକ ଆଇନ ସେବା ସମିତି ପକ୍ଷରୁ ବାଲ୍ୟବିବାହ ବିରୋଧରେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କୋକସରା ତାଲୁକ ଆଇନ ସେବା ସମିତିର ଅଧକ୍ଷା ଲିପ୍ସା ରାଉତ, ତାଲୁକ ଆଇନ ସେବା ସମିତିର ସମସ୍ତ କର୍ମଚାରୀ, ଆଇନ ଜୀବି ତଥା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇ ବାଲ୍ୟବିବାହ ମୁକ୍ତ ଆହ୍ୱାନ ଦେଇ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ତାଲୁକ ଆଇନ ସେବା ସମିତିର ଉପପ୍ରଶାସକ କେଶବ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ।




# ବାଲ୍ୟ ବିବାହ ବିରୋଧରେ ଜିଲ୍ଲାସ୍ତରୀୟ ସାଇକଲ ଶୋଭାଯାତ୍ରା

**ଭବାନୀପାଟଣା, ୨୮ ।୧ (ସମିସ):** ବାଳ ବିବାହମୁକ୍ତ ଭାରତ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ବାଲ୍ୟ ବିବାହ ବିରୋଧରେ ୧୦୦ ଦିନିଆ ଅଭିଯାନ ଅଧୀନରେ ଜିଲ୍ଲାସ୍ତରୀୟ ସାଚଲ ରାଲି ଆନୁଷ୍ଠାନିକ ଭାବରେ କଳାହାଣ୍ଡି ଜିଲ୍ଲାରେ ଆୟୋଜିତ ହୋଇଥିଲା। ରାଲିର ମୂଳଉଦ୍ଦେଶ୍ୟ ଥିଲା ଶିଶୁମାନଙ୍କ ଅଧିକାର ସୁରକ୍ଷା, ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ସଚେତନତା ପ୍ରସାର ଏବଂ ଶିଶୁମାନଙ୍କ ପାଇଁ ଉଜ୍ଜଳ ଭବିଷ୍ୟତ ଗଠନ ପାଇଁ ସମାଜକୁ ସଚେତନ କରିବା। ରାଲିରେ କଲେଜ ଛାତ୍ରଛାତ୍ରୀ, ଯୁବକ, ଯୁବତୀ, କଲେଜ ଅଧ୍ୟାପକ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ମହିଳା ହବ୍ କର୍ମଚାରୀ ଏବଂ ପ୍ରିଣ୍ଟ ମିଡିଆର ସଦସ୍ୟମାନେ ବ୍ୟାପକ ଉତ୍ସାହ ସହିତ ଅଂଶଗ୍ରହଣ କରିଥିଲେ। ରାଲିଟି ସହରର ମୁଖ୍ୟ ରାସ୍ତା ଦେଇ ପରିକ୍ରମା କରି ସାଧାରଣ ଲୋକଙ୍କୁ ବାଲ୍ୟ ବିବାହ ବିରୋଧରେ ସଚେତନ କରିଥିଲା। ସଚେତନତାମୂଳକ ଆନ୍ଦୋଳନ ସମାଜରୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ସାମୂହିକ ସଙ୍କଳ୍ପକୁ ଆହୁରି ସୁଦୃଢ଼ କରିଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ କଳାହାଣ୍ଡି ସ୍ନିଗ୍ଧା ପଣ୍ଡା ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଜିବୁନ ନିଶା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଣୀ; ସୁମିତା ଦେବୀ ତ୍ରିପାଠୀ, ସମାଜ କଲ୍ୟାଣ ଅଧିକାରୀଣୀ; ସନ୍ଧ୍ୟାରଣୀ ନାୟକ, ସୁରକ୍ଷା ଅଧିକାରିଣୀ; ଯୋଗେଶ୍ୱର ବୁଦ୍ଧିଆ, ଜିଲ୍ଲା ସଂଯୋଜକ (ମହିଳା ସଶକ୍ତିକରଣ); ଦିବ୍ୟରଞ୍ଜନ ଯୋଷି, ଜିଲ୍ଲା ସଂଯୋଜକ (ଏଡ୍ ଏଟ୍ ଆକ୍ସନ); ବଦ୍ରି ପ୍ରସାଦ ସାହୁ, ଆଭା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ସହିତ ଜିଲ୍ଲା ମହିଳା ହବ୍, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ୱାନ ଷ୍ଟପ ସେଣ୍ଟର ଏବଂ ପୁଲିସ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।




# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**କୋମନା, ୨୮ ।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ବୁଦ୍ଧିକୋମନା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଏଥିପାଇଁ ଆୟୋଜିତ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶିତିକଣ୍ଠ ପଣ୍ଡା ସଭାପତିତ୍ୱ କରି ଆତ୍ମ ସୁରକ୍ଷା କୌଶଳ ଦ୍ୱାରା ଛାତ୍ରୀମାନେ ଅନ୍ତର୍ନିହିତ ଶକ୍ତିକୁ ଜାଗ୍ରତକରି ସମାଜରେ ନିଜକୁ ସୁରକ୍ଷା କରିପାରିବେ ବୋଲି ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ରାଜନୀତି ବିଜ୍ଞାନ ଅଧ୍ୟାପକ ତଥା କାର୍ଯ୍ୟକ୍ରମ ସଂଯୋଜକ ଦୁର୍ଯ୍ୟୋଧନ ସାହୁ ସଭା ପରିଚାଳନା କରି ଆତ୍ମସୁରକ୍ଷା ତାଲିମ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ଅଧ୍ୟାପିକା ସଂଘମିତ୍ରା ନାୟକ, ଶିକ୍ଷା ଅଧ୍ୟାପକ ପରିତୋଷ ସାହୁ, ଅର୍ଥନୀତି ଅଧ୍ୟାପକ ରାଜକୁମାର ସୁନାନୀ ଆତ୍ମ ସୁରକ୍ଷା ତାଲିମ ଶିବିରର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପରିଶେଷରେ ସହାୟକ ଗ୍ରନ୍ଥାଗାରିକ ଅଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜ୍ୟୋତିରାଜ ସିଂ ଦେଓ ସକ୍ରିୟ ସହଯୋଗ କରିଥିଲେ। ତାଲିମ ଶିବିରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀମାନେ ତାଲିମ ନେଉଛନ୍ତି ଏବଂ ମାଷ୍ଟର ଟ୍ରେନର ସରସ୍ୱତୀ ଶବର ତାଲିମ ପ୍ରଦାନ କରୁଛନ୍ତି।




# ପାଟଣେଶ୍ୱରୀ ମନ୍ଦିରର ୧୫୦ ବର୍ଷ ପୂର୍ତ୍ତି ଅବସରରେ ୬୬୪ପୀଠକୁ ନିଉତା ଯିବ

**ବଲାଙ୍ଗିର, ୨୮ ।୧(ସମିସ):** ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଫେବୃୟାରୀ ୧ରୁ ୪ ତାରିଖ ଯାଏ ଭବ୍ୟ ଉତ୍ସବ ଓ ମହାଯଜ୍ଞ ଆୟୋଜନ ହେବ। ଏଥିଲାଗି ପ୍ରସ୍ତୁତ ଜୋରସୋରରେ ଚାଲିଛି। ଏହି ଅବସରରେ ମାଁ ଦଶମତି, ମାଁ ସମଲେଶ୍ୱରୀ, ମାଁ ଦୁର୍ଗା, ଲୋକନାଥ ମନ୍ଦିର, ଗୋପାଳଜୀ ମନ୍ଦିର ସମେତ ବଲାଙ୍ଗିର ସହରର ୧୦ଟି ମନ୍ଦିରକୁ ନିଉତା ଯାଇଛି। ମାଁ କୁଶଙ୍ଗାଇ, ମାଁ ସାଉନ୍ତେଶ୍ୱରୀ, ସାଲେଭଟା ପୀଠ, ଚନ୍ଦ୍ରସେନୀ, ଦ୍ୱାରସେନି, ମେଟାକାନି ମନ୍ଦିର ସହ ବଲାଙ୍ଗିର ଜିଲ୍ଲାରେ ୬୬୪ ପୀଠକୁ ନିୟତା ଯିବା ଆରମ୍ଭ ହୋଇଛି। ପାଟଣେଶ୍ୱରୀ ମନ୍ଦିରରେ ପୂଜକ ମହେନ୍ଦ୍ର ଦିଶ୍ରୀ ପୂଜାର୍ଚ୍ଚନା କରି କମିଟିର ସଦସ୍ୟଙ୍କୁ ବିଭିନ୍ନ ମନ୍ଦିର ପାଇଁ ନିଉତା ପ୍ରଦାନ କରିଥିଲେ। ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଅରୁଣ ମିଶ୍ର, ଅର୍ଜୁନ ସାହୁ, ପ୍ରଶାନ୍ତ ମହାକୁଡ଼, ଶମ୍ଭୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



# ଟେଙ୍ଗନାବସା ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୂଆପଡ଼ା, ୨୮ ।୧(ସମିସ):** କୁରୁମପୁରୀ କ୍ଲଷ୍ଟର ଅଧିନସ୍ଥ ଟେଙ୍ଗନାବସା ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଦେବ ପଣ୍ଡାଙ୍କ ଅଧକ୍ଷତାରେ ତଥା ସହ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗୀତାରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ କୋମନା ଏବିଇଓ ବଲମତ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବା ବେଳେ କୁରୁମପୁରୀ ସିଆରସିସି କମଳାକାନ୍ତ ଦାସ ଓ ଡୋରେଶ୍ୱର ପଟେଲ ଗ୍ରାମର ଭଦ୍ରବ୍ୟକ୍ତି ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ସୁସ୍ଥତା କାମନା କରି ବିଦ୍ୟାଳୟ ରେ ନିୟମିତତା ସହ ପାଠପଢ଼ାକୁ ଗୁରୁତ୍ୱ ଦେବା ପାଇଁ ଉପସ୍ଥିତ ଗ୍ରାମବାସୀ, ବିଦ୍ୟାଳୟ କମିଟିଙ୍କୁ କହିଥିଲେ। ଗତ ଡିସେମ୍ବର ୧୩ ରେ ହୋଇଥିବା ବାର୍ଷିକ କ୍ରୀଡ଼ା ଉତ୍ସବର କୃତି ଓ ଗତ ବର୍ଷ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର, ଅଧିକ ଉପସ୍ଥିତି, ସଫାସୁତୁରା, ଉତ୍ତମ ବ୍ୟବହାର ଆଚରଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ନୂଆସୁତ ମାଝୀ, ସନ୍ତୋଷ ଜଗତ, ସନ୍ଦୀପ ପାଳ, ସୁଜାତା ରଣା, ପ୍ରତିମା ବେହେରା, ଗ୍ରାମର ଭଦ୍ରବ୍ୟକ୍ତି, ଅଭିଭାବକ, ଅଙ୍ଗନବାଡୀ, ବିଦ୍ୟାଳୟ କମିଟି ସଭ୍ୟ ସଭ୍ୟା ଆସି ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।



# ୨୦୦୫ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

**ଗୋଲାମୁଣ୍ଡା, ୨୮ ।୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମାନଝରୀ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ୨୦୦୫ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକର୍ମ ଫୁଲରିଝରନ ବୁଲାବୁଲି କରି ରାବଣଦରୋ ଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୦ ବର୍ଷ ଅତିକ୍ରମ କରିଥିବାରୁ ପରସ୍ପର ମଧ୍ୟରେ ଭାବ ବିନିମୟ ମାଧ୍ୟମରେ ଦୁଃଖସୁଖ ବାର୍ତ୍ତା ଆଦାନପ୍ରଦାନ କରିଥିଲେ। ଦୀର୍ଘ ୨୦ ବର୍ଷ ପରେ ବନ୍ଧୁ ମେଳ ପରିବାର ସହିତ ଏକାଠି ହେବା ଆମ ସୌଭାଗ୍ୟର କଥା ବୋଲି ମତ ପ୍ରକାଶ କରି ପରସ୍ପର ମଧ୍ୟରେ ଆଲିଙ୍ଗନ ହୋଇଥିଲେ। ଦିନେଶ ପାନକା ଙ୍କ ତତ୍ତ୍ୱାବଧାନ ଜଗତରାମ ସାହୁ, ଦିବାରାଣୀ ସାହୁ, ପଦ୍ମାବନ୍ତ ସାହୁ, ସୁକାନ୍ତୀ ଅଗ୍ରିଆ, ଗୌରୀ ମାଝୀ, ଭୀଷ୍ମ ଭାଟି, ରଞ୍ଜିତା ସାହୁ, ଭୋଲେ ଅଗ୍ରିଆ, ବେଣୁଧର ସାହୁ, ସନନ୍ତ ନାୟକ, ମଣିରାମ ମହାନନ୍ଦ, ମିନିକେତନ ଅଗ୍ରିଆ, ସାନ୍ତୋଶ ନାୟକ, ସୂର୍ଯ୍ୟକାନ୍ତି ମହାନନ୍ଦ, ପ୍ରେମସିଲା ପୁଟେଲ୍, ତସିଲ୍ ସୁନାନି, ସୁଧୀର ବାଗ୍ ସମସ୍ତେ ଆନନ୍ଦ ମନରେ ନିଜର ଛାତ୍ର ଜୀବନର ସ୍ମୃତି ଗୁଡିକୁ ମନେ ପକେଇବା ସହ ସମ୍ପର୍କ କୁ ସୁଦୃଢ଼ ରଖିବା ସହ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସ୍ନେହ, ପ୍ରେମ, ବନ୍ଧୁତ୍ୱ ରହିବ ବୋଲି ସଂକଳ୍ପ ନେଇ ଥିଲେ।



# ଅବସରକାଳୀନ ସମ୍ବର୍ଦ୍ଧନା




**ନୂଆପଡ଼ା, ୨୮ ।୧(ସମିସ):** ନୂଆପଡ଼ା ଜିଲ୍ଲା ଧରମବନ୍ଧା ଥାନା ଅଧିକାରୀ ଟଙ୍କଧର ଭୋଇଙ୍କ ସରକାରୀ କାର୍ଯ୍ୟରୁ ଅବସର ନେବାକୁ ଥିବା ବେଳେ ଆଜି ନୂଆପଡ଼ା ଏସଡିପିଓ କାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସଭାରେ ନୂଆପଡ଼ା ପୋଲିସ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ ଯୋଗ ଦେଇ ତାଙ୍କ କାର୍ଯ୍ୟ ଜୀବନରେ ପୋଲିସ ବିଭାଗ ପାଇଁ ଉତ୍ସର୍ଗୀକୃତ ସେବା ଏବଂ ଥାନା ଗୁଡିକରେ ଶାନ୍ତି ଶୃଙ୍ଖଳା ପରିସ୍ଥିତି ବଜାୟ ରଖିଥିବାରେ ସିଦ୍ଧ ହସ୍ତ ଥିଲେ ବୋଲି କହିଥିଲେ। ଆସନ୍ତା ୩୧ ତାରିଖ ଦିନ ଅବସର ନେବେ। ପୁଲିସ ବିଭାଗର ଅନେକ ଉଚ୍ଚ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇ ଦେଶ ସେବା ପାଇଁ ତାଙ୍କୁ କୃତଜ୍ଞତା ଜଣାଥିଲେ। ଏସଡ଼ିପିଓ ସ୍ୱାଧୀନ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ଖରିଆରରୋଡ଼ ପିଏମ୍‌ଶ୍ରୀ ହାଇସ୍କୁଲର ବାର୍ଷିକ କ୍ରୀଡା

**ନୂଆପଡ଼ା,୨୮ ।୧(ସମିସ):** ସ୍ଥାନୀୟଖରିଆରରୋଡସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ହାଇସ୍କୁଲର ବାର୍ଷିକ କ୍ରିଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରବୋଧ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଏବିଇଓ ଯୌବନ ସଲମା ମୁଖ୍ୟଅତିଥି, ପୂର୍ବତନ ପ୍ରଧାନଶିକ୍ଷକ ଅଜିତ ସିଂ ମୁଖ୍ୟବକ୍ତା, ପଞ୍ଚ ସଖା ଶିକ୍ଷାସେତୁ ସଭାପତି ପ୍ରିୟଙ୍କା ନାଗ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଆନୁଷ୍ଠାନିକ ଭାବେ ପତାକା ଉତୋଳନ କରି କ୍ରିଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜୁନିୟର, ସବଜୁନିୟର ଏବଂ ସିନିୟର ବର୍ଗରେ ମୋଟ ୨୪ଟି ଇଭେଣ୍ଟରେ ବିଦ୍ୟାଳୟର ସମସ୍ତ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଖରିଆରରୋଡ ଏନ୍‌ଏସିର ଉପାଧକ୍ଷ ନିଶାନ୍ତ ଡାଗା ମୁଖ୍ୟଅତିଥି, ବୃନ୍ଦାବନ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଖେଳ ଶିକ୍ଷକ ଶୋଭାରାମ ରାଉତ ଖେଳ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ପ୍ରବୋଧ କୁମାର ହୋତା ଅଧକ୍ଷତା କରିଥିବାବେଳେ ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ଯୋଷୀ ମଞ୍ଚ ପରିଚାଳନା କରିଥିଲେ। ହେମା ବର୍ମା ଧନ୍ୟବାଦ ଜ୍ଞାପନ କରିଥିଲେ।



## ମହାବିର ୱାରିୟର୍ସ ନକଆଉଟ କ୍ରିକେଟ ପ୍ରତିଯୋଗିତା

# କାଣ୍ଡାମାକୁ ହରାଇ ଖମାରି ଚାମ୍ପିଅନ

ଲାଞ୍ଜିଗଡ଼, ୨୮ ।୧(ସମିସ)

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ମୂଷାନାଳସ୍ଥିତ ସ୍ଥାନୀୟ ଖେଳପଡ଼ିଆରେ ମୂଷାନାଳ ମହାବିର ୱାରିୟର୍ସ ଆନୁକୂଲ୍ୟରେ ଦିବସୀୟ ନକଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଫାଇନାଲ ମ୍ୟାଚ୍ ଲାଞ୍ଜି ପଞ୍ଚାୟତ କାଣ୍ଡାମା ଓ ବେନଗାଁ ପଞ୍ଚାୟତ ଖମାରି ଦଳ ମଧ୍ୟରେ ହୋଇଥିଲା। କାଣ୍ଡାମା ଦଳ ପ୍ରଥମେ ଟସ ଜିତି ଫିଲଡ଼ିଂଙ୍ଗ ନେଇଥିବା ବେଳେ ଖମାରି ଦଳ ପ୍ରଥମ ବ୍ୟାଟିଂ କରି ୧୦ ଓଭର ୫ ଉଇକେଟ ବିନିମୟରେ ୧୨୨ ରନ୍ କରିଥିବା ବେଳେ ଜବାବରେ କାଣ୍ଡାମା ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ୬୧ ରନ୍ କରି ଖମାରି ଦଳ ଠାରୁ ପରାଜୟ ହୋଇଥିଲେ। ଏହି ମ୍ୟାଚରେ ଖେଳ ପରିଚାଳନା କାହ୍ନା ଦୋରା ଓ ରାଜା ପୂଜାରୀ କରିଥିବା ବେଳେ ଧାରା ବିବରଣୀ ସଞ୍ଜୟ ପାତ୍ର ଏବଂ ସ୍କୋର ବୋର୍ଡ଼ରେ ରାହୁଲ ପୂଜାରୀ କାର୍ଯ୍ୟ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୂଷାନାଳ ସମାଜସେବୀ ପବିତ୍ର ବାଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଧନେଶ୍ୱର ପାତ୍ର, ରଘୁରାମ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୮ଟି ଦଳ ସାମିଲ ହୋଇଥିଲେ। ମୂଷାନାଳ ମହାବିର ୱାରିୟର୍ସ କ୍ରିକେଟ କ୍ଲବ ପକ୍ଷରୁ ଲୁଲୁ ସରାଦ, ଅଜୟ ପାତ୍ର, ବଣ୍ଟି ପାତ୍ର, ବାପି ରାଉତ, ସୁଭମ ଦାସ ସହ କ୍ରିକେଟ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



## ସଂଗ୍ରାମପୁରରେ ରୁକ୍ମଣୀ ବିବାହ

**ବୌଦ୍ଧ, ୨୮ ।୧(ସମିସ):** ବୌଦ୍ଧ ବ୍ଲକ ତାଳସରଡା ପଞ୍ଚାୟତ ସଂଗ୍ରାମପୁର ଗ୍ରାମରେ ଭାଗବତ ସପ୍ତାହ ଅବସରରେ ରୁକ୍ମଣୀ ବିବାହ ଅନୁଷ୍ଠିତ ହୋଇଯାଇଛି । ସଂଗ୍ରାମପୁର ଭାଗବତ ମନ୍ଦିରରୁ ଶ୍ରୀକୃଷ୍ଣଙ୍କ ଚଳନ୍ତି ପ୍ରତିମା ନେଇ ସାହାଜପାଲକୁ ଶୋଭାଯାତ୍ରା ଯାଇଥିଲା । ରୁକ୍ମଣୀଙ୍କ ପିତାମାତା ହୋଇଥିବା ସାହାଜପାଲର ସନ୍ତୋଷ ପ୍ରଧାନ ଓ ମମତା ପ୍ରଧାନଙ୍କ ଘରକୁ ଯାଇ ଶ୍ରୀକୃଷ୍ଣ ରୁକ୍ମଣୀଙ୍କୁ ହରଣ କରି ସଂଗ୍ରାମପୁର ଗ୍ରାମର ଭଗବତ୍ ମନ୍ଦିରକୁ ଫେରିଥିଲେ । ସେଠାରେ ଶ୍ରୀକୃଷ୍ଣଙ୍କ ପିତାମାତା ହୋଇଥିବା ସତ୍ୟଜିତ ବେହେରା ଓ ତାଙ୍କ ପତ୍ନୀ ଉର୍ମିଳା ବେହେରା ଶ୍ରୀକୃଷ୍ଣ ଓ ରୁକ୍ମଣୀଙ୍କୁ ବନ୍ଦାପନା କରି ମନ୍ଦିରକୁ ପାଛୋଟି ନେଇଥିଲେ । ସନ୍ତୋଷ ମିଶ୍ର ଭାଗବତ ପଠନ କରିଥିବା ବେଳେ ପୂଜକ ରବି ନନ୍ଦନ ଦାଶ ପୂଜା କରିଥିଲେ । ପୂଜା କାର୍ଯ୍ୟରେ ପୂଜକ ଶେଷଦେବ ଦାଶ ସହଯୋଗ କରିଥିବା ବେଳେ ଗ୍ରାମ ମୁଖ୍ୟ ପ୍ରଦୀପ ବେହେରା ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଛାତ୍ରଛାତ୍ରୀଙ୍କୁ ବ୍ୟାଗ, ପାଣି ବୋତଲ ବାଣ୍ଟିଲା ପିଏନ୍‌ବି



**ମନମୁଣ୍ଡା, ୨୮ ।୧(ସମିସ):** କଣ୍ଟାମାଳ ବ୍ଲକ ସାହୁପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ ସ୍କୁଲ ବ୍ୟାଗ ଓ ପାଣି ବୋତଲ ପ୍ରଦାନ କରାଯାଇଛି । ପିଏନବି ସମ୍ବଲପୁର ମଣ୍ଡଳ ମୁଖ୍ୟ ଅଜିତ ମେହେରଙ୍କ ନିର୍ଦ୍ଦେଶ କ୍ରମେ ଏହା ପ୍ରଦାନ କରାଯାଇଥିଲା । ବିଇଓ ଅଶୋଭ ରଞ୍ଜନ ମାଳି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା ବଣ୍ଟନ କରିଥିଲେ । ଅନିତା ମେହେର, ପ୍ରଜିଣା ପାଢ଼ୀ, ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ସେଠି ପ୍ରମୁଖ ଉପସ୍ଥିତ ଥିଲେ ।

## ତାଳପଡ଼ାରେ ୩ ସପ୍ତାହ ହେଲା ନଳକୂପ ଅଚଳ

**ଶଗଡ଼ା, ୨୮ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ପଞ୍ଚାୟତ ତାଳପଡ଼ା ଗାଁରେ ଥିବା ଏକମାତ୍ର ନଳକୂପ ୩ ସପ୍ତାହରୁ ଅଧିକ ହେବ ଅଚଳ ହୋଇପଡ଼ିଛି । ଗାଁରେ ଥିବା ଗୋଟିଏ ୱାର୍ଡର ପାଖାପାଖି ୨୩୦ଜଣ ଲୋକ ବସବାସ କରୁଥିବା ବେଳେ ପିଇବା ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନଳକୂପର ଚେନ୍ ଛିଣ୍ଡି ଯାଇଥିବାରୁ ପାଣି ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ଖରା ଆରମ୍ଭ ନ ହେଉଣୁ ଜଳକଷ୍ଟ ଦେଖା ଦେଇଥିବା ବେଳେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ ବୋଲି ଲୋକଙ୍କ ମଧ୍ୟରେ ଆଶଙ୍କା ଦେଖା ଦେଇଛି । ଅନ୍ୟପଟେ ଗ୍ରାମବାସୀ ମଧ୍ୟ ମେଗା ପାନୀୟ ଜଳ ପ୍ରକଳ୍ପରୁ ବଞ୍ଚିତ ଥିବା ବେଳେ ଏ ଦିଗରେ ଜଳ ଓ ପରିମଳ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ଜନଜୀବନ ପ୍ରଭାବିତ








ବୌଦ୍ଧ, ୨୮ ।୧(ସମିସ)



ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଡାକରା ଦିଆ ଯାଇଥିବା ୮ ଘଣ୍ଟିଆ ବନ୍ଦ ପାଳନ ଅବସରରେ ବୁଧବାର ବୌଦ୍ଧ ସହରରେ ପ୍ରଭାବ ପଡ଼ିଛି । ସକାଳ ୬ଟାରୁ ନବ ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ବାଘଗୁଡ଼ା ଛକ, ମହାନଦୀ ବ୍ରିଜ ଛକ, ରଇଠାଣୀ ଛକ ଆଦି ସ୍ଥାନରେ ପିକେଟିଂ କରି ରାସ୍ତାରେ ଯିବା ଆସିବା କରୁଥିବା ଗାଡ଼ିମଟର ଓ ଦୋକାନ ବଜାର ବନ୍ଦ କରାଇଥିଲେ । ତେବେ ଏହି ବନ୍ଦ ପାଳନରେ ଜିଲ୍ଲାର ବିଭିନ୍ନ କୃଷକ ସଂଗଠନ ଓ କଂଗ୍ରେସ କର୍ମୀ ମଧ୍ୟ ସାମିଲ ହୋଇଥିଲେ । ଜିଲ୍ଲା କଂଗ୍ରେସ କମିଟି ସଭାପତି ବିନ୍ଧ୍ୟାବିନୀ ସାହୁଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକ ଆଗରେ ଅବରୋଧ କରି କୌଣସି ଅଧିକାରୀ ଓ କର୍ମଚାରୀଙ୍କୁ ଭିତରକୁ ଛାଡି ନ ଥିଲେ । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ

**କୃଷକ ସଂଗଠନର ୮ ଘଣ୍ଟିଆ ବନ୍ଦ**

**ସହଯୋଗ କଲା କଂଗ୍ରେସ**

ପଧାନ, ଉପ ଜିଲ୍ଲାପାଳ ବିନୟ ଭୋଇଙ୍କ ଗାଡି ଆଗରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀମତୀ ସାହୁ ଛିଡା ହୋଇ ଭିତରକୁ ଯିବା ପାଇଁ ଦେଇ ନ ଥିଲେ । ବନ୍ଦ ପ୍ରଭାବରେ ସମସ୍ତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ, ବ୍ୟାଙ୍କ ଆଦି ବନ୍ଦ ରହିଥିଲା ।

**ପଲଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରାରେ ବନ୍ଦ ପାଳନ ପ୍ରଭାବ ଦେଖିବାକୁ ମିଳିଥିଲା । ଏଠାରେ ଦୋକାନ, ବଜାର, ସ୍କୁଲ, କଲେଜ, ବ୍ୟାଙ୍କ, ଧାନମଣ୍ଡି, ଗାଡିଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା । କଂଗ୍ରେସ ନେତା ନିବାସ ବାରିକ ଓ କେଶବ ଖେତୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ସାମିଲ ହୋଇ ପିକେଟିଂ କରିଥିଲେ ।

**କଣ୍ଟାମାଳ:** କଣ୍ଟାମାଳର ବିଭିନ୍ନ ଅଞ୍ଚଳରେ ଦୋକାନବଜାର, ସରକାରୀ ସ୍କୁଲକଲେଜ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ଆଦି ବନ୍ଦ ରହିଥିଲା । କଣ୍ଟାମାଳ ବ୍ଲକ କଂଗ୍ରେସ କମିଟି ସଭାପତି ହୃଦାନନ୍ଦ କଅଁର, ସୁଶାନ୍ତ ମଲିକ୍, ବିଶ୍ୱାମିତ୍ର ପାଢ଼ୀ, ସୁନାଧର ପୁଟେଲ୍, ବ୍ରଜ ମୋହନ୍ ବାରିକ୍, ମୁକେଶ ଖଟୁଆ, ଜ୍ୟୋତିରଞ୍ଜନ ମହାନନ୍ଦ ପ୍ରମୁଖ ବନ୍ଦରେ ସାମିଲ ହୋଇ ପିକେଟିଂ କରିଥିଲେ ।

## ପାଣିଟାଙ୍କି ନିର୍ମାଣ ସ୍ଥଳରୁ ୩ କିଶୋର ଶ୍ରମିକ ଉଦ୍ଧାର

**ବୌଦ୍ଧ, ୨୮ ।୧(ସମିସ):** ବୌଦ୍ଧ ଏନ୍‌ଏସି କାର୍ଯ୍ୟାଳୟ ନିକଟ ନିର୍ମାଣାଧୀନ ଏକ ପାଣିଟାଙ୍କି ନିକଟରୁ ୩ ଜଣ କିଶୋର ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଶିଶୁ ଶ୍ରମ ନିଷେଧ ଆଇନ ଅନୁଯାୟୀ ଏହି ଚଢଉ ରାଯାଇ ଏମାନଙ୍କୁ ଉଦ୍ଧାର କରାଯାଇଛି । ବୌଦ୍ଧ ଜିଲ୍ଲା ଭାରପ୍ରାପ୍ତ ଶ୍ରମ ଅଧିକାରୀ ସୁଶ୍ରୀ କନ୍ୟା କୁମାରୀ ସାହୁ, ସହକାରୀ ଶ୍ରମ ଅଧିକାରୀ ସୁଶ୍ରୀ ପ୍ରଜ୍ଞା ପାରମିତା, କଣ୍ଟାମାଳ ସହକାରୀ ଶ୍ରମ ଅଧିକାରୀ ଫିରୋଜ ବଘାର, ଚାଇଲ୍ଡ ଲାଇନରୁ ବିନୋଦ ସାହୁ ପ୍ରମୁଖ ଏହି ଚଢଉ କରିଥିଲେ । ଉଦ୍ଧାର ପରେ ଏହି କିଶୋରମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଶିଶୁ କଲ୍ୟାଣ ସମିତି ସମ୍ମୁଖରେ ହାଜର କରାଯାଇଛି । ଘଟଣାର ତଦନ୍ତ ଜାରି ରହିଛି । ଶିଶୁ ଏବଂ କିଶୋର ଶ୍ରମିକ ଆଇନ୍ ଅନୁଯାୟୀ ସମ୍ପୃକ୍ତ ଠିକାଦାର ଏବଂ ସଂସ୍ଥା ବିରୋଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରମ ଅଧିକାରୀ କହିଛନ୍ତି ।



## ତୁକୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାମାଜିକ ସମୀକ୍ଷା

**ହରଭଙ୍ଗା, ୨୮ ।୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ତୁକୁଲୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ସାମାଜିକ ସମୀକ୍ଷା ଶେଷ ହୋଇଛି । ଅନ୍ତିମ ଦିବସରେ ବଂଶୀଧର ମେହେର, କୁନି ନାୟକ, ମିରା ମହାନ୍ତି, ଅଜିତ ପାତ୍ର, ତୁମୁକି ସାହୁ, ସୁଧୀର ନାୟକ, ବିଳାସିନୀ ନାୟକ, ଜୟନ୍ତୀ ଭୋକ୍ତା ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ବିଭିନ୍ନ ବିଭାଗର ଅନୁଦାନ ରାଶି, ଆୟବ୍ୟୟ, ପାଠ୍ୟପୁସ୍ତକ, ପୋଷାକ ବଣ୍ଟନ, ବିଭିନ୍ନ ଭତ୍ତା ବଣ୍ଟନ, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥାନ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ଶ୍ରେଣୀ ଗୃହ, ରୋଷେଇଗୃହ, ପାଚେରୀ ନିର୍ମାଣ, ଖେଳ ପଡ଼ିଆ, ଖେଳ ଉପକରଣ, ଶିକ୍ଷା ଉପକରଣ, ଭିନ୍ନକ୍ଷମ ସୁବିଧାସୁଯୋଗ, ସୁରକ୍ଷା ଇତ୍ୟାଦି ବିଷୟରେ ସମୀକ୍ଷା କରାଯାଇଥିଲା । ବିଦ୍ୟାଳୟର ଅସମ୍ପୂର୍ଣ୍ଣ କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସ୍ଥାନୀୟ ପଞ୍ଚାୟତ ୍ରତିନିଧି ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହଯୋଗରେ ବିଭିନ୍ନ ସମସ୍ୟାର ସମାଧାନ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟ ମନ୍ତ୍ରୀମଣ୍ଡଳ ପ୍ରତିନିଧି, ମୀନା ମଞ୍ଚର ପ୍ରତିନିଧି, ବିଦ୍ୟାଳୟ ପରିଚାଳନା କମିଟି ପ୍ରତିନିଧି ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ଦେଇଥିଲେ ।

## ଅସୁରଗଡ଼ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚ ଦୁଲୁକାଇଲେ ରୁକୁ ସୁନା

**ମନମୁଣ୍ଡା, ୨୮ ।୧(ସମିସ):** ତୃତୀୟ ଅସୁରଗଡ଼ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାକୁ କଣ୍ଠଶିଳ୍ପୀ ରୁକୁ ସୁନା ତାଙ୍କ ସଙ୍ଗୀତର ତାଳରେ ଦୁଲୁକାଇଛନ୍ତି । ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳର ପୂର୍ବତନ ବିଧାୟକ ମହିଧର ରଣା, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ, ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ସାହୁ, କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି ଉପସ୍ଥିତ ଥିଲେ । ଜମଟାଙ୍ଗୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମନମୁଣ୍ଡା ଏସଆର ଗ୍ଲୋବାଲ ସ୍କୁଲ, ମନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ନାଚଗୀତ ପରିବେଷଣ କରିଥିଲେ । ଆଲିଶା ମହାକୁଡଙ୍କ ଏକକ ନୃତ୍ୟ ଦର୍ଶକଙ୍କ ମନ ଛୁଇଁଥିଲା । ରକ୍ ଷ୍ଟାର ରୁକୁ ସୁନାଙ୍କ ସମ୍ବଲପୁରୀ ଗୀତ ଓ ନୃତ୍ୟ ମହୋତ୍ସବକୁ ଦୁଲୁକାଇବା ସହ ମଧ୍ୟରାତ୍ରି ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ରୁକୁଙ୍କ କାର୍ଯ୍ୟକ୍ରମ ଦେଖିବାକୁ ପ୍ରବଳ ଦର୍ଶକଙ୍କ ସମାଗମ ହୋଇଥିଲା । କମିଟି ସଭାପତି ଆଶିଷ ସାହୁ ସଭାପତିତ୍ୱ କରିଥିବାବେଳେ ରୂପକ ମିଶ୍ର ସଂଯୋଜନା କରିଥିଲେ ।

## ବୌଦ୍ଧ ଜିଲ୍ଲାପାଳ ସମ୍ମାନିତ

**ବୌଦ୍ଧ, ୨୮ ।୧(ସମିସ):** ୧୬ତମ ଜାତୀୟ ମତଦାତା ଦିବସ-୨୦୨୬ ଅବସରରେ ବୌଦ୍ଧ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୂତି ଭୂଷଣ ନାୟକଙ୍କୁ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି । ଭୁବନେଶ୍ୱରସ୍ଥିତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ଶ୍ରୀ ନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ।



### ଚତୁର୍ଥ ହରଭଙ୍ଗା ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ଢୋଲମହୁରୀ ନୃତ୍ୟରେ ଦୁଲୁକିଲା ମଞ୍ଚ

**ହରଭଙ୍ଗା, ୨୮ ।୧(ସମିସ):** ଚତୁର୍ଥ ହରଭଙ୍ଗା ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାକୁ ଢୋଲମହୁରୀ ନୃତ୍ୟ ଦୁଲୁକାଇଛି । ହରଭଙ୍ଗା ତହସିଲଦାର ବଳଦେବ ବେହେରା, ହରଭଙ୍ଗା ଥାନା ଅଧିକାରୀ ଶାରଦା ପ୍ରସାଦ ଦାସ, ଡକ୍ଟର ଶ୍ୟାମକାନ୍ତ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସଂଗ୍ରାମ କେଶରୀ ବେହେରା ସଭାପତିତ୍ୱ କରିଥିଲେ । ସଞ୍ଜୀବ ସାହୁ ମଞ୍ଚ ପରିଚାଳନା କରିଥିଲେ । ଫୁଲବାଣୀ ନଟରାଜ ଲୋକନୃତ୍ୟ, ବୌଦ୍ଧ ଗେହ୍ଲା ମା ସାଂସ୍କୃତିକ ପରିଷଦ ଢୋଲ ମହୁରୀ, ହରଭଙ୍ଗା କଲେଜ୍ ଏବଂ ହରଭଙ୍ଗା ବିଦ୍ୟାଳୟର କୁନି କଳାକାର ତଥା ସ୍ଥାନୀୟ ଲୋକ ନୃତ୍ୟ ଦର୍ଶକଙ୍କ ମନ ଛୁଇଁଥିଲା ।

## ୨୦ ଦିନ ହେଲା ଘୁଲୁଘୁଲାପଦରରେ ନଳକୂପ ଅଚଳ

**ପଲଶାଗୋରା, ୨୮ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଘୁଲୁଘୁଲାପଦର ଗାଁରେ ଥିବା ପାନୀୟ ଜଳ ଉପଯୋଗୀ ଏକମାତ୍ର ନଳକୂପ ୨୦ଦିନରୁ ଅଧିକ ହେବ ଅଚଳ ହୋଇପଡ଼ିଛି । ଗାଁରେ ଥିବା ଗୋଟିଏ ୱାର୍ଡର ପାଖାପାଖୀ ୨ହଜାର ଜଣ ଲୋକ ବସବାସ କରୁଥିବା ବେଳେ ପିଇବା ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନଳକୂପର ପାଇପ ଫାଟି ଯାଇଥିବାରୁ ପାଣି ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ଖରା ଆରମ୍ଭ ନ ହେଉଣୁ ଜଳକଷ୍ଟ ଦେଖା ଦେଇଥିବା ବେଳେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ ବୋଲି ଲୋକଙ୍କ ମଧ୍ୟ ଆଶଙ୍କା ଦେଖା ଦେଇଛି । ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ପାନୀୟ ଜଳ ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।



## ଜୁନାନୀ ଜୟ ମା' ଦୁର୍ଗା କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



**ପଲଶାଗୋରା, ୨୮ ।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଜୁନାନୀ ଜୟଦୁର୍ଗା କ୍ରିକେଟ କ୍ଲବ୍ ଦ୍ୱାରା ଆୟୋଜିତ ୧୨ତମ ଜୟ ମା' ଦୁର୍ଗା କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ପଲଶାଗୋରା ସରପଞ୍ଚ ସୁଶ୍ରୀ ସୌଦାମିନୀ ମଲିକ ଓ ସାମ୍ବାଦିକ ଦେବାଶିଷ ମଲିକ, କ୍ରିକେଟପ୍ରେମୀ ମନରଞ୍ଜନ ସାଲମା ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ଦପଲ-୨ ଓ ବରଢ଼ିପଦର ଦଳ ମଧ୍ୟରେ ହୋଇଥିଲା । ବରଢିପଦର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୮୮ ରନ୍ କରିଥିଲା । ଜବାବରେ ଦପଲା ଦଳ ୮ଓଭରରେ ୭୩ରନ୍ କରି ପରାଜୟ ହୋଇଥିଲା । ଅମ୍ପାୟାର ଭାବେ ମଣ୍ଟୁ ସାହୁ ଓ ଆକାଶ ପଧାନ ଖେଳ ପରିଚାଳନା କରିଥିଲେ । କାର୍ତ୍ତିକ ମେହେର ଧାରାବିବରଣୀ ଦେଇଥିବାବେଳେ ବେଦବ୍ୟାସ କଅଁର ସ୍କୋରର ଦାୟିତ୍ୱ ତୁଲାଇଥିଲେ । ସଦାନନ୍ଦ ସାହୁ, ମୟ କଅଁର, ଚିନ୍ମୟ କଅଁର, ସଚିନ କଅଁର ପ୍ରମୁଖ ସହଯୋଗ କରିଥିଲେ । ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥଲେ । ୨ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି ।

# ଉଜୁଡ଼ିଗଲା ବନରକ୍ଷୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଘର

କଣ୍ଟାମାଳ, ୨୮ ।୧(ସମିସ)



**ଆଜି ପର୍ଯ୍ୟନ୍ତ ସୁରକ୍ଷା ପାଚେରି ନିର୍ମାଣ ହୋଇପାରି ନାହିଁ**

**ବିଦ୍ୟୁତ ସଂଯୋଗ ହୋଇନି; ପାନୀୟ ଜଳର ବ୍ୟବସ୍ଥା ନାହିଁ**

ବନ ଧନର ସୁରକ୍ଷା ନିମନ୍ତେ କଣ୍ଟାମାଳ ବନାଞ୍ଚଳ ଘଣ୍ଟାପଡ଼ା ସେକ୍ସନର ଉମା ଏବଂ ଗୁଞ୍ଜେରମାଲ ବିଟ୍‌ର ବନରକ୍ଷୀଙ୍କ ଗୃହ ନିର୍ମାଣ କରାଯାଇଛି । ଏଠାରେ ବନରକ୍ଷୀ ରହିଲେ ଜଙ୍ଗଲର ସୁରକ୍ଷା କରାଯାଇ ପାରିବ ଏବଂ କାଠ ମାଫିଆଙ୍କ ଉପରେ ରୋକ ଲଗାଯାଇ ପାରିବ ବୋଲି ଆଶା କରାଯାଉଥିଲା । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗୃହ ନିର୍ମାଣ କରାଯାଇଛି । ୨୦୨୧ ମସିହା ଜୁଲାଇ ୯ ତାରିଖରେ ଏହାର ଉଦ୍‌ଘାଟନ କରାଯାଇଥିଲା; କିନ୍ତୁ ଆଜି ପର୍ଯ୍ୟନ୍ତ ସୁରକ୍ଷା ପାଚେରୀ ନିର୍ମାଣ ହୋଇପାରି ନାହିଁ । ସେହିଭଳି ବିଦ୍ୟୁତ ସଂଯୋଗ ହୋଇନି । ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ହୋଇପାରି ନାହିଁ । ଏଥିଯୋଗୁଁ ଏହି ଗୃହରେ କୌଣସି ବନ କର୍ମଚାରୀ ରହୁନାହାନ୍ତି । ଗୁଞ୍ଜେରମାଲ ଏବଂ ଉମା ବିଟ୍‌ରେ କୌଣସି ବନରକ୍ଷୀ ନାହାନ୍ତି । ଯେଉଁ ବନରକ୍ଷୀ ଦ୍ୱୟ ରହିଛନ୍ତି ଜଣେ ଫାସେଡ ବିଟ୍‌ରେ ରହୁଥିବା ବେଳେ ଅତିରିକ୍ତ ଭାବେ ଗୁଞ୍ଜେରମାଲ ବିଟ୍ ଦାୟିତ୍ୱ ବୁଝୁଛନ୍ତି । ଅନ୍ୟଜଣେ ଘଣ୍ଟାପଡ଼ା ବିଟ୍‌ରେ ରହୁଥିବା ବେଳେ ଅତିରିକ୍ତ ଭାବେ ଉମା ବିଟ୍ ଦାୟିତ୍ୱ ବୁଝୁଛନ୍ତି । ଏହି ଦୁଇଟି ବିଟ୍ କାର୍ଯ୍ୟାଳୟରେ କେହି ବନ କର୍ମଚାରୀ ନ ରହୁଥିବା ଯୋଗୁଁ କାଠ କବାଟ ନଷ୍ଟ ହୋଇଗଲାଣି । ଅନ୍ୟପଟେ ବନ କର୍ମଚାରୀଙ୍କ ଅନୁପସ୍ଥିତିର ଫାଇଦା ନେଉଛନ୍ତି କାଠ ତସ୍କର । ଉମା ଓ ଗୁଞ୍ଜେରମାଲ ବିଟ୍ ଅଞ୍ଚଳରୁ ବିଭିନ୍ନ ରାସ୍ତାଦେଇ ବଲାଙ୍ଗୀର, ସୋନପୁର, ସମ୍ବଲପୁର ଆଦି ଜିଲ୍ଲାର ବିଭିନ୍ନ ଜାଗାକୁ ମୂଲ୍ୟବାନ କାଠ ଚୋରା ଚାଲାଣ ହେଉଛି । କିଛି ବର୍ଷେ ଭିତରେ ଅଞ୍ଚଳରୁ ଅନେକ ପରିମାଣର ମୂଲ୍ୟବାନ କେନ୍ଦୁ ଗଛ ଛତିଶଗଡ଼ ଚାଲାଣ କରାଯାଇଛି । ସ୍ଥାନୀୟ ଅଞ୍ଚଳର କାଠ ମାଫିଆଙ୍କ ସହାୟତାରେ କେନ୍ଦୁ ଗଛ କଟାଯାଇ ବାହାର ରାଜ୍ୟରେ ପ୍ରଚୁର ଦରରେ ବିକ୍ରି କରାଯାଇଛି । କେନ୍ଦୁକାଠ ବନ୍ଧୁକ, ବାରୁଦ, ସୌଖିନ ଜିନିଷ ଆଦିରେ ବ୍ୟବହାର ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ୪ଫୁଟ ଲମ୍ବର କାଠଗଣ୍ଡିକୁ ୧ହଜାର ଦେଇ ବାହାରେ ୮ ହଜାର ଟଙ୍କାରେ ବିକ୍ରି ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣା ପଡ଼ିଛି । ତେବେ କାଁ ଭାଁ କାଠ ଧରାପଡୁଥିବା ବେଳେ ପ୍ରାୟତଃ ମାଫିଆ ଧରା ପଡୁ ନାହାନ୍ତି । ବନ ବିଭାଗର ଅପାରଗତା ତଥା ଅବହେଳା ମନୋଭାବ ଯୋଗୁଁ ଅଞ୍ଚଳରେ ପ୍ରାୟତଃ ଜଙ୍ଗଲ କାଟି ପ୍ରାକୃତିକ ସମ୍ପଦ ନଷ୍ଟ କରୁଛନ୍ତି କାଠ ମାଫିଆ । ଏପରିକି ବନ୍ୟକାପ୍ତା ଚାଲାଣ ସହିତ କୁଟୁରା, ବାରହା ଆଦି ବନ୍ୟଜନ୍ତୁ ମଧ୍ୟ ହତ୍ୟା କରାଯାଉଛି ।

### ଜୟ ଭୈରବୀ କ୍ଲବ୍ ପକ୍ଷରୁ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

## ବାଉଁଶୁଣୀ ଚାମ୍ପିଅନ




**ବୌଦ୍ଧ, ୨୮ ।୧(ସମିସ):** ସ୍ଥାନୀୟ ଭୈରବୀ ପଡ଼ିଆରେ ଜୟ ଭୈରବୀ କ୍ଲବ୍ ତରଫରୁ ଦିବାରାତ୍ର ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟକୁ ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଫିତାକାଟି ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସୁବୋଧ ପ୍ରଧାନ, ମାଧବ ଅଗ୍ରୱାଲ୍, ପ୍ରଫୁଲ୍ଲ ସାହୁ, ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । କ୍ଲବର ସଭାପତି ସୁବାସ ଚନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିବାବେଳେ ସମ୍ପାଦକ କୈଳାଶ ବେହେରା ଅତିଥି ପରିଚୟ ଦେଇଥିଲେ । ଏଥିରେ ଜିଲ୍ଲାର ୧୪ଟି ଦଳ ଅଂଶ ଗ୍ରହଣ କରିଥିଲେ । ବଦ୍ରି ନାରାୟଣ ମିଶ୍ର, ଅମ୍ବରୀଶ ପ୍ରଧାନ, ବେଦବ୍ୟାସ ମେହେର ଏବଂ ଜିତୁ କର ପରିଚାଳନା କରିଥିଲେ । ଫାଇନାଲ ମ୍ୟାଚ ତେଲିବନ୍ଧ ଓ ବାଉଁଶୁଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ତେଲିବନ୍ଧକୁ ହରାଇ ବାଉଁଶୁଣୀ ଚାମ୍ପିଅନ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଜିଲ୍ଲା ବାର୍ ଆସସିଏସନର ସଭାପତି ଧୂରିଣ ଦେହୁରୀ ଏବଂ ସମ୍ମାନୀତ ଅତିଥି ଭାବେ ପୂର୍ବତନ ନଗରପାଳ ନିବାସ ଚନ୍ଦ୍ର ଦାନି ଯୋଗ ଦେଇଥିଲେ ।

## ଅମରପାଲି ହାଇସ୍କୁଲର ବାର୍ଷିକ ଉତ୍ସବ

ବୀରମହାରାଜପୁର,୨୮।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲର ୩୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ମୁଖ୍ୟଅତିଥି ଓ ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ ମୁଖ୍ୟବକ୍ତା ଏବଂ ଜିଲ୍ଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ସ୍ଥାନୀୟ ସରପଞ୍ଚ ନିରୂପମା ସେଠୀ, ସମିତିସଭ୍ୟା ସୁଗନ୍ଧା ଘିବିଲା, ସ୍କୁଲ ପରିଚାଳନା କମିଟିର ସଭାପତି ଅଶୋକ କୁମାର ସାହୁ, ପୂରାତନ ଛାତ୍ର ସାଂସଦର ସଭାପତି ପୀତାମ୍ବର ସାହୁ, ଆରା ଅଧ୍ୟକ୍ଷ ଏକଲବ୍ୟ ବେହେରା, ସିଆରସିସି କମ୍ବୁ ପ୍ରସାଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ ସ୍ୱାଗତ ଭାଷଣ, ସମ୍ବିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍କୁଲକୁ ଜମି ଦାନ କରିଥିବା ପୂର୍ବତନ ସ୍କୁଲ ପରିଚାଳନା କମିଟିର ସଭାପତି ହୃଷୀକେଶ ସାହୁ, ପୂର୍ବତନ ସମ୍ପାଦକ ବ୍ୟାସଦେବ ସାହୁ, ନିର୍ମଳ ସାହୁ, ବନମାଳୀ ଷାଣ୍ଢ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୀତାମ୍ବର ସାହୁଙ୍କ ସଂଯୋଜନାରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ପଦ୍ମନାଭ ପ୍ରଧାନ, ନଟବର ରଣା, କହ୍ନେଇ ଚରଣ ପ୍ରଧାନ, ନଟବର ରଣା, ଜଗନ୍ନାଥ ପ୍ରଧାନ, ଗୋବର୍ଦ୍ଧନ ରଣା ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତିଙ୍କ ବିୟୋଗରେ ଶୋକସଭା

ବିନିକା,୨୮।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ଗୌରୀଶ୍ୟାମ ପଣ୍ଡାଙ୍କ ବିୟୋଗରେ ବିନିକା କଂଗ୍ରେସ ତରଫରୁ ଶୋକସଭା କରାଯାଇଥିଲା। ଜିଲ୍ଲା କଂଗ୍ରେସ ଉପ ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶୋକସଭାରେ ଜିଲ୍ଲା କିସାନ ସେଲ ସଭାପତି ସଂଗ୍ରାମ କେଶରୀ ନାୟକ, ନଗର ସଭାପତି ଅଜିତ ଦାଶ, ବରିଷ୍ଠ ନେତା ନରେନ୍ଦ୍ର ସାହୁ, ବିପିନ ମେହେର, ଯୁବନେତା ପ୍ରଦୀପ ସେଠୀ, ଶ୍ରୀନିବାସ ଖମାରୀ, ଉମାକାନ୍ତ ଦୀପ, ଜ ଗୋବିନ୍ଦା ଝାଙ୍କର, ବିଜୟ ଭୋଇ, ସୁମନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଶ୍ରୀ ପଣ୍ଡାଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

## ନାଟ୍ୟ କଳାକାର ଶମ୍ଭୁ ପ୍ରସାଦ ପଣ୍ଡାଙ୍କ ପରଲୋକ



ବୀରମହାରାଜପୁର,୨୮।୧(ସମିସ): ବୀରମହାରାଜପୁର ବ୍ଲକ୍ ଖଣ୍ଡହତା ପଞ୍ଚାୟତ ବୁଠିପଦର୍ ଗାଁର ଅବସରପ୍ରାପ୍ତ ଜଳସମ୍ପଦ ଚତୁର୍ଥ ଶ୍ରେଣୀ କର୍ମଚାରୀ ତଥା ବରିଷ୍ଠ ନାଟ୍ୟକଳାକାର ଶମ୍ଭୁ ପ୍ରସାଦ ପଣ୍ଡା(୬୯)ଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ପଣ୍ଡା ବୀରମହାରାଜପୁର ହରିହର ଯୋର ଡେମ ଆରମ୍ଭ ସମୟରେ ଏନେମାରରେ ଜଣେ ସରକାରୀ କର୍ମଚାରୀ ଭାବେ କାର୍ଯ୍ୟ କରି ସୁକଦେଲ ବଲାଙ୍ଗୀରରେ କାର୍ଯ୍ୟରୁ ଅବସରଗ୍ରହଣ କରିଥିଲେ। ଏଥିସହ ସେ ରାମଲୀଳା ନାଟକରେ ବିଭିନ୍ନ ଭୂମିକାରେ ଅଭିନୟ କରି ଲୋକଙ୍କ ପ୍ରିୟ ଭାଜନ ହୋଇପାରିଥିଲେ। ସେ ଗତକାଲି ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ସୋନପୁରକୁ ଚିକିତ୍ସା ପାଇଁ ନେଉଥିବା ବେଳେ ତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ଶେଷକୃତ୍ୟ ନିଜ ପୈତୃକ ଗ୍ରାମ ବୁଠିପଦର୍ ଗାଁ ଶ୍ମଶାନରେ ଶେଷ ହୋଇଛି। ତାଙ୍କ ବଡ ପୁଅ ଜିଲୁ ପଣ୍ଡା ମୁଖାଗ୍ନି ଦେଇଥିବା ବେଳେ ତାଙ୍କ ଶେଷ ସମୟରେ ତାଙ୍କ ବଡ ଓ ସାନ ଭାଇ, ଧର୍ମପତ୍ନୀ ପଦ୍ମିନୀ ଓ ସାନ ପୁଅ ଜିତୁ, ଝିଅ, ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ।

## ଟ୍ରେନ ଲାଇନ୍‌ରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଡୁଙ୍ଗୁରିପାଲି,୨୮।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବଡ଼ଫଟା ମୁଣ୍ଡା କାଳି ମନ୍ଦିର ସ୍ଥିତ ରେଳ ଲାଇନ୍‌ରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ରେଳୱେ ପୁଲିସ। ସୂଚନାନୁଯାୟୀ, ବୁଧବାର ପାଖପାଖି ୪ ଟା ସମୟରେ ରେଳଲାଇନ ମାଝୀରେ ଅଜଣା ବ୍ୟକ୍ତିର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଜିଆରପି ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗିରକୁ ପଠାଇଥିବା ବେଳେ ମୃତକଙ୍କ ପରିଚୟ ଓ ମୃତ୍ୟୁର କାରଣ ଜଣାପଡ଼ି ନଥିବା ଜିଆର୍‌ପି ଥାନା ପକ୍ଷରୁ ସୂଚାଯାଇଛି।

# ନବ ନିର୍ମାଣ କୃଷକ ସଂଗଠନର ବନ୍ଦ ସବୁଠି ଶାନ୍ତିପୂର୍ଣ୍ଣ







ତରଭା,୨୮।୧(ସମିସ): ଧାନ ବିକ୍ରିରେ ଅଚଳାବସ୍ଥା, ଟୋକନ ନ ମିଳିବା, ଧାନ ନ ଉଠିବା, କଟନୀ ଛଟନୀ, ପ୍ରଦୂଷଣ ନାଁରେ ସାଧାରଣ ଲୋକଙ୍କ ଠାରୁ ଜୋରିମାନା ଆଦାୟ, ସ୍ମାର୍ଟ ମିଟର ଲଗାଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ଠାରୁ ମୋଟା ଅଙ୍କର ବିଲ ଆଦାୟ, ଚାଷୀ ନେତାମାନଙ୍କ ଉପରେ ଆକ୍ରମଣ ଆଦି ପ୍ରତିବାଦରେ ନବନିର୍ମାଣ କୃଷକ ସଂଘ ଓ କଂଗ୍ରେସ ତରଫରୁ ଦିଆଯାଇଥିବା ୮ ଘଣ୍ଟିଆ ବନ୍ଦ ସୋନପୁରରେ ସଫଳ ହୋଇଛି। ଜରୁରୀ କାଳୀନ ସେବାକୁ ବାଦ ଦେଲେ ସହରର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ବ୍ୟାଙ୍କ, ପୋଷ୍ଟ ଅଫିସ, ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କେବଳ ଦୁଇଚକିଆ ଯାନକୁ ବାଦ ଦିଆଯାଇଥିଲା। ନବନିର୍ମାଣ କୃଷକ ସଂଘର ଜିଲ୍ଲା ସଂଯୋଜକ ପ୍ରଦ୍ୟୁମ୍ନ ପାଢ଼ୀ, ରାଜେନ୍ଦ୍ର ମିଶ୍ର, ବୈକୁଣ୍ଠ ଶତପଥୀ, ପଦ୍ମଲୋଚନ ମିଶ୍ର, ସୁଧୀର ବଘାର, କଂଗ୍ରେସର ପୂର୍ବତନ ବିଧାୟକ ବିନୋଦ ପାତ୍ର, ସୁଧୀର ପଣ୍ଡା, ଶେଷଦେବ ମେହେର, ରଞ୍ଜିତ ରାଏ, ସଚ୍ଚିଦାନନ୍ଦ ସାହୁ, ବରୁଣ ସୁନା ପ୍ରମୁଖ ପିକେଟିଂ କରି ବନ୍ଦକୁ ସଫଳ କରିଥିଲେ। ସୋନପୁର ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିଥିଲା।

ତରଭା ମିଳିତ କୃଷକ ମଞ୍ଚ ତରଫରୁ ବୁଧବାର ସକାଳ ୬ଟାରୁ ଅପରାହ୍ନ ୨ ଘଣ୍ଟା ପର୍ଯ୍ୟନ୍ତ ଦିଆଯାଇଥିବା ବନ୍ଦ ଡାକରାକୁ ତରଭାବାସୀ ପୂର୍ଣ୍ଣ ସମର୍ଥନ ଜଣାଇଥିବା ଦେଖିବାକୁ ମିଳିଥିଲା। ବୁଧବାର ସକାଳ ୬ ଟାରେ ମିଳିତ କୃଷକ ମଞ୍ଚ ଓ ତରଭା ବ୍ଲକ କଂଗ୍ରେସର ନେତା ଓ କର୍ମୀ ମୋଟର ସାଇକେଲରେ ସହର ପରିକ୍ରମା କରିଥିଲେ। ପରେ ସମସ୍ତ ବିଦ୍ୟାଳୟ, କଲେଜ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ସମ୍ମୁଖରେ ପିକେଟିଂ କରି ବନ୍ଦ କରାଇଥିବା ଦେଖିବାକୁ ମିଳିଥିଲା। ସବୁଠି ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିଥିଲା। ତରଭା ସହରର ସମସ୍ତ ଦୋକାନ ବଜାର, ପରିବା ବଜାର ବନ୍ଦ ରହିଥିଲା। ସହର ମଧ୍ୟରେ ଦୁଇ ଚକିଆ ଯାନକୁ ବାଦ୍‌ଦେଲେ ଅନ୍ୟ ସମସ୍ତ ଯାନବାହନ ବନ୍ଦ ରହିଥିଲା। ବନ୍ଦକୁ ସଫଳ କରିବାରେ ମିଳିତ କୃଷକ ମଞ୍ଚର ସଦାନନ୍ଦ ପାଣିଗ୍ରାହୀ, ଭୋଳା ବର୍ମା, କଂଗ୍ରେସର ତରଭା ବ୍ଲକ୍ ସଭାପତି କାର୍ତ୍ତିକ ନାଗ, ନଗର ସଭାପତି ପ୍ରବୀଣ ସାହୁ, ଉପସଭାପତି ଗଣେଶ ଗୁରୁ, ଜିଲ୍ଲା ସମ୍ପାଦକ ମକୁନ୍ଦ ବିଶ୍ୱାଳ, ରାଜେନ୍ଦ୍ର ଝାଙ୍କର, ବରିଷ୍ଠ କଂଗ୍ରେସ ନେତା ଶିବ କୁମାର ଅଗ୍ରୱାଲ, ଚତୁର୍ଭୁଜ ସରଭଙ୍ଗ, ଭରତ ନାଗ ପ୍ରମୁଖ ସାମିଲ ଥିଲେ।



**ବିନିକା :** ନବ ନିର୍ମାଣ କୃଷକ ସଂଗଠନ ତରଫରୁ ରାଜ୍ୟ ବ୍ୟାପୀ ଦିଆଯାଇଥିବା ବନ୍ଦ ଡାକରା ବିନିକା ଅଞ୍ଚଳରେ ସମ୍ପୂର୍ଣ୍ଣ ସଫଳ ହୋଇଛି। ସକାଳ ୬ଟା ରୁ ଦିନ ୨ଟା ପର୍ଯ୍ୟନ୍ତ ଏହି ବନ୍ଦ ଯୋଗୁଁ ରାସ୍ତାରେ ଅଖ, ଚକ ପୁରାପୁରି ଠପ୍ ହୋଇପଡ଼ିଥିଲା। ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ଯାନବାହନ ଅଟକି ରହିଥିଲା। କୃଷକ ସଂଗଠନ ବନ୍ଦ ଡାକରାକୁ ସମର୍ଥନ ଜଣାଇ କଂଗ୍ରେସ କର୍ମୀମାନେ ସାମିଲ ହୋଇ ବିନିକା ସହର ପ୍ରମୁଖ ଛକମାନଙ୍କରେ ନାରାବାଜି ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ୱତଃ ପ୍ରବୃତ୍ତ ଭାବେ ଲୋକେ ନିଜର ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରଖି ବନ୍ଦ ଡାକରାକୁ ସମର୍ଥନ ଦେଇଥିବା ଦେଖିବାକୁ ମିଳିଥିଲା। କେବଳ ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହାନ ଚଳାଚଳ କରୁଥିବା ବେଳେ ବାକି ଯାନବାହାନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସେହିପରି ବିବାହ, ବ୍ରତ ଆଦି ଥିବାରୁ ବିକ୍ଷୋଭକାରୀ ଉକ୍ତ ଗାଡିଗୁଡିକ ସମ୍ମାନ ସହ ଛାଡ଼ିଦେଇଥିବା ଦେଖିବାକୁ ମିଳିଥିଲା। ମୋଟାମୋଟି ଭାବରେ ବିନିକା ବ୍ଲକ୍ ଅଞ୍ଚଳର ବିଭିନ୍ନ ଗ୍ରାମରେ ମଧ୍ୟ ଏହି ବନ୍ଦର ପ୍ରଭାବ ପଡ଼ିଥିଲା, ଯାହାକି ବିନିକାକୁ ସଂଯୋଗ କରୁଥିବା ଗୋଦଭାଗା, ରାମପୁର, ସୋନପୂର, ଚଡେଇପଙ୍କ ଆଦି ରାସ୍ତା ମଧ୍ୟ ଶୁନଶାନ୍ ହୋଇପଡ଼ିଥିଲା।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଚାରି ଛକଠାରେ ନବନିର୍ମାଣ କୃଷକ ସଂଗଠନ, କଂଗ୍ରେସ, ବିଜେଡି ପକ୍ଷରୁ ମିଳିତ ଭାବେ ବନ୍ଦ ପାଳନ କରାଯାଇଥିଲା। ଏହି ଅବସରରେ ୨୬ ନମ୍ବର ଜାତୀୟ ରାଜପଥକୁ ନବ ନିର୍ମାଣ କୃଷକ ସଂଗଠନ ଏବଂ କଂଗ୍ରେସ ଓ ବିଜେଡି କର୍ମୀମାନେ ଅବରୋଧ କରିଥିଲେ। ଉକ୍ତ ବନ୍ଦ ପାଳନ ବେଳେ ଅଖ ଚକ, ଦୋକାନ ବଜାର, ସରକାରୀ ଅଫିସ ସହ ସ୍କୁଲ କଲେଜ ଓ ଗାଡି ମଟର ଚଳାଚଳ ବନ୍ଦ ରହିଥିଲା। ଅନ୍ୟପଟେ ବନ୍ଦ ପାଳନ ସମୟରେ କୌଣସି ଜରୁରିକାଳୀନ ସେବା ଯେପରି ବନ୍ଦ ନ ହେବ ସେଥିପ୍ରତି ଧ୍ୟାନ ଦିଆଯାଇଥିଲା। ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ମୋଟର ଅଟକି ରହିଥିଲା। କୃଷି, କୃଷକ ଓ ଲୋକଙ୍କର ବିଭିନ୍ନ ସମସ୍ୟାକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏହି ବନ୍ଦ ପାଳନ କରାଯାଇଥିଲା। ଏଥିରେ ନବ ନିର୍ମାଣ କୃଷକ ସଂଘ ବ୍ଲକ ସଭାପତି ଗଙ୍ଗାଧର ଖମାରି, ସମ୍ପାଦକ ସୁଶାନ୍ତ ବିଶ୍ୱାଳ, ଘନଶ୍ୟାମ ପଧାନ, ମୃତ୍ୟୁଞ୍ଜୟ ମିଶ୍ର, ରାଜେନ୍ଦ୍ର ନାଏକ, କଂଗ୍ରେସ ନେତା ଶ୍ୟାମ ସୁନ୍ଦର ଭୋଇ, ସୁରୁବାବୁ ନନ୍ଦ, ମିଲୁ ସାହୁ, ଜଗନ୍ନାଥ ତ୍ରିବେଦୀ, ବାଲକୃଷ୍ଣ ଦଣ୍ଡସେନାଙ୍କ ସହ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିବା ବେଳେ ବିଜେଡିର ଧରବେନ୍ଦ୍ର ବିଶ୍ୱାଳ, ବଦ୍ରିନାରାୟଣ ପାଣ୍ଡିଆ, ଦିଲ୍ଲୀପ ଶତପଥୀ, ମଣ୍ଟୁ ଦିଶ୍ରୀଙ୍କ ସହ ବହୁ ବିଜେଡି କର୍ମୀ ଓ ଚାଷୀ ସାମିଲ ଥିଲେ।

**ବୀରମହାରାଜପୁର:** ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ବୀରମହାରାଜପୁର ବ୍ଲକରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଆଜି ସକାଳ ପ୍ରାୟ ୫ ଟାରୁ ସ୍ଥାନୀୟ ଦୈନିକ ବଜାର ସହ ବିଭିନ୍ନ ଦୋକାନ ବନ୍ଦ ରହିଥିବା ବେଳେ ବସ, ଟ୍ରକ୍ ଆଦି ଯାନବାହାନ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ଏହି ବନ୍ଦ ଫଳରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କର୍ଯ୍ୟାଳୟ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡ଼ି ମଟର ଅଟକି ରହିଥିଲା। ସୁବଳୟା ଅଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇଥିଲା। କୃଷକ ସଂଗଠନର କର୍ମକର୍ତ୍ତାଙ୍କ ସମେତ କଂଗ୍ରେସ ଦଳ ଓ କୋଶଳ ସଂଗଠନର କର୍ମୀମାନେ ମଧ୍ୟ ଉପସ୍ଥିତ ରହି ବୀରମହାରାଜପୁର ମୁଖ୍ୟ ଛକଠାରେ ରାସ୍ତା ଅବରୋଧ କରିଥିଲେ। ବନ୍ଦ ପାଳନରେ ଚାଷୀ ବୃନ୍ଦାବନ ମିଶ୍ର, ପର୍ଶୁରାମ ଦେହୁରୀ, ବ୍ରଜଗୋପାଳ ପଣ୍ଡା, ବ୍ଲକ କଂଗ୍ରେସ ସଭାପତି ବସନ୍ତ ମହାକୁର, କୋଶଳ ସଂଗଠନ ତରଫରୁ ସୁଧାଂଶୁ କର୍ଣ୍ଣ, ଆପ୍ ଦଳ ପକ୍ଷରୁ ପୃଥ୍ୱୀରାଜ ଜଗଦଲା ପ୍ରମୁଖ ସାମିଲ ହୋଇଥିଲେ।






## ସାହାଜବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ଡୁଙ୍ଗୁରିପାଲି,୨୮।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ସାହାଜବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଆର୍ତ୍ତତ୍ରାଣ ପଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଶ କିଷାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାୟାବର୍ହା ଆଞ୍ଚଳିକ ସାଧନ କର୍ମୀ ସୌରଭ କୁମାର ସାହୁ, ମାୟାବର୍ହା ଗ୍ରାମ ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ସଂପଦ ବାଘ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନନ୍ଦିଘୋଷ ମାଝି, ମୁଖ୍ୟବକ୍ତା ଭାବରେ ହୀରାପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଣିକର ମାଝି ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ଗୁପ୍ତେଶ୍ୱର ନନ୍ଦ ସଭା ସଞ୍ଚାଳନ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ରଶ୍ମିତା ପଧାନ ଅତିଥି ପରିଚୟ, ସହକାରୀ ଶିକ୍ଷକ ଦୀପକ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାଇବା ସହ ଫୁଲତୋଡ଼ା, ଅଙ୍ଗବସ୍ତ୍ର ଓ ବ୍ୟାଚ୍ ଦେଇ ଅତିଥି ସତ୍କାର କରିଥିଲେ। ଶତାଧିକ ଛାତ୍ରଛାତ୍ରୀଙ୍କୁ ମେଧା, କଳା, କ୍ରୀଡ଼ା ତଥା ସାଂସ୍କୃତିକ ଦକ୍ଷତା ଭିତ୍ତିରେ ପ୍ରାୟ ୧୫୦ ଗୋଟି ପୁରସ୍କାର ସହକାରୀ ଶିକ୍ଷକ ସରୋଜ କୁମାର ବାଗଙ୍କ ତତ୍ତ୍ୱାବଧାନରେ ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁବଳ ମାଝି ଧନ୍ୟବାଦ ଅର୍ପଣ କରିଥିବା ବେଳେ ସାହାଜବାହାଲ ଗ୍ରାମର ଶିକ୍ଷାପ୍ରେମୀ ସହଯୋଗ କରିଥିଲେ।

## ସାମ୍ବାଦିକ ରଞ୍ଜନ ତାଣ୍ଡିଆଙ୍କ ପରଲୋକ



ବୀରମହାରାଜପୁର,୨୮।୧(ସମିସ): ବୀରମହାରାଜପୁର ଅଞ୍ଚଳର ଜଣେ ଯୁବ ସାମ୍ବାଦିକ ରଞ୍ଜନ କୁମାର ତାଣ୍ଡିଆଙ୍କ ପରଲୋକ ହୋଇଯାଇଛି। ଗତ ୨ ଦିନ ପୂର୍ବରୁ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ପ୍ରଥମେ ସୋନପୁର ପରେ ବୁର୍ଲା ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ପୂର୍ବାହ୍ନରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସୋନପୁର ଜିଲ୍ଲା ସାମ୍ବାଦିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ତାଣ୍ଡିଆ ବୀରମହାରାଜପୁର କାର୍ଯ୍ୟକାରୀ ସାମ୍ବାଦିକ ସଙ୍ଘର ପୂର୍ବତନ ସଭାପତି ଥିବା ବେଳେ ସୁବଳୟା ଆମ୍ବେଦକର ସେବା ସଂଘର ମଧ୍ୟ ପୂର୍ବତନ ସଭାପତି ଥିଲେ। ସେ ସମ୍ବାଦ, ସକାଳ ପରି ବିଭିନ୍ନ ଖବର କାଗଜର ସାମ୍ବାଦିକ ଭାବେ କାର୍ଯ୍ୟ କରିଥିଲେ। ଆଜି ବୁର୍ଲା ଡାକ୍ତରଖାନାରୁ ତାଙ୍କ ମର ଶରୀରକୁ ନିଜ ଜନ୍ମସ୍ଥାନକୁ ଆମ୍ବୁଲାନ୍ସରେ ଆଣାଯାଉଥିବା ବେଳେ ବୀରମହାରାଜପୁର ମୁଖ୍ୟ ଛକରେ ତାଙ୍କ ମର ଶରୀରକୁ ବୀରମହାରାଜପୁର, କାର୍ଯ୍ୟକାରୀ ସାମ୍ବାଦିକ ସଂଘର ସଭାପତି ଶତ୍ରୁଘ୍ନ ମେହେର, ସନାତନ ନାଗ, ସୁରେଶ କଲତା, ପଦାର୍ଥ ଜଗଦଳାଙ୍କ ସହ ଅନେକ କାର୍ଯ୍ୟକର୍ତ୍ତା ପୁଷ୍ପମାଲ୍ୟ ଦେଇ ସମ୍ମାନ ଜଣାଇଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ, ଦୁଇ ନାବାଳକ ପୁଅ, ବୃଦ୍ଧ ବାପା, ମା ଓ ସାନ ଭାଇ ଉପସ୍ଥିତ ଥିଲେ। ପୈତୃକ ଗ୍ରାମ ସଂଗ୍ରାମପୁର ପଞ୍ଚାୟତର ସାନ ବର୍ଡକଟା ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ତାଙ୍କ ବଡ ପୁଅ ସାଇ ମୁଖାଗ୍ନୀ ଦେଇଥିଲେ।

### ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଉଗ୍ରେସନ ଗାଦିଚ୍ୟୁତ, କଂସ ରାଜ୍ୟାଭିଷେକ ମଞ୍ଚସ୍ଥ



ବୀରମହାରାଜପୁର,୨୮।୧(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମଠାରେ ଚାଲିଥିବା ଚତୁର୍ଥ ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। କମିଟି ସଭାପତି କିଶୋର ହୋତାଙ୍କ ଉଦ୍ୟମ କ୍ରମେ କଂସ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁରର ପୂର୍ବତନ ବିଧାୟକ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗ ଦେଇ ସଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, କଂସ ଭାବରେ ଝସକେତନ ପଧାନଙ୍କ ନିଖୁଣ ଅଭିନୟ ଦର୍ଶକମାନଙ୍କୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

ଦ୍ୱିତୀୟ ସନ୍ଧ୍ୟାରେ ଦେବକୀ ବସୁଦେବ ବିବାହ, ଉଗ୍ରେସନଙ୍କ ଗାଦିଚ୍ୟୁତ ଯୁବରାଜଙ୍କ କଂସରାଜ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସନ୍ଧ୍ୟାରେ ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ସାହୁ, ଚମ୍ପାମାଲ ସରପଞ୍ଚ ମହେନ୍ଦ୍ର ଜଗଦଲା, ଲୁତୁରପଙ୍ଗ ସରପଞ୍ଚ ସୂର୍ଯ୍ୟ ନନ୍ଦ, ପୂର୍ବତନ ସମିତି ସଭ୍ୟ ସୁରୁ ନାରାୟଣ ମହାକୁର ଉପସ୍ଥିତ ଥିଲେ। ମିନବଜାର ଦର୍ଶକମାନଙ୍କ ମନ ମୋହୁଥିବା ବେଳେ ମଞ୍ଚ ସଂଯୋଜନା କରିଥିଲେ ଅଭିମନ୍ୟୁ ବଗର୍ତି। ସହଯୋଗ କରିଥିଲେ ସାଂସ୍କୃତିକ କମିଟି ସମ୍ପାଦକ ଚିନ୍ମୟ ସାହୁ, ଏବଂ ସୁରୁବାବୁ ପଧାନ।



## ନର୍ସିଂ ଛାତ୍ରଛାତ୍ରୀଙ୍କ ଶପଥ ପାଠ ଉତ୍ସବ

ଡୁଙ୍ଗୁରିପାଲି,୨୮।୧(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଏମିନେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନର୍ସିଂର ଛାତ୍ରଛାତ୍ରୀଙ୍କ ପ୍ରଥମ ଶପଥ ପାଠ ଉତ୍ସବ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାସଦର ଡାକ୍ତରଖାନାର ଏଡିଏମ୍‌ଓ ଦୁର୍ଗାଦତ୍ତ ଦାସ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ବଲାଙ୍ଗିର ସାଇଟ ସହକାରୀ ପ୍ରଫେସର ପ୍ରିୟବ୍ରତ ଖଟୁଆ, ସୁବର୍ଣ୍ଣପୁର ମେଟ୍ରୋନ ଏଲି ଭଞ୍ଜ, ସୁବର୍ଣ୍ଣପୁର ଚିକିତ୍ସାଳୟ ପରିଚାଳକ ବି.କେ. ସାଗରିକା, ଶ୍ରମ ପ୍ରକୋଷ୍ଠ ଇନ୍‌ଚାର୍ଜ ପୁଷ୍ପା ମିଶ୍ର ଯୋଗ ଦେଇଥିଲେ। ସୁସ୍ମିତା ସୁନା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ବର୍ଷ ଛାତ୍ରୀ ସ୍ୱପ୍ନା ଦଲେଇ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସ୍ୱତ୍ତାଧିକାରୀ ଯଶସ୍ୱିନୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେବାବୃତ୍ତିରେ ଅନୁଷ୍ଠାନର ୬୦ ଜିଏନ୍‌ଏମ୍ ଛାତ୍ରଛାତ୍ରୀ ଦୀପ କୁମାରୀ ଫ୍ଲୋରେନ୍ସ ନାଇଟିଙ୍ଗେଲକୁ ମନେ ପକେଇ ମହମବତୀ ଜଳାଇ ଶପଥ ପାଠ କରିଥିଲେ। ଅନୁଷ୍ଠାନର କୃତୀ ପ୍ରତିଭାଗୀକୁ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଇନ୍‌ଷ୍ଟିଚ୍ୟୁଟ୍ ପ୍ରିନ୍ସପାଲ୍ ସୌମ୍ୟରଞ୍ଜନ ନାଗ୍ ଧନ୍ୟବାଦ ଅର୍ପଣ କରିଥିଲେ।

## 'ମାଲେଶ୍ରୀ' ସ୍ମରଣିକା କମିଟିର ବୈଠକ

ବୀରମହାରାଜପୁର,୨୮।୧(ସମିସ): ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ-୨୦୨୬ ସ୍ମରଣିକା କମିଟିର ବୈଠକ ସ୍ମରଣିକା ସଂପାଦକ ଡ. ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଛି। ସ୍ମରଣିକାର କଳେବର ତଥା ଲେଖା ଆହ୍ୱାନ, ବିଶିଷ୍ଟ ବ୍ୟକ୍ତିଙ୍କ ଠାରୁ ବାର୍ତ୍ତା ସଂଗ୍ରହ, ବିଜ୍ଞାପନ, ସ୍ମରଣିକା ବ୍ୟୟ ଅଟକଳ, ସ୍ମୃତି ଫଟୋ ସଂଗ୍ରହ, ଲେଖା ପଠାଇବାର ଠିକଣା ଆଦି ଛଅ ଗୋଟି ବିନ୍ଦୁ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଡଃ. ପ୍ରଫୁଲ୍ଲ ରଥ, ଭୂଷଣ ପାତ୍ର, ଯୁଗଳ ମିଶ୍ର, ଅକ୍ଷୟ ରାଏ, ସଦାଶିବ ଚାନ୍ଦ, ଶୁଭ୍ରାଂଶୁ ପାଢୀ ପ୍ରମୁଖ ଯୋଗଦେଇଥିଲେ। ସ୍ମରଣିକାରେ ସ୍ଥାନୀୟ ଲୋକକଳା, ଲୋକ ସାହିତ୍ୟ, ଐତିହ୍ୟ, ସଂସ୍କୃତି, ପରମ୍ପରା, ସ୍ଥାନୀୟ ଦର୍ଶନୀୟ ସ୍ଥାନ ଆଦି ସଂପର୍କିତ ଓଡ଼ିଆ, ସମ୍ବଲପୁରୀ, କୋଶଲି, ଇଂରାଜୀ ଲେଖା ଫେବୃଆରୀ ୨୫ ତାରିଖ ଭିତରେ ପଠାଇବାକୁ ବୈଠକରେ ସମୟ ଧାର୍ଯ୍ୟ କରାଯାଇଥିଲା। ପଙ୍କଜ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲ୍ୟବିବାହ ମୁକ୍ତ ଭାରତ ଗଠନ ନେଇ ସଚେତନତା ଶୋଭାଯାତ୍ରା

ବିନିକା,୨୮।୧(ସମିସ): ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ନେଇ ବିନିକା ସହରରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିନିକା ତାଲୁକ ଲିଗାଲ ସର୍ଭିସ କମିଟି ତରଫରୁ ଅନୁଷ୍ଠିତ ଏହି ସଚେତନତା ଶୋଭାଯାତ୍ରାରେ ସିଦ୍ଧାର୍ଥ ଡିଗ୍ରୀ କଲେଜର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ଲା କାର୍ଡ ଧରି ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ନେଇ ଲୋକଙ୍କୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିନିକା ଜେଏମଏଫସି ସୁପ୍ରଭା କୁଣ୍ଡୁ, ବାର ଆସୋସିଏସନର ସଭାପତି ସୁବାସ ନାୟକ, ବରିଷ୍ଠ ଆଇନଜୀବୀ ସୁଧାଂଶୁ ଶେଖର ଦାଶ, ତାଲୁକ ଆଇନ ସେବା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧ୍ୟାପକ ଭଗବାନ ସାହୁଙ୍କ ସମେତ ଓକିଲ ସଂଘ କର୍ମକର୍ତ୍ତା, ଜେଏମଏଫସି କୋର୍ଟ କର୍ମଚାରୀ ଅଭିଷେକ, ବିନୟ, ରଜତ, ଜଗଦୀପ ପ୍ରମୁଖ ସାମିଲ ହୋଇଥିଲେ।

## ମାୟାବର୍ହା ଓ ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଗଣତନ୍ତ୍ର ଦିବସ

ଡୁଙ୍ଗୁରିପାଲି,୨୮।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ମାୟାବର୍ହା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ମାୟାବର୍ହାର ମିଳିତ ପରେଡରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ଡ. ରବିଚନ୍ଦ୍ର ପଶାୟତ ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୌନାବତି ଜାଲ ଉପସ୍ଥିତ ଥିଲେ। ଖେଳ ଶିକ୍ଷକ ଚିନ୍ମୟ ଦାସ ଓ ଚୈତନ୍ୟ ବାରିକଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାୟାବର୍ହା ଗ୍ରାମ ପରିକ୍ରମା କରିଥିଲେ। ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପ୍ରଧାନଙ୍କ ସଂଯୋଜନାରେ ଜନରାଜ୍ୟ ଦିବସର ପ୍ରାକ୍ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଖେଳ ଶିକ୍ଷକ ପ୍ରହଲ୍ଲାଦ ଦାଶ ଓ ଅତିଥି ଶିକ୍ଷକ ସମ୍ପଦ ଖମାରୀ ମଞ୍ଚାସୀନ ଥିଲେ। ଶିକ୍ଷକ ରାଜୁ ମେହେର ଓ ଛାତ୍ରୀ ଝରଣା ସାହୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଛାତ୍ରୀ ପୂଜାରାଣୀ ଦୀପକୁ ଷ୍ଟୁଡେଣ୍ଟ ଅଫ ଦି ଇୟର, ଝରଣା ସାହୁକୁ ବେଷ୍ଟ ଡିସିପ୍ଲିନ, କ୍ରୀଡ଼ାକ୍ଷେତ୍ରରେ ବିକାଶ ସାହୁଙ୍କୁ ବାଳକ ଚାମ୍ପିଅନ ଓ ଶ୍ୱେତା ମଲ୍ଲିକଙ୍କୁ ବାଳିକା ବିଭାଗର ଚାମ୍ପିଅନ, ଅମିତ୍ ପଟେଲକୁ ବେଷ୍ଟ ସ୍କାଉଟ୍, ଅନୁପମା କାଣ୍ଡଙ୍କୁ ବେଷ୍ଟ ଜୁନିଅର ଓ ଗଙ୍ଗା ହାଉସକୁ ବେଷ୍ଟ ହାଉସ ଅଫ ଦି ଇୟର ଭାବରେ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ନନ୍ଦିଘୋଷ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



## ଟାଇପେ ୧୦୧ ଉପରେ ସୁରକ୍ଷା ଉପକରଣ ବିନା ଚଢ଼ିଲେ

ଆମେରିକାର ଜଣାଶୁଣା ପର୍ବତାରୋହୀ ଆଲେକ୍ସ ହୋନୋଲ୍ଡ ପୁଣିଥରେ ପ୍ରମାଣ କରିଛନ୍ତି ଯେ, ଦୃଢ଼ ଇଚ୍ଛାଶକ୍ତି ଥିଲେ ଯେକୌଣସି କାମ କରିବା ସମ୍ଭବ। ସେ ତାଇୱାନ୍‌ର ଗଗଗନଚୁମ୍ବୀ ଅଟ୍ଟାଳିକା ତାଇପେ ୧୦୧କୁ ସୁରକ୍ଷା ଉପକରଣ (ରଶି କିମ୍ବା ପ୍ରୋଟେକ୍ଟିଭ୍ ଗିୟର୍) ବିନା ଚଢ଼ି ଇତିହାସ ରଚିଛନ୍ତି। ୧୬୬୭ ଫୁଟ ଉଚ୍ଚା ଏହି ବିଲ୍ଡିଂକୁ ସେ ମାତ୍ର ୯୦ ମିନିଟ୍‌ରେ ଚଢ଼ିଥିଲେ। ସୁଉଚ୍ଚ ପାହାଡ଼ ଓ ଚଟାଣ ଚଢୁଥିବା ଆଲେକ୍ସଙ୍କ ପାଇଁ ସଂପୂର୍ଣ୍ଣ ଭାବେ ଏହା ଏକ ନିଆରା ଅନୁଭୂତି ଥିଲା ବୋଲି ସେ କହିଛନ୍ତି। ସେ ଏହି କାରନାମା କରୁଥିବାବେଳେ ତଳରେ ତାଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଏହି ସୁଉଚ୍ଚ ଅଟ୍ଟାଳିକାର କୋଣ, ସଜାସଜି ପାଇଁ ରଖାଯାଇଥିବା କଡ଼ ଓ ଏଲ୍ ଫଙ୍ଗଚନାର ସାହାଯ୍ୟ ନେଇ ସେ ଗୋଟିଏ ପରେ ଗୋଟିଏ ମହଲା ଚଢ଼ି ଚାଲିଥିଲେ। ପବନ ସହ ନିୟନ୍ତ୍ରଣ ରଖି ଏତେ ଉଚ୍ଚ ବିଲ୍ଡିଂ ଚଢ଼ିବା ତାଙ୍କ ପାଇଁ ବେଶ୍ କଷ୍ଟକର ଥିଲା। ଏହି ବିଲ୍ଡିଂର ଶୀର୍ଷ ଦେଶରେ ପହଞ୍ଚିବା ପରେ ଲାଲ୍ ଟି-ସାର୍ଟ ପିନ୍ଧିଥିବା ଆଲେକ୍ସ ହାତ ହଲାଇ ଜଶ୍ନ ମନାଇଥିଲେ। ପ୍ରଥମ ଥର ପାଇଁ ତାଇପେ ୧୦୧କୁ ବିନା ସୁରକ୍ଷା ଉପକରଣରେ 'ଫ୍ରି ସୋଲୋ କ୍ଲାଇମ୍ବ' ହୋଇଛି। ଏହାପୂର୍ବରୁ ଫ୍ରାନ୍ସ ପର୍ବତାରୋହୀ ଏଲେନ ରବର୍ଟ ରଶି ସାହାଯ୍ୟରେ ଏହି ବିଲ୍ଡିଂ ଚଢ଼ିଥିଲେ।


## ନିଆରା ପରମ୍ପରା

## ୪୨ ଦିନ ମୋବାଇଲ, ଟିଭି ମନା



ଦୁନିଆରେ ଏପରି ଅନେକ ପରମ୍ପରା ଅଛି ଯାହା ବିଷୟରେ ଜାଣି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ବିଭିନ୍ନତା ମଧ୍ୟରେ ଏକତା ଭାରତୀୟ ସଂସ୍କୃତିର ପରିଚୟ। ଏହି କ୍ରମରେ ହିମାଚଳ ପ୍ରଦେଶରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳେ। ଆଜିକାଲି ମୋବାଇଲକୁ ଛାଡ଼ି ଘଡ଼ିଏ ରହିବା କଷ୍ଟକର ବ୍ୟାପାର ହୋଇଥିବାବେଳେ ହିମାଚଳ ପ୍ରଦେଶର ମନାଲି ସ୍ଥିତ ଉଝି ଘାଟିର ପ୍ରାୟ ୯ଟି ଗାଁର ଲୋକ ମକର ସଂକ୍ରାନ୍ତି ପରେ ଏକ ଅନନ୍ୟ ପରମ୍ପରାକୁ ସମ୍ମାନ ଜଣାଇ ୪୨ ଦିନ ଲାଗି ନୀରବତା ଅବଲମ୍ବନ କରନ୍ତି। ଏହି ସମୟରେ ଗାଁର କୌଣସି ବ୍ୟକ୍ତି ମୋବାଇଲ, ଟିଭି କିମ୍ବା କୌଣସି ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରନ୍ତି ନାହିଁ। ମୋବାଇଲ୍ ଫୋନ୍‌ର ରିଙ୍ଗଟୋନ୍ ବି ଶୁଣାଯାଏ ନାହିଁ। ଗୋଶାଳ, କୋଠି, ସୋଲଙ୍ଗ,ପଲଚାନ, ରୁଆଡ, କୁଲଙ୍ଗ, ଶନାଗ, ବୁରୁଆ ଏବଂ ମଝାଚ ଗାଁରେ ଏହି ଅନନ୍ୟ ପରମ୍ପରା ପାଳନ କରାଯାଏ। ମାନ୍ୟତା ରହିଛି ଯେ, ଏହି ସମୟରେ ଭଗବାନ ତପସ୍ୟା କରନ୍ତି। ଦେବତାଙ୍କ ତପସ୍ୟାରେ ଯେପରି କୌଣସି ବାଧାବିଘ୍ନ ନ ଆସେ ସେନେଇ ଗୌତମ ଋଷି, ବ୍ୟାସ ଋଷି ଏବଂ ନାଗଦେବତାଙ୍କ ଆଦେଶରୁ ଏହି ନିୟମ ପାଳନ କରାଯାଏ। ତେଣୁ ମକର ସଂକ୍ରାନ୍ତି ପରେ ଏଠାରେ ଟିଭି, ରେଡିଓ ବନ୍ଦ ରହିଥାଏ। ସେହିଭଳି ମୋବାଇଲଗୁଡ଼ିକୁ ସାଇଲେଣ୍ଟ ମୋଡ଼୍‌ରେ ରଖାଯାଏ। ମନ୍ଦିରର କପାଟ ବନ୍ଦ ରହିବା ସହ ଘଣ୍ଟି ବଜାଇବା ପାଇଁ ବାରଣ କରାଯାଏ। ଏହି ସମୟରେ ଚାଷକାମ ମଧ୍ୟ କରାଯାଏ ନାହିଁ। ଅଧିକ ଉଚ୍ଚ ଶବ୍ଦରେ କେହି କଥାବାର୍ତ୍ତା ମଧ୍ୟ କରନ୍ତି ନାହିଁ। ତେବେ ଏହି ନିୟମ କେବଳ ଯେ, ଗାଁ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ତାହା ନୁହେଁ, ପର୍ଯ୍ୟଟକମାନେ ମଧ୍ୟ ଏହାକୁ ପାଳନ କରନ୍ତି। ଏହି ସମୟରେ ଏହି ଗାଁଗୁଡ଼ିକୁ ପର୍ଯ୍ୟଟକମାନଙ୍କୁ ମଧ୍ୟ ଆସିବାକୁ ଦିଆଯାଏ ନାହିଁ। ଏଠାରେ ପ୍ରଚଳିତ ଲୋକବିଶ୍ୱାସ ଅନୁସାରେ, ଦେବତାମାନେ ତପସ୍ୟା କରି ସ୍ୱର୍ଗରୁ ଫେରିବା ପରେ ସେମାନଙ୍କ ସ୍ୱାଗତ ନିମନ୍ତେ ଏହି ଗାଁଗୁଡ଼ିକରେ ଉତ୍ସବ ପାଳନ କରାଯାଏ। ଫାଗଲି ଉତ୍ସବ ଯାଏଁ ଏହି ଗାଁଗୁଡ଼ିକରେ ଏମିତି ଶାନ୍ତ ପରିବେଶ ଥାଏ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ପରମ୍ପରା ପିଢ଼ି ପରେ ପିଢ଼ି ପାଳନ କରାଯାଉଛି। ଯୁବପିଢ଼ି ମଧ୍ୟ ବେଶ୍ ଉତ୍ସାହର ସହିତ ଏଥିରେ ସାମିଲ ହେଉଛନ୍ତି। ଆଧୁନିକତା ଭିତରେ ପ୍ରାଚୀନ ମାନ୍ୟତାକୁ ପାଳନ କରିବା ବାସ୍ତବରେ ପ୍ରଶଂସନୀୟ। ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ହିମାଚଳ ପ୍ରଦେଶର ଏହି ନିୟମକୁ ନେଇ ବେଶ୍ ଚର୍ଚ୍ଚା ହେଉଛି।

## 'ଓ ରୋମିଓ' ଶାହିଦ୍ ନେଇଛନ୍ତି ୪୫ କୋଟି



ବଲିଉଡ୍ ଅଭିନେତା ଶାହିଦ୍ କପୁରଙ୍କ ଫିଲ୍ମ 'ଓ ରୋମିଓ'ର ଟ୍ରେଲର୍ ନିକଟରେ ରିଲିଜ୍ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ବିଶାଲ ଭରଦ୍ୱାଜ। ବିଶାଲ ଓ ଶାହିଦ୍ ବଲିଉଡ୍‌କୁ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି। 'ଓ ରୋମିଓ'କୁ ନେଇ ମଧ୍ୟ ଦର୍ଶକେ ସେଭଳି କିଛି ଆଶା ରଖିଛନ୍ତି। ଫିଲ୍ମର ଟିଜର୍ ଓ ଟ୍ରେଲରକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏହାର କାହାଣୀ ଗ୍ୟାଙ୍ଗଷ୍ଟର୍ ହୁସେନ୍ ଉସ୍ତରାଙ୍କ ଉପରେ ଆଧାରିତ। ଶାହିଦ୍ ଏଥିରେ ଗ୍ୟାଙ୍ଗଷ୍ଟର୍ ଭୂମିକାରେ ଚମତ୍କାର ଅଭିନୟ କରିଥିବା ଚର୍ଚ୍ଚା ହେଉଛି। ତେବେ ଏହି ଫିଲ୍ମ ପାଇଁ ଶାହିଦ୍ ପାରିଶ୍ରମିକ ବାବଦରେ ୪୫ କୋଟି ନେଇଛନ୍ତି। ଏଥିରେ ଶାହିଦ୍‌ଙ୍କ ବିପକ୍ଷରେ ତ୍ରିପ୍ତି ଡିମ୍ରି ନଜର ଆସିବେ। ତ୍ରିପ୍ତି ଏହି ଫିଲ୍ମ ପାଇଁ ୬ କୋଟି ନେଇଛନ୍ତି। ସେହିଭଳି ଅବିନାଶ ତିୱାରି ଏହି ଫିଲ୍ମ ପାଇଁ ୭ କୋଟି ନେଇଛନ୍ତି। ଏଥିରେ ତମନ୍ନା ଭାଟିଆଙ୍କର ଏକ ଆଇଟମ୍ ନମ୍ବର ରହିଛି। ସେ ଏହି ଆଇଟମ୍ ଗୀତ ପାଇଁ ୭ କୋଟି ନେଇଛନ୍ତି। ନାନା ପାଟେକର୍ ମଧ୍ୟ ଏଥିରେ ଗ୍ୟାଙ୍ଗଷ୍ଟର୍ ଭୂମିକାରେ ନଜର ଆସିବେ। ସେ ପାରିଶ୍ରମିକ ବାବଦରେ ୪ କୋଟି ନେଇଛନ୍ତି। ଦିଶା ପଟାନିଙ୍କର ମଧ୍ୟ ଏଥିରେ ଏକ ଆଇଟମ୍ ନମ୍ବର ରହିଛି। ସେ ଏଥିପାଇଁ ୨ କୋଟି ନେଇଛନ୍ତି। ଆସନ୍ତା ଫେବୃଆରୀ ୧୩ରେ ଏହା ସିନେମା ହଲରେ ମୁକ୍ତିଲାଭ କରିବ।


## ଫୁଟ୍‌ବଲ୍ ସହ ୨୮ ଘଣ୍ଟା



ଜଣେ ଫୁଟ୍‌ବଲ୍ ଖେଳାଳି ଏମିତି ଏକ କାରନାମା କରି ଦେଖାଇଛନ୍ତି, ଯାହା ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସ୍ୱିଡେନ୍‌ର ଫୁଟବଲ ଖେଳାଳି ଡାନିଏଲ ଯାକୋବ ୨୮ ଘଣ୍ଟା ପର୍ଯ୍ୟନ୍ତ ଫୁଟ୍‌ବଲର ଭାରସାମ୍ୟ ପବନରେ ରକ୍ଷା କରିଥିଲେ। ଏହି ସମୟ ମଧ୍ୟରେ ତାଙ୍କ ଫୁଟ୍‌ବଲ୍ ଥରେ ବି ଭୂମିକୁ ସ୍ପର୍ଶ କରି ନ ଥିଲା। ସେ ବଲ୍‌କୁ ସମ୍ଭାଳିବା ପାଇଁ କେବଳ ହାତର ଉପଯୋଗ କରି ନାହାନ୍ତି ବରଂ ପାଦ, ଛାତି, ମୁଣ୍ଡ ଓ ଆଣ୍ଠୁ ସାହାଯ୍ୟରେ ପବନରେ ନିୟନ୍ତ୍ରଣରେ ରଖିଥିଲେ। ଏହିପ୍ରକାରରେ ସେ ଫୁଟ୍‌ବଲ୍‌କୁ ୨୮ ଘଣ୍ଟା ୧୨ ମିନିଟ୍ ଏବଂ ୨ ସେକେଣ୍ଡ ପର୍ଯ୍ୟନ୍ତ ଭୂମିରେ ସ୍ପର୍ଶ କରିବାକୁ ଦେଇ ନ ଥିଲେ। ତେବେ ଡାନିଏଲ ଏଥିପାଇଁ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ସେ ଏହି ରେକର୍ଡ ସ୍ୱିଡେନର ଲିଙ୍କୋପିଙ୍ଗ ସହରରେ ଗତବର୍ଷ ମେ ୩୧ ତାରିଖରେ କରିଥିଲେ। ଡାନିଏଲ ଏହି ରେକର୍ଡ ସମୟରେ ପ୍ରତି ୩ ଘଣ୍ଟାରେ ୧୫ ମିନିଟ୍ ଲେଖାଏଁ ବ୍ରେକ୍ ନେଉଥିଲେ। ପୂର୍ବରୁ ଏହି ରେକର୍ଡ ବ୍ରିଟେନର ଡାନ୍ ମାଗନେସ୍‌ଙ୍କ ନାମରେ ଥିଲା। ସେ ୨୦୧୦ ମସିହାରେ ଲଗାତାର ୨୬ ଘଣ୍ଟା ଧରି ଫୁଟ୍‌ବଲ୍‌କୁ ଭୂମିରେ ସ୍ପର୍ଶ ହେବାକୁ ଦେଇ ନ ଥିଲେ।

## ଭିନ୍ନ ଏକ କାରାଗାର

ଜେଲର ନାଁ ଶୁଣିବା ମାତ୍ରେ, ଅନ୍ଧାର କୋଠରୀ, ବଡ଼ ବଡ଼ କାନ୍ଥ କଥା ଆଖି ସାମ୍ନାକୁ ଚାଲିଆସେ। ସେହିପରି କାରାଗାରରୁ ଯେପରି କୌଣସି କଏଦୀ ଖସି ପଳାୟନ ନ କରେ ଏଥିପାଇଁ ସୁରକ୍ଷାକର୍ମୀ ମୁତୟନ ହୋଇଥାନ୍ତି। ହେଲେ ଏହାଠୁ ଭିନ୍ନ ଗ୍ରୀନଲ୍ୟାଣ୍ଡର ନ୍ୟୁକ୍ କାରାଗାର। ଏଠାରେ ଓପନ ପ୍ରିଜନ୍ ( ମୁକ୍ତ କାରାଗାର) ସିଷ୍ଟମ ଲାଗୁ କରାଯାଇଛି। ଯେଉଁଥିରେ ସଜା ଦେବାର ଅର୍ଥ କେବଳ ଦଣ୍ଡ ନୁହେଁ, ବରଂ ଜଣେ କଏଦୀଙ୍କୁ ଭଲ ମଣିଷ କରିବା। ତେଣୁ ଏହି କାରାଗାରରେ ଉଚ୍ଚ ପ୍ରାଚୀର କିମ୍ବା ଲୁହାର ମଜଭୁତ ଫାଟକ ନ ଥାଏ। ଏହାସତ୍ତ୍ୱେ ବି କଏଦୀ ଜେଲ୍‌ରୁ ଲୁଚି ପଳାଇ ଯାନ୍ତି ନାହିଁ। ଏହାର କାରଣ ହେଉଛି ଏଠାକାର ସମାଜର ପ୍ରଚଳିତ ନିୟମ ଏବଂ ସେମାନଙ୍କ ଚିନ୍ତାଧାରା। ଏହି କାରାଗାରଗୁଡ଼ିକୁ ନାଇଟ୍ ଜେଲ କୁହାଯାଏ। ଏଠାରେ କଏଦୀମାନେ ଦିନରେ ବାହାରକୁ ଯାଆନ୍ତି। କେବଳ ସେତିକି ନୁହେଁ, କଏଦୀମାନେ ଦିନରେ ଚାକିରି କରିବା ସହ ପାଠପଢ଼ିବା, ଦକ୍ଷତାବିକାଶ ପ୍ରଶିକ୍ଷଣରେ ସାମିଲ ହେବା ସହ ବାହାରର କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥାନ୍ତି। ସନ୍ଧ୍ୟା ହେବା ମାତ୍ରେ ସବୁ କଏଦୀ ପୁଣିଥରେ କାରାଗାରକୁ ଫେରି ଆସନ୍ତି। ଏହି ବ୍ୟବସ୍ଥା କଏଦୀମାନଙ୍କୁ ସମାଜ ସହ ଯୋଡ଼ି ରଖିଥାଏ। ତେବେ ଗ୍ରୀନ୍‌ଲାଣ୍ଡର ସମୁଦାୟ ଜନସଂଖ୍ୟା ୫୭ ହଜାର ରହିଛି। ଏଠାରେ ପ୍ରତ୍ୟେକ ଲୋକ ପ୍ରତ୍ୟେକ ଲୋକଙ୍କୁ ଚିହ୍ନିଥାନ୍ତି। ତେଣୁ କୌଣସି କଏଦୀ ଏଠାରେ ନିୟମ ଭାଙ୍ଗିଲେ କିମ୍ବା ଖସି ପଳାଇବାକୁ ଉଦ୍ୟମ କଲେ, ତାଙ୍କ ଖବର ସମ୍ପୂର୍ଣ୍ଣ ଅଞ୍ଚଳରେ ବ୍ୟାପିଯାଏ। ଏପରିସ୍ଥଳେ କୌଣସି କଏଦୀ ଲୁଚି ରହିବା ଅସମ୍ଭବ। ଗ୍ରୀନଲ୍ୟାଣ୍ଡରେ ଏହି ନ୍ୟୁକ୍ ଜେଲ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା। ଏଠାରେ କଏଦୀଙ୍କୁ ଖାଦ୍ୟ ପ୍ରସ୍ତୁତି କରିବାର ସ୍ୱାଧୀନତା ମଧ୍ୟ ରହିଛି। ସେହିପରି ସେମାନଙ୍କୁ ଫୋନ୍ ବ୍ୟବହାର କରିବା ଏବଂ ପରିବାର ସମ୍ପର୍କରେ ରହିବାର ଅନୁମତି ମଧ୍ୟ ରହିଛି। କଏଦୀମାନେ ସମାଜରୁ ନିଜକୁ ପୃଥକ୍ ମନେ ନ କରିବା ପାଇଁ ଏହି ବ୍ୟବସ୍ଥା ରହିଛି। ପୂର୍ବରୁ ଗମ୍ଭୀର ଅପରାଧରେ ସମ୍ପୃକ୍ତ ଅପରାଧୀଙ୍କୁ ଡେନମାର୍କ ପଠାଯାଉଥିଲା। ଏବେ ନୀତି ବଦଳି ଯାଇଛି। ଏବେ ଦେଶ ମଧ୍ୟରେ କଏଦୀମାନଙ୍କୁ ରଖାଯାଉଛି। ଏପରି କରିବାର ବିଶେଷତ୍ୱ ହେଉଛି କଏଦୀମାନେ ନିଜ ଦେଶ, ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ରହିବେ। ତେବେ ଏଠାରେ ଏପରି ଜେଲ୍ ନିର୍ମାଣର ଉଦ୍ଦେଶ୍ୟ କଏଦୀଙ୍କୁ ଏକ ଉନ୍ନତ ଜୀବନ ଦେଇ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା।



## ଆଜିର ଇତିହାସ

- ୧୯୧୬- ପ୍ରଥମ ବିଶ୍ୱଯୁଦ୍ଧରେ ଫ୍ରାନ୍ସ ଉପରେ ଜର୍ମାନୀ ପ୍ରଥମ ଥର ଆକ୍ରମଣ କଲା।
- ୧୯୩୯- ରାମକୃଷ୍ଣ ମିଶନ ସାଂସ୍କୃତିକ ସଂସ୍ଥାନର ସ୍ଥାପନା।
- ୧୯୫୩- ସଙ୍ଗୀତ ନାଟକ ଏକାଡେମୀର ସ୍ଥାପନା।
- ୧୯୮୮- ବ୍ରିଟେନର ଏକ ବୋଇଂ ବିମାନ ୩୬ ଘଣ୍ଟାରେ ବିଶ୍ୱ ପରିକ୍ରମା କଲା।
- ୧୯୯୪- ଭାରତ ସରକାର 'ଏୟାର୍ କର୍ପୋରେସନ୍ ଆକ୍ଟ'କୁ ରଦ୍ଦ କରିଦେଲେ।
- ୨୦୦୩- ହିମାଚଳ ପ୍ରଦେଶ ବିଧାନସଭାକୁ ଭାଙ୍ଗି ଦିଆଗଲା।



## ସବୁଠୁ ଦାମୀ ଆଚାର

ଅନେକ ଭାତ ସହ ଆଚାର ଖାଇବାକୁ ପସନ୍ଦ କରୁଥିବାବେଳେ କେହିକେହି ଏହାକୁ ରୁଟି, ପରଟା ସହ ମଧ୍ୟ ଖାଇବାକୁ ଭଲ ପାଇଥାନ୍ତି। ବିଶ୍ୱର ସବୁଠୁ ଦାମୀ ଆଚାର ଭାବେ '୨୪ କ୍ୟାରେଟ୍' ଆଚାର ପରିଚିତ। ଆମେରିକୀୟ ରିଆଲିଟି ଶୋ' 'ମୋଷ୍ଟ ଏକ୍ସପେନ୍‌ସିଭିଏଷ୍ଟ' ପାଇଁ ଏହି ଆଚାର ପ୍ରସ୍ତୁତ କରାଯାଇଥିଲା। ଏହାକୁ ପ୍ରିମିୟମ୍ ବ୍ରାଣ୍ଡ ' ଦ ରିଅଲ ଡିଲ୍' ତରଫରୁ ପ୍ରସ୍ତୁତ କରାଯାଇଥିଲା। ଏହା ୨୪ କ୍ୟାରେଟ୍ ସୁନାରୁ ପ୍ରେରିତ ହୋଇଥିଲା। ଭାରତୀୟ ମୁଦ୍ରାରେ ଏହି ଆଚାରର ମୂଲ୍ୟ ୧, ୩୯, ୭୪୫ ଟଙ୍କା ଥିଲା। ଏଥିରେ ଗାଜରର ବ୍ୟବହାର କରାଯାଇଥିଲା। ଏହାକୁ ଜେମ୍‌ଷ୍ଟୋନ୍ ଭଳି ଆକାର ଦିଆଯାଇଥିଲା। ସେହିଭଳି ଏଥିରେ ସାମ୍ପେନ୍ ଭିନେଗାର, ଓରେଗନ୍ ସି ସଲ୍ଟ, ଇରାନୀ କେଶର, ଫ୍ରେଞ୍ଚ୍ ଲଙ୍କା, ମେକ୍ସିକାନ୍ ବିନ୍‌ସ ଭଳି ଦାମୀ ଜିନିଷ ପଡ଼ିଥିଲା। ତେବେ ଏହି ଆଚାର କେବଳ ଏହି ଶୋ ପାଇଁ ହିଁ ପ୍ରସ୍ତୁତ କରାଯାଇଥିଲା। ବଜାରରେ ଏହା ବିକ୍ରି କରାଯାଇ ନ ଥିଲା।

## ପ୍ରତିଦିନ କେତେ ତେଲ ଖାଇବା ଦରକାର



ଭାରତୀୟ ଖାଦ୍ୟଗୁଡ଼ିକରେ ତେଲର ଖୁବ୍ ଗୁରୁତ୍ୱ ରହିଛି। ହେଲେ ଆବଶ୍ୟକତା ଠୁ ଅଧିକ ତେଲ ଶରୀର ପାଇଁ କ୍ଷତିକାରକ। ଜଣେ ସୁସ୍ଥ ବ୍ୟକ୍ତି ମାସକୁ ୫୦୦-୬୦୦ ମିଲିଲିଟର ତେଲ ବ୍ୟବହାର କରିବା ଉଚିତ। ସେହିପରି ରିଫାଇନ୍ ବଦଳରେ ସୋରିଷ ତେଲ କାହିଁକି ଉତ୍ତମ, ସେକଥା ବି ଅନେକ ଜାଣନ୍ତି ନାହିଁ। ଗତ କିଛି ବର୍ଷ ମଧ୍ୟରେ ରନ୍ଧା ତେଲକୁ ନେଇ ଅନେକ ଗବେଷଣା ସାମ୍ନାକୁ ଆସିଛି। ଯେଉଁଥିରେ ଖରାପ ତେଲକୁ ହୃଦୟ ପାଇଁ କ୍ଷତିକାରକ ବୋଲି କୁହାଯାଇଛି। ତେଣୁ ଏକଥା ଜାଣିବା ଜରୁରି ଯେ, ପ୍ରତିଦିନ ଆମେ କେଉଁ ପ୍ରକାର ତେଲ ବ୍ୟବହାର କରୁଛୁ ଏବଂ ଏହା ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଏ। ଫରିଦାବାଦ୍ ସ୍ଥିତ ମାରେଙ୍ଗୋ ହସ୍‌ପିଟାଲର ହୃଦ୍‌ରୋଗ ବିଶେଷଜ୍ଞ ଡା. ଗଜିନ୍ଦର କୁମାର ଗୋଏଲ କହିଛନ୍ତି, 'ସବୁବେଳେ ସୀମିତ ମାତ୍ରାରେ ତେଲ ସେବନ କରିବା ଜରୁରି। ସେହିପରି ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୩ରୁ ୪ ଚାମଚ (୧୫-୨୦ ମିଲିଲିଟର) ତେଲରୁ ଅଧିକ ଖାଇବା ଅନୁଚିତ।' ଏହାର ଅର୍ଥ ହେଉଛି, ଜଣେ ସୁସ୍ଥ ବ୍ୟକ୍ତିଙ୍କ ପାଇଁ ମାସକୁ ୫୦୦-୬୦୦ ମିଲିଲିଟର ତେଲ ଯଥେଷ୍ଟ। ସେହିପରି ୪ଜଣିଆ ପରିବାର ଲାଗି ୨ ଲିଟରରୁ ଅଧିକ ତେଲ ବ୍ୟବହାର କରିବା ଅନାବଶ୍ୟକ। ସୋରିଷ, ସୋୟା, ଅଲିଭ୍, ନଡ଼ିଆ ତେଲ ବ୍ୟତୀତ ବଜାରରେ ଅନେକ ତେଲ ମିଳିଥାଏ। ଏଭଳି ସ୍ଥିତିରେ ପ୍ରଶ୍ନ ଉଠେ ଯେ, ଏଥିରୁ କେଉଁ ତେଲ ସ୍ୱାସ୍ଥ୍ୟ ଲାଗି ହିତକର। ତେବେ ସୋରିଷ, ସୂର୍ଯ୍ୟମୁଖୀ ଏବଂ ଅଲିଭ୍ ତେଲ ହୃଦୟ ସ୍ୱାସ୍ଥ୍ୟ ଲାଗି ଉତ୍ତମ ବିକଳ୍ପ। ହେଲେ ହୃଦୟ ସ୍ୱାସ୍ଥ୍ୟ ଲାଗି ସୋରିଷ ତେଲ ଉତ୍ତମ। ସେହିପରି ହୃଦୟ ପାଇଁ ସୂର୍ଯ୍ୟମୁଖୀ ତେଲ ବି ଉତ୍ତମ, କିନ୍ତୁ ଭାରତୀୟ ଖାଦ୍ୟ ଲାଗି ଅଲିଭ୍ ଅଏଲ ଠିକ୍ ନୁହେଁ। ସେହିଭଳି ରନ୍ଧା ତେଲରେ ରିଫାଇନ୍ ତେଲ ବ୍ୟବହାର କମ୍ କରିବା ଭଲ। ଏହି ତେଲ ଅଧିକ ତାପମାତ୍ରା ଏବଂ ରାସାୟନିକ ପ୍ରକ୍ରିୟାକରଣ ଦେଇ ଗତି କରେ। ଏହାଦ୍ୱାରା ଏଥିରେ ବିଷାକ୍ତ ତତ୍ତ୍ୱ ସୃଷ୍ଟି ହୋଇପାରେ। ଦୀର୍ଘ ସମୟ ଏହାର ସେବନ ଦ୍ୱାରା ଶରୀରରେ ଖରାପ କୋଲେଷ୍ଟ୍ରୋଲ ବଢ଼ିପାରେ ଏବଂ ଏହା ହୃଦ୍‌ରୋଗର ବଡ଼ କାରଣ ବୋଲି କୁହାଯାଉଛି। ସେହିଭଳି ସବୁଦିନ ଅଧିକ ଡିପ୍ ଫ୍ରାଏଡ୍ ଖାଦ୍ୟ ଖାଇବା ଶରୀର ପାଇଁ ବେଶ୍ କ୍ଷତିକାରକ ହୋଇଥାଏ। ଏହାଦ୍ୱାରା ମୋଟାପଣ, ମଧୁମେହ, ସହ ହୃଦ୍‌ଘାତ ହେବା ଆଶଙ୍କା ଦ୍ୱିଗୁଣ ବଢ଼ିଯାଏ। ତେବେ ଜଣେ ସୁସ୍ଥ ଲୋକ ମାସକୁ ୫୦୦-୬୦୦ ମିଲିଲିଟର ତେଲ ଖାଇବା ଦରକାର। ସେହିପରି ହୃଦୟ ସ୍ୱାସ୍ଥ୍ୟକୁ ଭଲ ରଖିବା ପାଇଁ ସଠିକ୍ ତେଲ ଓ ସୀମିତ ମାତ୍ରାରେ ତେଲ ବ୍ୟବହାର କରିବା ଜରୁରି ବୋଲି ଡାକ୍ତର ଗୋଏଲ କହିଛନ୍ତି। ତେବେ ଛାଣିବା ହେଉ କି ରାନ୍ଧିବା ପାଇଁ ତେଲକୁ ଥରେ ବ୍ୟବହାର କରିବା ଦରକାର।

## ଆଜିର ରାଶିଫଳ

**ମେଷ:** କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଦୂର ଯାତ୍ରା ଯୋଗ ରହିଛି। ପୁରୁଣା ସମସ୍ୟାର ସମାଧାନ ହେବ। ଜୀବନସାଥୀଙ୍କ ସହଯୋଗ ମିଳିବ। ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବୃଷ:** ପାରିବାରିକ ସମସ୍ୟା ଦେଖା ଦେବ। ଧନ ପ୍ରାପ୍ତି ହେବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଆୟ କମ୍ ହେବ ଏବଂ ଖର୍ଚ୍ଚ ବଢ଼ିବ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ମିଥୁନ:** ପିତାଙ୍କ ସହଯୋଗ ମିଳିବ। ଆୟରେ ଉନ୍ନତି ପରିଲକ୍ଷିତ ହେବ। ଋଣ ସମସ୍ୟା ସମାଧାନ ହେବ। କାର୍ଯ୍ୟସ୍ଥଳରେ ବରିଷ୍ଠଙ୍କ ସହଯୋଗ ମିଳିବ। ଚିନ୍ତାମୁକ୍ତ ରହିବେ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତାରେ ରହିବେ। କାର୍ଯ୍ୟରେ ସଫଳତା ମିଳିବ। ଧନ ପ୍ରାପ୍ତି ଯୋଗ ରହିଛି। ଦିନଟି ବ୍ୟସ୍ତତା ଭିତରେ ବିତିବ। ବିଦ୍ୟାର୍ଥୀ ପରୀକ୍ଷାରେ ଭଲ କରିବେ।

**ସିଂହ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଟକିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଉତ୍ତମ। ଠିକ୍ ସମୟରେ କାର୍ଯ୍ୟ ପୂରା କରିବେ।

**କନ୍ୟା:** ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧନ ଆଗମନର ଯୋଗ ରହିଛି। କାର୍ଯ୍ୟରେ ମନ ଲାଗିବ ନାହିଁ। ବିଦ୍ୟାର୍ଥୀ ପାଠରେ ମନୋନିବେଶ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଧନ ଆଗମନ। ନୂଆ ଯାନ କିଣିପାରନ୍ତି। ପରିବାର ସହିତ ସମ୍ପର୍କ ମଧୁର ହେବ।

**ବିଛା:** ସମସ୍ୟାକୁ ସାମ୍ନା କରିବେ। ବିରୋଧୀଙ୍କଠାରୁ ଦୂରେଇ ରୁହନ୍ତୁ। ମନ ଉଦାସ ରହିବ। କାର୍ଯ୍ୟରେ ଲୋକଙ୍କ ସାହାଯ୍ୟ ମିଳିବ। ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ସମୟ।

**ଧନୁ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କାର୍ଯ୍ୟରେ ପଦୋନ୍ନତି ମିଳିବା ସମ୍ଭାବନା ଅଧିକ। ପୂଜାକାର୍ଯ୍ୟରେ ସମୟ କଟିବ। ଘରେ ସମସ୍ୟା ଦେଖା ଦେବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଭଲ ଦିନ।

**ମକର:** ମନୋରଞ୍ଜନରେ ସମୟ ବିତିବ। ସାଙ୍ଗସାଥୀଙ୍କ ସହଯୋଗରେ କାର୍ଯ୍ୟ ସଫଳ ହେବ। ଆୟରେ ବୃଦ୍ଧି ହେବ। ମାନସିକ ଦୁଶ୍ଚିନ୍ତାରେ ରହିବେ।

**କୁମ୍ଭ:** ରାଜନୀତିରେ ଆଶାତୀତ ସଫଳତା ମିଳିବ। ବ୍ୟବସାୟ ଓ ଚାକିରିରୁ ଲାଭ ମିଳିବ। ଗାଈଙ୍କୁ ଖାଇବାକୁ ଦିଅନ୍ତୁ। ପାରିବାରିକ ଜୀବନ ସୁଖମୟ ହେବ।

**ମୀନ:** ବାଦ ବିବାଦଠାରୁ ଦୂରେଇ ରୁହନ୍ତୁ। ଆୟ କମ୍ ଓ ବ୍ୟୟ ଅଧିକ ହେବ। ଅଯଥା କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାର୍ଯ୍ୟରେ ପରିବାର ଲୋକଙ୍କ ସହଯୋଗ ମିଳିବ।

ସକାଳ THE SAKALA
www.sakalaepaper.com

## ଟିମ୍ ସେଫର୍ଟ ଓ ଡେଭନ କନୱେଙ୍କ ବିସ୍ଫୋରକ ବ୍ୟାଟିଂ

# ଚତୁର୍ଥ ଟି-୨୦ରେ ଜିତିଲା ନ୍ୟୁଜିଲାଣ୍ଡ

ବିଶାଖାପାଟଣା,୨୮।୧(ଏଜେନ୍ସି):

ଟିମ୍ ସେଫର୍ଟ ଓ ଡେଭନ କନୱେଙ୍କ ବିସ୍ଫୋରକ ବ୍ୟାଟିଂ ଓ ପ୍ରତିପକ୍ଷ ଦଳର ଶିବମ ଦୁବେଙ୍କ ଦୁର୍ଭାଗ୍ୟଜନକ ରନ୍‌ଆଉଟ ବଳରେ ଏଠାରେ ବୁଧବାର ଖେଳାଯାଇଥିବା ଚତୁର୍ଥ ଟି-୨୦ରେ ନ୍ୟୁଜିଲାଣ୍ଡ ୫୦ ରନ୍‌ରେ ଭାରତକୁ ପରାସ୍ତ କରିଛି। ସିରିଜ୍‌ରେ ପ୍ରଥମ ପରାଜୟ ସତ୍ତ୍ୱେ ଭାରତ ୩-୧ରେ ଅଗ୍ରଣୀ ରହିଛି। ସିରିଜ୍‌ର ପଞ୍ଚମ ତଥା ଶେଷ ମ୍ୟାଚ୍ ତିରୁଅନନ୍ତପୁରମରେ ଜାନୁଆରୀ ୩୧ରେ ଖେଳାଯିବ। ଏଠାରେ ୩୬ ବଲ୍‌ରୁ ୬୨ ରନ୍ କରିଥିବା ଟିମ୍ ସେଫର୍ଟଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ସେଫର୍ଟଙ୍କ ୬୨, କନୱେଙ୍କ ୨୩ ବଲ୍‌ରୁ ୪୪ ଓ ଡାରିଲ ମିଚେଲଙ୍କ ୧୮ ବଲ୍‌ରେ ୩୯ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୨୧୫ ରନ୍ କରିଥିଲା। ଜବାବରେ ଭାରତ ଆରମ୍ଭରୁ ଜଣଙ୍କ ପରେ ଜଣେ ବ୍ୟାଟରଙ୍କୁ ହରାଇ ୧୮.୪ ଓଭରରେ ୧୬୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୧୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଶିବମ ଦୁବେ ମାତ୍ର ୨୩ ବଲ୍‌ରେ ୩ ଚୌକା ଓ ୭ ଛକା ସହ ସର୍ବାଧିକ ୬୫ ରନ୍ କରିଥିଲେ। ଏହି ସ୍କୋରରେ ସେ ନନ୍‌ଷ୍ଟ୍ରାଇକର ଏଣ୍ଡରେ ଥିଲାବେଳେ ଷ୍ଟ୍ରାଇକର ହର୍ଷିତ ରାଣା ମାରିଥିବା ଷ୍ଟ୍ରେଟ୍ ଡ୍ରାଇଭ୍ ସଟ୍‌ଟି ବୋଲର ମ୍ୟାଟ୍ ହେନରୀଙ୍କ ହାତକୁ ଛୁଇଁ ୱିକେଟରେ ବାଜିଥିଲା। କ୍ରିଜ୍‌ରେ ନ ଥିବା ଦୁବେ ୬୫ ରନ୍‌ରେ ରନ୍‌ଆଉଟ ହୋଇଥିଲେ ଓ ଭାରତର ବିଜୟ ଆଶା ଧୂଳିସାତ ହୋଇଯାଇଥିଲା। ଅନ୍ୟ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ କେବଳ ରିଙ୍କୁ ସିଂ ୩୦ ବଲ୍‌ରୁ ୩୯, ସଞ୍ଜୁ ସାମସନ ୧୫ ବଲରୁ ୨୪ ରନ୍ କରି ଡବଲ ଫିଗର ଛୁଇଁଥିଲେ। ଅନ୍ୟ କେହି ଦୁଇଅଙ୍କ ଛୁଇଁପାରି ନ ଥିଲେ। ଦଳ ପକ୍ଷରୁ ପ୍ରଥମ ବଲ୍‌ରେ ଅଭିଷେକ ଶର୍ମା, ଦ୍ୱିତୀୟ ଓଭରରେ ସୂର୍ଯ୍ୟକୁମାର ଯାଦବ (୮), ହାର୍ଦ୍ଦିକ ପାଣ୍ଡ୍ୟା ୨, ହର୍ଷିତ ରାଣା ୯ ରନ୍ କରି ଆଉଟ ହୋଇଥିଲେ। ଏହି ମ୍ୟାଚ୍‌ରେ ଭାରତ ୫ଜଣ ବୋଲରଙ୍କୁ ଖେଳିବାର ସୁଯୋଗ ଦେଇଥିଲେ ମଧ୍ୟ ଅଲରାଉଣ୍ଡର ଅକ୍ଷର ପଟେଲ, ଇଶାନ କିଶାନ ଓ ଶ୍ରେୟସ ଆୟରଙ୍କୁ ଖେଳିବାକୁ ସୁଯୋଗ ଦେଇ ନ ଥିଲା।



ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡର ଦୁଇ ଓପନର ଡେଭନ କନୱେ ଓ ଟିମ୍ ସେଫର୍ଟ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ବିଶେଷକରି ସେଫର୍ଟଙ୍କ ବ୍ୟାଟରୁ ଚୌକା ଛକା ଦେଖିବାକୁ ମିଳିଥିଲା। ଫଳରେ ନ୍ୟୁଜିଲାଣ୍ଡ ୪.୩ ଓଭରରେ ୫୦ ଓ ୧୦ ଓଭରରେ ୧୦୮ ରନ୍ ଉଠାଇଥିଲା। କନୱେ ଓ ସେଇଫର୍ଟ ପାୱାରପ୍ଲେ'ରେ ୭୧ ରନ୍ ଉଠାଇଥିଲେ। ଭାରତରେ ଏହା ପାୱାରପ୍ଲେରୁ ସର୍ବାଧିକ ରନ୍ ସଂଗ୍ରହ। ଦୁଇ ଓପନରଙ୍କ ଲଢୁଆ ବ୍ୟାଟିଂ ଯୋଗୁ ଭ୍ରମଣକାରୀ ଦଳ ଓପନିଂ ୱିକେଟରୁ ୫୦ ବଲ୍‌ରେ ୧୦୦ ରନ୍ ଉଠାଇଥିଲା। ଓପନରଙ୍କ ମଧ୍ୟରୁ ପ୍ରଥମେ ଆଉଟ ହୋଇଥିବା କନୱେ ୨୩ ବଲ୍‌ରୁ ୪ ଚୌକା ଓ ୩ଛକା ସହ ୪୪ ଏବଂ ସେଫର୍ଟ ୩୬ ବଲ୍‌ରେ ୭ ଚୌକା ଓ ୩ ଛକା ସହ ସର୍ବାଧିକ ୬୨ ରନ୍ କରିଥିଲେ। ଶେଷ ଭାଗରେ ଗ୍ଲେନ୍ ଫିଲିପ୍ସ ୧୬ ବଲ୍‌ରେ ୨୪ ଏବଂ ଡାରିଲ ମିଚେଲ ୧୮ ବଲ୍‌ରୁ ୨ ଚୌକା ଓ ୩ ଛକା ସହାୟତାରେ ଅପରାଜିତ ୩୯ ରନ୍ କରିବା ଫଳରେ ଦଳ ୨୦୦ ରନ୍ ଅତିକ୍ରମ କରିଥିଲା।

### ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ: ୨୧୫/୭, ୨୦ ଓଭର** (ସେଫର୍ଟ- ୬୨, କନୱେ- ୪୪, ମିଚେଲ ଅପରାଜିତ- ୩୯, ଫିଲିପ୍ସ- ୨୪, ରବୀନ୍ଦ୍ର- ୨, ସାଣ୍ଟନର- ୧୧, ଚାପମ୍ୟାନ- ୯, ଅର୍ଶଦୀପ୍- ୨/୩୩, କୁଲଦୀପ୍- ୨/୩୯)।

**ଭାରତ: ୧୬୫/୧୦, ୧୮.୪ ଓଭର** (ଦୁବେ- ୬୫, ଅଭିଷେକ- ୦, ସୂର୍ଯ୍ୟକୁମାର- ୮, ସଞ୍ଜୁ -୨୪, ରିଙ୍କୁ- ୩୯, ପାଣ୍ଡ୍ୟା- ୨, ସାଣ୍ଟନର- ୩/୨୬, ଡଫି- ୨/୩୩, ସୋଧୀ- ୨/୪୬)।

## ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍ | ସୂର୍ଯ୍ୟକୁମାରଙ୍କ ମାନ୍ୟତାରେ ଉନ୍ନତି



ଦୁବାଇ,୨୮।୧(ଏଜେନ୍ସି): ଆଇସିସି ପକ୍ଷରୁ ପ୍ରକାଶିତ ସର୍ବଶେଷ ଟି-୨୦ ମାନ୍ୟତାରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ମାନ୍ୟତାରେ ଉନ୍ନତି ହୋଇ ୭ମ ସ୍ଥାନରେ ପହଞ୍ଚିଛନ୍ତି। ଭାରତରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରେ ସେ ଯଥାକ୍ରମେ ୩୨, ୮୨ ଓ ଅପରାଜିତ ୫୭ ରନ୍ କରିବା ପରେ ୧୦ ଦିନ ତଳେ ଫର୍ମରେ ନ ଥିବା ସୂର୍ଯ୍ୟକୁମାରଙ୍କ ଏହି ଉନ୍ନତି ହୋଇଛି। ଭାରତର ଅଭିଷେକ ଶର୍ମା ପୂର୍ବପରି ନଂ-୧ ସ୍ଥାନରେ ରହିଛନ୍ତି। ଆଘାତ ଯୋଗୁ ଏହି ସିରିଜ୍ ଖେଳୁ ନ ଥିଲେ ମଧ୍ୟ ତିଳକ ବର୍ମା ପୂର୍ବପରି ନଂ-୩ ପୋଜିସନରେ ରହିଛନ୍ତି।

## ଜେମିମା ରୋଡ୍ରିଗ୍ସେଜଙ୍କୁ ୧୨ ଲକ୍ଷ ଜରିମାନା



ଭଦୋଦରା, ୨୮ ।୧ (ଏଜେନ୍ସି): ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ)ରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ନେତୃତ୍ୱ ନେଉଥିବା ଜେମିମା ରୋଡ୍ରିଗ୍ସେଜଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନ କରାଯାଇଛି। ମଙ୍ଗଳବାର ଗୁଜରାଟ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚରେ ସ୍ଲୋ ଓଭର ବୋଲିଂ କରିଥିବାରୁ ଦିଲ୍ଲୀ ଅଧିନାୟିକାଙ୍କ ଉପରେ ଏହି ଅର୍ଥଦଣ୍ଡ ଲାଗିଛି। ଚଳିତ ସିଜନରେ ଦିଲ୍ଲୀ ଦଳର ଏହା ପ୍ରଥମ ସ୍ଲୋ ଓଭର ବୋଲିଂ ଥିଲା। ତେଣୁ ଡବ୍ଲ୍ୟୁପିଏଲ୍‌ର ଆଚରଣ ସଂହିତା ଅନୁଯାୟୀ ଜେମିମାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି ବୋଲି ଡବ୍ଲ୍ୟୁପିଏଲ୍ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଗୁଜରାଟ ବିପକ୍ଷ ଏହି ମ୍ୟାଚରେ ଦିଲ୍ଲୀ ନାଟକୀୟ ଭାବେ ଶେଷରେ ୩ ରନରେ ପରାସ୍ତ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚରୁ ୬ ପଏଣ୍ଟ ପାଇ ଦିଲ୍ଲୀ ପାଞ୍ଚଦଳୀୟ ଟେବଲ୍ ତାଲିକାର ୬ଷ୍ଠ ସ୍ଥାନରେ ରହିଛି। ଶେଷ ଲିଗ୍‌ରେ ଦଳ ଫେବ୍ରୁଆରୀ ୧ ତାରିଖରେ ୟୁପି ୱାରିୟର୍ଜଙ୍କୁ ଭେଟିବ। ଏହି ମ୍ୟାଚରେ ବିଜୟୀ ହୋଇ ଶୀର୍ଷ-୩ରେ ପ୍ରବେଶ କରି ପ୍ଲେ-ଅଫ୍‌କୁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ଦିଲ୍ଲୀ କ୍ୟାପିଟାଲ୍ସ ରହିଛି।

## ସିନ୍ଧୁଙ୍କ ନାମରେ ଦ୍ରୁତତମ ସ୍ମାଶ୍



ନୂଆଦିଲ୍ଲୀ, ୨୮ ।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ମହିଳା ବ୍ୟାଡ୍‌ମିଣ୍ଟନ ଇତିହାସରେ ଦ୍ରୁତତମ ସ୍ମାଶ୍ ମାରିଛନ୍ତି। ନିକଟରେ ଶେଷ ହୋଇଥିବା ଇଣ୍ଡୋନେସିଆ ମାଷ୍ଟର୍ସରେ ସିନ୍ଧୁ ଏହି ରେକର୍ଡ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ମହିଳା କ୍ୱାର୍ଟରରେ ସିନ୍ଧୁଙ୍କ ମୁକାବିଲା ଥାଇଲାଣ୍ଡର ବୁସାନାନ ଓଙ୍ଗବାମରଙ୍ଗଫାନଙ୍କ ସହ ହୋଇଥିଲା। କ୍ୱାର୍ଟର ଫାଇନାଲର ଏହି ଲଢ଼େଇ ଅବସରରେ ସିନ୍ଧୁ ଏକ ଜୋରଦାର ରିଟର୍ଣ୍ଣ ସଟ୍ ଖେଳିଥିଲେ। ଏହି ସ୍ମାଶର ଘଣ୍ଟାପ୍ରତି ବେଗ ୩୮୦ କିମି ରହିଥିଲା। ମହିଳା ସିଙ୍ଗଲ୍ସରେ ଦ୍ରୁତତମ ସ୍ମାର୍ଶ ମାରିବାରେ ସିନ୍ଧୁଙ୍କ ପଛକୁ ବୁସାନାନ ୨ୟ ସ୍ଥାନରେ ରହିଛନ୍ତି। ବୁସାନାନ ୩୭୩.୫ କିମି ବେଗରେ ସ୍ମାଶ୍ କରିଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ ୪୪୬.୧ କିମି ବେଗରେ ସ୍ମାଶ୍ କରି ଥାଇଲାଣ୍ଡର ପାନିତଚାପୋନ ତୀରାରସ୍କୁଲ ତାଲିକାର ଶୀର୍ଷରେ ରହିଛନ୍ତି। ଭାରତର ଲକ୍ଷ୍ୟ ସେନ୍ (୪୧୯ କିମି) ପୁରୁଷ ବିଭାଗରେ ୭ମ ସ୍ଥାନରେ ରହିଛନ୍ତି।

## ଟି-୨୦ ବିଶ୍ୱକପ୍ | ନେଦରଲାଣ୍ଡସକୁ ଐତିହାସିକ ଯୋଗ୍ୟତା



କାଠମାଣ୍ଡୁ,୨୮।୧(ଏଜେନ୍ସି): ନେଦରଲାଣ୍ଡସ ମହିଳା କ୍ରିକେଟ ଟିମ୍ ପ୍ରଥମଥର ଲାଗି ଟି-୨୦ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଇଂଲଣ୍ଡ ଓ ସ୍କଟଲାଣ୍ଡରେ ଏହି ବିଶ୍ୱକପ୍ ଜୁନ୍ ୧୨ରୁ ଆରମ୍ଭ ହେବ। ନେପାଳର କୀର୍ତ୍ତିପୁରଠାରେ ଚାଲିଥିବା ଗ୍ଲୋବାଲ କ୍ୱାଲିଫାୟର୍ସରେ ନେଦରଲାଣ୍ଡସ ୨୧ ରନ୍‌ର ଡିଏଲ୍‌ଏସ୍ ମେଥଡ୍‌ରେ ଯୁକ୍ତରାଷ୍ଟ୍ର ଆମେରିକାକୁ ପରାସ୍ତ କରି ଐତିହାସିକ ଯୋଗ୍ୟତା ଅର୍ଜନ କରିଛି। ଏହି ମୁକାବିଲାରେ ନେଦରଲାଣ୍ଡସ ୧୩୦ ରନ୍‌ର ଲକ୍ଷ୍ୟକୁ ପିଛା କରି ୧୨ ଓଭରରେ ୨ ୱିକେଟ ହରାଇ ୯୦ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ଏଣୁ ଡିଏଲ୍‌ଏସ୍ ମେଥଡ୍‌ରେ ଦଳକୁ ବିଜୟୀ ଘୋଷିତ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ଜିମ୍ବାୱେ, ସ୍କଟଲାଣ୍ଡ, ନେପାଳ ଓ ଥାଇଲାଣ୍ଡକୁ ହରାଇ ନେଦରଲାଣ୍ଡସ ଶୀର୍ଷସ୍ଥାନରେ ରହିଥିଲା। ସୁପରସିକ୍ସର ପ୍ରଥମ ମ୍ୟାଚ୍‌ରେ ଆମେରିକାକୁ ହରାଇ ଦଳ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଥିଲାବେଳେ ଆୟର୍ଲାଣ୍ଡ ଓ ବାଂଲାଦେଶ ସହ ମ୍ୟାଚ୍ ଖେଳିବ। ଥାଇଲାଣ୍ଡକୁ ହରାଇ ବାଂଲାଦେଶ ମଧ୍ୟ ଟି-୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହି ବିଶ୍ୱକପ୍‌ରେ ୧୨ଟି ଦଳ ଅଂଶଗ୍ରହଣ କରୁଥିଲାବେଳେ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍, ପାକିସ୍ତାନ ଓ ଶ୍ରୀଲଙ୍କା ସିଧାସଳଖଭାବେ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଉ ୨ଟି ସ୍ଥାନ ଲାଗି ସ୍କଟଲାଣ୍ଡ, ଆୟର୍ଲାଣ୍ଡ, ଆମେରିକା ଓ ଥାଇଲାଣ୍ଡ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ।

## ୧୯ ବର୍ଷରୁ କମ୍ ବିଶ୍ୱକପ୍

## ଅଲିଭରଙ୍କ ଶତକ; ସେମିରେ ଅଷ୍ଟ୍ରେଲିଆ

ହରାରେ, ୨୮ ।୧ (ଏଜେନ୍ସି): ଚଳିତ ୧୯ ବର୍ଷରୁ କମ୍ ଆଇସିସି ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଦଳ ଏହାର ବିଜୟ ଧାରା ଜାରି ରଖି ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଅଷ୍ଟ୍ରେଲିଆ ଏହାର ୨ୟ ସୁପର-୬ ମ୍ୟାଚରେ ୨୨ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଏଥିପୂର୍ବରୁ ପ୍ରଥମ ସୁପର୍-୬ ମୁକାବିଲାରେ ଅଷ୍ଟ୍ରେଲିଆ ୬ ୱିକେଟରେ ଦକ୍ଷିଣ ଆଫ୍ରିକାକୁ ମାତ୍ ଦେଇଥିଲେ। ଫେବ୍ରୁଆରୀ ୩ ଓ ୪ରେ ଦୁଇଟିଯାକ ସେମିଫାଇନାଲ ଖେଳାଯିବ।

ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଅଧିନାୟକ ଅଲିଭର ପିକ୍‌ଙ୍କ ଶତକ ବଳରେ ୫୦ ଓଭରରେ ୭ ୱିକେଟ୍ ହରାଇ ୩୧୪ ରନ କରିଥିଲା। ପିକ୍ ୧୧୭ ବଲରେ ୧୦୯ ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀତେଶ ସାମୁଏଲ୍ ୫୬, ୱିଲ୍ ମାଲାଜକ୍ ୪୮ ଓ ଆଲେକ୍ସ ଲି ୟଙ୍ଗ୍ ୪୫ ରନ କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ଅଧିନାୟକ ଜୋଶୁଆ ଡ୍ରୋନ (୬୨) ଓ ଜାଚାରୀ କାର୍ଟର (୬୪)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୫୦ ଓଭରରେ ୯ ୱିକେଟ୍ ହରାଇ ୨୯୨ ରନ କରିବାକୁ ସମର୍ଥ ହୋଇଥିଲା।

## 'ପାକିସ୍ତାନ ବିଶ୍ୱକପ୍ ଖେଳୁ କି ନଖେଳୁ ଅଷ୍ଟ୍ରେଲିଆ ସିରିଜ୍ ଆମ ଲାଗି ଗୁରୁତ୍ୱପୂର୍ଣ୍ଣ'


ଲାହୋର,୨୮।୧(ଏଜେନ୍ସି): ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆସନ୍ତାକାଲିଠାରୁ ଏଠାରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଏହି ସିରିଜ୍ ଲାଗି ମିଚେଲ ମାର୍ଶଙ୍କ ନେତୃତ୍ୱରେ ଏକ ୧୭ ଜଣିଆ ଅଷ୍ଟ୍ରେଲିଆ ଦଳ ଏଠାରେ ଆଜି ପହଞ୍ଚିଛନ୍ତି। ଲାହୋରରେ ସମସ୍ତ ମ୍ୟାଚ୍ ଖେଳାଯିବ। ଜାନୁଆରୀ ୩୧ ଓ ଫେବୃଆରୀ ୧ରେ ଶେଷ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହେବ। ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଆମକୁ ଏକ କ୍ୱାଲିଟି ଦଳ ବିପକ୍ଷରେ ଖେଳି ନିଜର ଦୋଷ ଓ ଦୁର୍ବଳତା ସମ୍ପର୍କରେ ଅବଗତ ହୋଇପାରିବୁ ବୋଲି ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଘା କହିଛନ୍ତି। ବାଂଲାଦେଶକୁ ସମର୍ଥନ କରି ପାକିସ୍ତାନ ଏହି ବିଶ୍ୱକପ୍‌ରୁ ଓହରିଯିବାକୁ ଧମକ ଦେଇଛି। ପାକିସ୍ତାନ ଏହି ବିଶ୍ୱକପ୍ ଖେଳିବ କି ନାହିଁ ତାହା ଆସନ୍ତା ଶୁକ୍ରବାର କିମ୍ବା ସୋମବାର କ୍ରିକେଟ ବୋର୍ଡ ସଭାପତି ମୋହସିନ ନକ୍‌ଭି ଘୋଷଣା କରିବେ। ଏ ସମ୍ପର୍କରେ ପାକିସ୍ତାନ ଅଧିନାୟକ ସଲମାନ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। କିନ୍ତୁ ବିଶ୍ୱକପ୍ ଲାଗି ଅଷ୍ଟ୍ରେଲିଆ ସିରିଜ୍ ଆମ ଲାଗି ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

## ଜାତୀୟ ଜୁନିଅର ବୋସିଆ ଲାଗି ଓଡ଼ିଶା ଦଳ



ଭୁବନେଶ୍ୱର, ୨୮।୧ (ସମିସ): ଅହମ୍ମଦାବାଦ୍‌ଠାରେ ଆରମ୍ଭ ହୋଇଥିବା ଜାତୀୟ ଜୁନିଅର ବୋସିଆ ଚାମ୍ପିଅନସିପ୍ ଲାଗି ମନୋନୀତ ଓଡ଼ିଶା ଦଳ ସେଠାରେ ପହଞ୍ଚିଛନ୍ତି। ଏଥର ଦଳରେ ୧୧ଜଣ ଖେଳାଳି ଓ ଅନ୍ୟ ୫ଜଣ ସପୋର୍ଟ ଷ୍ଟାଫ୍ ରହିଛନ୍ତି। ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନଙ୍କ ମତରେ ଏଥର ଆମ ପ୍ରତିଯୋଗୀମାନେ ଭଲ ପ୍ରଶିକ୍ଷଣ ନେଇଛନ୍ତି। ଏଣୁ ଆମେ ଅଧିକ ପଦକ ଜିତିବୁ ବୋଲି ଆଶା ରଖିଛୁ। ଦଳରେ ସ୍ଥାନ ପାଇଥିବା ପ୍ରତିଯୋଗୀମାନେ ହେଲେ, ରାମଚନ୍ଦ୍ର ପଣ୍ଡା, ସଞ୍ଜୟ କୁମାର ବେହେରା, ବିଶ୍ୱଜିତ୍ ସାହୁ, ମିଲଟନ ପୋଥାଲ, ହେମନ୍ତ କୁମାର ସେଠୀ, ସୁଧୀର ମଲିକ, ସୋନାଲି ଓଝା, ଦମୟନ୍ତୀ ଓଝା, ସଜିତା ସାହୁ, ଗୀତାଞ୍ଜଳି ସ୍ୱାଇଁ। କେ. ଜଗନ୍ନାଥ ରେଡ୍ଡୀ କୋଚ୍ ଓ ରାକେଶ ଚନ୍ଦ୍ର ବେହେରା ମ୍ୟାନେଜର ଭାବେ ଦଳ ସହ ରହିଛନ୍ତି। ଶିଳ୍ପା ଷଡଙ୍ଗୀ, କୁମାର ଶୁଭମ ଓ ଗୌରବ ପ୍ରଦୀପ ପାୱାର ମଧ୍ୟ ଦଳ ସହ ରହିଛନ୍ତି।

## ଫେବୃଆରୀ ୨୧ରୁ ଆଇ-ଲିଗ୍



ନୂଆଦିଲ୍ଲୀ,୨୮।୧(ଏଜେନ୍ସି): ଭାରତର ଦ୍ୱିତୀୟ ଡିଭିଜନ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଇ-ଲିଗ୍ ଫେବୃଆରୀ ୨୧ରୁ ଆରମ୍ଭ ହେବ। କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟର ନାମ ଆଇ-ଲିଗ୍ ପରିବର୍ତ୍ତେ ଇଣ୍ଡିଆନ ଫୁଟବଲ ଲିଗ୍ ନାମକରଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଆଇଏଫଏଫ୍‌ର ସ୍ୱୀକୃତି ପାଇଲେ ଟୁର୍ଣ୍ଣାମେଣ୍ଟର ନାମ ପରିବର୍ତ୍ତନ କରାଯିବ। ଏହି ଟୁର୍ଣ୍ଣାମେଣ୍ଟ ଚଳିତ ସିଜନରେ ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟଟି ହେଉଛି ଲିଗ୍, ଦ୍ୱିତୀୟଟି ହେଉଛି ଚାମ୍ପିଅନସିପ୍/ରେଲେଗେସନ ରାଉଣ୍ଡ। ଏହି ଫର୍ମାଟ ୨୦୨୦-୨୧ ଏବଂ ୨୦୨୧-୨୨ ସିଜନରେ ଖେଳାଯାଇଥିଲା। ଏଥର ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବ। ଏହା ମଧ୍ୟରୁ ପଏଣ୍ଟ ତାଲିକାରେ ପ୍ରଥମ ୬ଟି ସ୍ଥାନରେ ଥିବା ଦଳ ଚାମ୍ପିଅନସିପ୍ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିବେ। ଅନ୍ୟ ୬ଟି କ୍ଲବ୍ ରେଲେଗେସେନ ରାଉଣ୍ଡକୁ ଖସିବେ।

### ଅସ୍ମିତା ଜୋନାଲ ଫୁଟବଲ ଲିଗ୍

## ଗୁଜରାଟଠାରୁ ହାରିଲା ଓଡ଼ିଶା

କଟକ,୨୮।୧(ସମିସ): ୧୩ବର୍ଷରୁ କମ୍ ବାଳିକା ଅସ୍ମିତା ଜୋନାଲ ଫୁଟବଲ ଲିଗ୍ ବୁଧବାରଠାରୁ ଆରମ୍ଭ ହୋଇଛି। ଏମକେ ଭାବନଗର ବିଶ୍ୱବିଦ୍ୟାଳୟ ଫୁଟବଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ଲିଗ୍‌ର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶାକୁ ୭-୦ ଗୋଲରେ ଗୁଜରାଟ ପରାସ୍ତ କରିଛି। ଗୁଜରାଟର କାଶଭୀ ଅଗ୍ରୱାଲ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଅଧିନାୟିକା ସଞ୍ଜନା ମେନିୟା, ଜମବୁଚା ଦୟା ଏବଂ ଅଭନୀ ମହାପାତ୍ର ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗୁରୁବାର ମହାରାଷ୍ଟ୍ର ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ରଣଜୀ ଟ୍ରଫି | ଆଜିଠୁ ଓଡ଼ିଶା-ଝାଡ଼ଖଣ୍ଡ ଲଢ଼େଇ

### ନକ୍‌ଆଉଟ୍ ଦୌଡ଼ରୁ ବାଦ୍ ପଡ଼ି ସାରିଛି ଓଡ଼ିଶା


### ୧୩ବର୍ଷ ପରେ ଝାଡ଼ଖଣ୍ଡକୁ ହରାଇବା ଲକ୍ଷ୍ୟ

କଟକ,୨୮।୧(ସମିସ): ଚଳିତ ରଣଜୀ ଟ୍ରଫିରେ ନୈରାଶ୍ୟଜନକ ପ୍ରଦର୍ଶନ ସହିତ ଓଡ଼ିଶା ନକଆଉଟ୍ ଦୌଡ଼ରୁ ବାଦ୍ ପଡ଼ି ସାରିଛି। ଗୁରୁବାରଠାରୁ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବା ବେଳେ ଓଡ଼ିଶା ଝାଡଖଣ୍ଡକୁ ଭେଟିବ। ଜାମସେଦପୁରର କିନନ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ୬ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ୪ଟି ପରାଜୟ ଏବଂ ଗୋଟିଏ ଅମୀମାଂସିତ ଫଳାଫଳ ସହିତ ଓଡ଼ିଶା ମାତ୍ର ୭ ପଏଣ୍ଟ ସଂଗ୍ରହ କରି ଏଲିଟ ଗ୍ରୁପ-ଏ ଟେବଲର ୭ମ ସ୍ଥାନରେ ରହିଛି। ଝାଡଖଣ୍ଡ ବିପକ୍ଷ ମ୍ୟାଚ୍‌ର ଫଳାଫଳ କୌଣସି ପ୍ରଭାବ ପକାଇବ ନାହିଁ।

ଓଡ଼ିଶା ଏବଂ ଝାଡଖଣ୍ଡ ଗତ ୧୯ ବର୍ଷ ଭିତରେ ୫ଥର ମୁହାଁମୁହିଁ ହୋଇଛନ୍ତି। ଝାଡଖଣ୍ଡ ୨ଟି ଏବଂ ଓଡ଼ିଶା ଗୋଟିଏ ମ୍ୟାଚ୍ ଜିତିଛି। ଅବଶିଷ୍ଟ ୨ଟି ମ୍ୟାଚ୍ ଡ୍ର ରହିଛି। ୨୦୨୦ ସଂସ୍କରଣରେ ଶେଷଥର ମୁକାବିଲାରେ ମ୍ୟାଚ୍ ଅମୀମାଂସିତ ରହିଥିଲା। ୧୩ବର୍ଷ ପୂର୍ବେ ଓଡ଼ିଶା ୯ ୱିକେଟରେ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା। ଦୀର୍ଘବର୍ଷ ପରେ ଓଡ଼ିଶା ପୁର୍ନବାର ଝାଡ଼ଖଣ୍ଡ ବିପକ୍ଷରେ ବିଜୟ ପଏଣ୍ଟ ହାସଲ କରିବା ଆଶାରେ ରହିଛି। ତେବେ ଚଳିତ ସଂସ୍କରଣରେ ୬ଟି ମ୍ୟାଚ୍‌ରୁ ୨୫ ପଏଣ୍ଟ ସଂଗ୍ରହ କରିଥିବା ଝାଡ଼ଖଣ୍ଡ ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ ରହି ନକଆଉଟ ଦୌଡ଼ରେ ରହିଛି। ଶିଖର ମୋହନ(୪୯୭ରନ), କୁମାର କୁସର୍ଗ(୪୭୩ ରନ), ଶରଣଦୀପ ସିଂହ(୪୬୮ ରନ), ଅଧିନାୟକ ବିରାଟ ସିଂହ(୩୭୪ ରନ)ଙ୍କ ଭଳି ଚର୍ଚ୍ଚିତ ବ୍ୟାଟରଙ୍କ ସହଯୋଗରେ ଝାଡଖଣ୍ଡର ବ୍ୟାଟିଂ ଲାଇନଅପ ଶକ୍ତିଶାଳୀ ହୋଇଛି। ସ୍ପିନର ଅନୁକୂଳ ରାୟ ୨୨ଟି ୱିକେଟ ଅକ୍ତିଆର କରି ଚଳିତ ସିଜନରେ ଦଳର ପ୍ରମୁଖ ବୋଲର ସାବ୍ୟସ୍ତ ହୋଇଛନ୍ତି। ତେବେ ନିୟମିତ ଅଧିନାୟକ ଇଶାନ କିଶାନ ଜାତୀୟ ଦଳରେ ଥିବାରୁ ଏହି ମ୍ୟାଚରେ ଖେଳିବେ ନାହିଁ। ଅନ୍ୟପକ୍ଷରେ ତାମିଲନାଡୁଠାରୁ ଗତ ମ୍ୟାଚ୍‌ରେ ଶୋଚନୀୟ ଭାବେ ପରାଜୟ ପରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛି। ଓଡ଼ିଶା ନିମନ୍ତେ ଅଧିନାୟକ ଶୁଭ୍ରାଂଶୁ ସେନାପତି (୪୬୦ ରନ) ଏବଂ ଓପନର ସ୍ୱସ୍ତିକ ସାମଲ (୪୦୪ ରନ) ଆଖିଦୃଶିଆ ପ୍ରଦର୍ଶନ କରିଥିବା ବେଳେ ଅନ୍ୟ ବ୍ୟାଟରଙ୍କ ଠାରୁ ଉପଯୋଗୀ ପାଳି ଦେଖିବାକୁ ମିଳିନାହିଁ। ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକଙ୍କ ଉପରେ ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ନିର୍ଭର କରିବ। ଅଲରାଉଣ୍ଡର ଗୋବିନ୍ଦ ଓଡ଼ିଶା ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ସେହିପରି ରାଜେଶ ମହାନ୍ତି, ସମ୍ବିତ ବରାଳ, ତାପସ ଦାସ ଦଳର ପେସ୍ ଆଟାକ ଏବଂ ବାଦଲ ବିଶ୍ୱାଳ, ସୁମିତ ଶର୍ମା ଦଳର ସ୍ପିନ୍ ଆଟାକ ସମ୍ଭାଳିବେ।

## ଅଷ୍ଟ୍ରେଲିଆନ୍ ଓପନ୍ | ସେମିରେ ଭାଗ୍ୟଶାଳୀ ଜୋକୋଭିଚ୍

ମେଲବୋର୍ଣ୍ଣ, ୨୮ ।୧ (ଏଜେନ୍ସି):



ରେକର୍ଡ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ୪ର୍ଥ ସିଡ୍ ଜୋକୋଭିଚ୍‌ଙ୍କ ମୁକାବିଲା ଇଟାଲୀର ଲୋରେଞ୍ଜୋ ମୁସେଟିଙ୍କ ସହ ହୋଇଥିଲା। ପଞ୍ଚମ ସିଡ୍ ମୁସେଟି ଏହି ମ୍ୟାଚର ପ୍ରଥମ ଦୁଇଟି ସେଟ୍‌କୁ ଯଥାକ୍ରମେ ୬-୪, ୬-୩ରେ ବିଜୟୀ ହୋଇ ୨-୦ରେ ଅଗ୍ରଣୀ ରହିଥିଲେ। ତୃତୀୟ ସେଟ୍‌ରେ ଜୋକୋଭିଚ୍ ୩-୧ରେ ଆଗୁଆ ଥିବାବେଳେ ମୁସେଟି ଆଘାତ ପାଇ ବାଧ ହୋଇ ରିଟାୟାର୍ଡ ନେଇଥିଲେ। ଫଳରେ ୦-୨ରେ ପଛୁଆ ରହିଥିବା ଜୋକୋଭିଚ୍‌ଙ୍କୁ ୱାକଓଭର ମିଳିଥିଲା। ଏଥିସହ ମେଲବୋର୍ଣ୍ଣ ପାର୍କରେ ୧୦୩ତମ ବିଜୟ ଲାଭ କରି ଜୋକୋଭିଚ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଓପନ୍ ଏରାରେ ଅଷ୍ଟ୍ରେଲିଆନ ଓପନରେ ସର୍ବାଧିକ ମ୍ୟାଚ୍ ଜିତିବାରେ ରୋଜର ଫେଡରର (୧୦୨)ଙ୍କୁ ସେ ପଛରେ ପକାଇଦେଇଛନ୍ତି। ସେମିଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନରଙ୍କ ସହ ହେବ। ଅନ୍ୟ ଏକ କ୍ୱାର୍ଟରରେ ୬-୩, ୬-୪, ୬-୪ ସେଟରେ ଆମେରିକାର ବେନ୍ ଶେଲଟନଙ୍କୁ ପରାସ୍ତ କରିଥିଲେ।

### ରିବାକିନା-ପେଗୁଲା ସେମି ଲଢ଼େଇ

ଅପରପକ୍ଷରେ ବୁଧବାର ମହିଳା ସିଙ୍ଗଲ୍ସ ବିଭାଗର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ୫ମ ସିଡ୍ ଏଲିନା ରିବାକିନା ଓ ୬ଷ୍ଠ ସିଡ୍ ଜେସିକା ପେଗୁଲା ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। କାଜାଖସ୍ତାନ ତାରକା ରିବାକିନା ୭-୫, ୬-୧ ସିଧାସଳଖ ସେଟରେ ୨ୟ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକଙ୍କୁ ହରାଇଥିଲେ। ସେହିଭଳି ୪ର୍ଥ ସିଡ୍ ଆମଣ୍ଡା ଆନିସିମୋଭା ୨-୬, ୬-୭ (୧) ସେଟରେ ପେଗୁଲାଙ୍କ ନିଟକରୁ ପରାସ୍ତ ହୋଇଥିଲେ। ଗୁରୁବାର ମହିଳା ବିଭାଗର ଦୁଇଟି ଯାକ ସେମିଫାଇନାଲ ଖେଳାଯିବ। ଆରିନା ସାବାଲେଙ୍କା ଓ ଏଲିନା ସ୍ୱେତଲିନାଙ୍କ ମଧ୍ୟରେ ପ୍ରଥମ ଏବଂ ପେଗୁଲା ଓ ରିବାକିନାଙ୍କ ମଧ୍ୟରେ ୨ୟ ସେମିଫାଇନାଲ ଅନୁଷ୍ଠିତ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS